ବର୍ଷ-୨୬, ସଂଖ୍ୟା-୨୭୯
ଭୁବନେଶ୍ୱର
ଅକ୍ଟୋବର, ୧୬, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 279
Bhubaneswar
October, 16, 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ରିଲିଜ
ହେଲା
'ଜେଲର ୨'




# ଛାତ୍ର ସଂସଦ ନିର୍ବାଚନ : ରମାଦେବୀ ଓ ଉତ୍କଳରେ ଘମାସାନ

ଭୁବନେଶ୍ୱର,୧୫।୧୦(ମହାଭାରତ): ଉଚ୍ଚଶିକ୍ଷା ବିଭାଗ ଅଧୀନ ସରକାରୀ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଗୁରୁବାର ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଛି। ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଲକ୍ଷାଧିକ ଛାତ୍ରଛାତ୍ରୀ ସେମାନଙ୍କ ନେତା ଚୟନ କରିଛନ୍ତି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ନିର୍ବାଚନକୁ ବାତିଲ କରାଯାଇଛି। ତେଣୁ ଚଳିତବର୍ଷ ୧୨ଟି ବିଶ୍ୱବିଦ୍ୟାଳୟ ସମେତ ୩୪୬ଟି ମହାବିଦ୍ୟାଳୟକୁ ମିଶାଇ ମୋଟ ୩୫୮ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ପ୍ରତ୍ୟକ୍ଷ ନିର୍ବାଚନ ପାଇଁ ମତଦାନ ହୋଇଥିଲା। ଏଥିରେ ୬,୮୯୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କଲେ ଛାତ୍ରଛାତ୍ରୀ।

ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନର ଭୋଟ ଗଣତି ଓ ଫଳାଫଳ ଘୋଷଣାକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି। ବିଶ୍ୱବିଦ୍ୟାଳୟ କ୍ଷେତ୍ରୀୟ ପରିସ୍ଥିତି ଏବଂ ବିବାଦ କାରଣରୁ ଏପରି ହୋଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, କ୍ୟାମ୍ପସରେ ଭୋଟ ଗଣତି ପ୍ରକ୍ରିୟା ଶେଷ ହୋଇନଥିବାରୁ କୌଣସି ଆନୁଷ୍ଠାନିକ ଫଳାଫଳ ପ୍ରକାଶ କରାଯାଇ ନାହିଁ। ଫଳାଫଳ ଘୋଷଣା ବିଳମ୍ବକୁ ନେଇ ପ୍ରତିକ୍ରିୟା ରଖିଲେ ପିଜି କାଉନସିଲ୍ ଅଧ୍ୟକ୍ଷାଙ୍କ ମଧୁସ୍ମିତା ପାଢ଼ୀ। ଗଣତି ଜାରି ରଖିବା ପାଇଁ ୩ ସଭାପତି ପ୍ରାର୍ଥୀଙ୍କୁ ଡକାଗଲା। ସଭାପତି ପ୍ରାର୍ଥୀ ନଥିଲେ ଏଜେଣ୍ଟ ପଠାଇବାକୁ ଅନୁରୋଧ କରାଯାଇଛି ।

ଭୋଟ ଗଣତିରେ ବିଳମ୍ବ ଏବଂ କାର୍ଯ୍ୟାନୁଷ୍ଠାନକୁ ନେଇ ବିଶ୍ୱବିଦ୍ୟାଳୟ ପରିସର ଓ ଗେଟ୍ ବାହାରେ ଛାତ୍ରୀ ଓ ବିଭିନ୍ନ ଛାତ୍ର ସଂଗଠନ (ଇଉଔଉ ଏବଂ ଇଇଠଚ) ମଧ୍ୟରେ ତୀବ୍ର ନାରାବାଜି ସହ ଉତ୍ତେଜନା ପ୍ରକାଶ ପାଇଛି। କ୍ୟାମ୍ପସ ବାହାରେ ଦୁଇ ପକ୍ଷ ମୁହାଁମୁହିଁ ହେବା ସହ ବୋମାମାଡ଼ ଭଳି ଅଭିଯୋଗ ସାମ୍ନାକୁ ଆସିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି ଏବଂ ପୋଲିସ ପକ୍ଷରୁ ଛାତ୍ରୀମାନଙ୍କୁ କ୍ୟାମ୍ପସ ଛାଡ଼ିବାକୁ ନିବେଦନ କରାଯାଇଛି।ରାଜ୍ୟରେ ଆଜି ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ କଲେଜର ଫଳାଫଳ ଆସିଗଲାଣି। ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର (ଜିଏମ) ବିଶ୍ୱବିଦ୍ୟାଳୟରେ ହୋଇଥିବା ଛାତ୍ର ସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ବିଜୟ ହୋଇଛି। ସଭାପତି ଭାବେ ସ୍ୱାଧୀନ ଆଚାର୍ଯ୍ୟ ବିଜୟୀ ହୋଇଥିବା ବେଳେ ସମ୍ପାଦକ ଭାବେ ନିଖିଳ ଅଗ୍ରୱାଲ ଜିତିଛନ୍ତି। ବିଶ୍ୱବିଦ୍ୟାଳୟର ସମସ୍ତ ୧୩ ପଦବୀରେ ଏବିଭିପ ପ୍ରତିନିଧିଙ୍କ ବିଜୟ ହୋଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏବିଭିପ ପ୍ରାର୍ଥୀ ବିଜୟୀ ହୋଇଛନ୍ତି।

ଭୁବନେଶ୍ୱରର ଦୁଇ ପ୍ରମୁଖ କଲେଜ ରାଜଧାନୀ ମହାବିଦ୍ୟାଳୟ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଫଳାଫଳ ମଧ୍ୟ ସାମ୍ନାକୁ ଆସି ସାରିଛି। ଏହି ଦୁଇ କଲେଜରେ ବାଜି ମାରିଛନ୍ତି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ



(ଏବିଭିପି) ପ୍ରାର୍ଥୀଙ୍କ ବିଜୟ ହୋଇଛି। ବିଜେବି କଲେଜରେ ଆର୍ଯ୍ୟନ ମହାପାତ୍ର ସଭାପତି ପଦ ହାତେଇ ଥିବା ବେଳେ ରାଜଧାନୀ କଲେଜରେ ସଭାପତି ପଦରେ ବିଜୟୀ ହୋଇଛନ୍ତି ଅବିନାଶ ପାଢ଼ୀ।

କେନ୍ଦ୍ରାପଡା ଜିଲ୍ଲା ଅନ୍ତେଇ ବିଜୁ ପଟ୍ଟନାୟକ କଲେଜରେ ଏବିଭିପିର ବିଜୟ ହୋଇଥିବା ବେଳେ ଅନୁଗୋଳ ମହିଳା କଲେଜ ଓ କଟକ କଲେଜ ଏବଂ କିଶୋର ନଗର ଡିଗ୍ରୀ କଲେଜ୍‌ରେ ମଧ୍ୟ ଏବିଭିପିର ବିଜୟ ହୋଇଛି। ଧାମନଗର ମହାବିଦ୍ୟାଳୟରେ ଏବିଭିପିର ବିଜୟ ହୋଇଥିବା ବେଳେ ବଲାଙ୍ଗିର ସରକାରୀ ମହାବିଦ୍ୟାଳୟ ସଭାପତି ପଦରେ ଏବିଭିପି ବିଜୟୀ ହୋଇଛି। ସେହିପରି ପାରାଦୀପ କଲେଜରେ ସଭାପତି ପଦରେ ଏବିଭିପି ବିଜୟୀ ହୋଇଛି।

ପାଟଣାଗଡ ଜ୍ୟୋତିବିକାଶ କଲେଜରେ ଏବିଭିପିବିଜୟୀ ହୋଇଥିବା ବେଳେ କୋଟପାଡ ମହାବିଦ୍ୟାଳୟ, ଆଗଲପୁର ରୋଡ କଲେଜ୍, ପରଜଙ୍ଗ ଡିଗ୍ରୀ ମହାବିଦ୍ୟାଳୟ, ଯୋରନ୍ଦା ମହିମା ମହାବିଦ୍ୟାଳୟ ଓ କେନ୍ଦୁଝର ମହିଳା ମହାବିଦ୍ୟାଳୟରେ ଏବିଭିପି ବାଜି ମାରିଛି। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଡିଗ୍ରୀ ମହାବିଦ୍ୟାଳୟ ସଭାପତି ପଦରେ ଏବିଭିପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବାସୁଦେବ ଗୋଦାବରୀ ଡିଗ୍ରୀ ମହାବିଦ୍ୟାଳୟରେ ସମସ୍ତ ଏବିଭିପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। କୁନ୍ତରା ଗୋକୁଳ ପାର୍ବତୀ ଡିଗ୍ରୀ ମହାବିଦ୍ୟାଳୟରେ ଏବିଭିପି ବିଜୟୀ ହୋଇଛି। ପୁରୀ ଜିଲ୍ଲା ପିପିଲି ମହାବିଦ୍ୟାଳୟରେ ଏବିଭିପି ବିଜୟୀ ହୋଇଛି। କଟକ ଶୈଳବାଳା କଲେଜରେ ସଭାପତି ପଦ ଜିତିଛନ୍ତି ସ୍ୱାଧୀନ ପ୍ରାର୍ଥୀ। ଏଠାରେ ପ୍ରଜ୍ଞା ପରମିତା ନାୟକ ସଭାପତି ପଦରେ ବିଜୟୀ ହୋଇଛନ୍ତି। ଖ୍ରୀଷ୍ଟ କଲେଜରେ ସଭାପତି ପଦ ଜିତିଛନ୍ତି ସ୍ୱାଧୀନ ପ୍ରାର୍ଥୀ ଦୀପକ ମୁଣ୍ଡା। ସେହିପରି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ବାଜି ମାରିଛି ସ୍ୱାଧୀନ ପ୍ରାର୍ଥୀ। ଏଠାରେ ସଭାପତି ପଦ ହାସଲ କରିଛନ୍ତି ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ ପୁଣ୍ଡି। ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାଜି ମାରିଛନ୍ତି ସ୍ୱାଧୀନ ପ୍ରାର୍ଥୀ ସୌମେନ୍ଦ୍ର ଭୋଳ। ସେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ନୟାଗଡ ଜିଲ୍ଲା ଦଶପଲ୍ଲାର ବୃନ୍ଦାବନ ସୁବୁଦ୍ଧି ଡିଗ୍ରୀ ମହାବିଦ୍ୟାଳୟରେ ବିସିଜେଡି ବିଜୟୀ ହୋଇଛି। ଏହି କଲେଜର ଛାତ୍ରସଂସଦର ସଭାପତି, ଉପସଭାପତି, ସା.ସମ୍ପାଦକ ପଦବୀରେ ବିସିଜେଡପ୍ରାର୍ଥୀଙ୍କ ବିଜୟ ହୋଇଛି। ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାଜିମାରିଛି ବିସିଜେଡି।

ଝାରସୁଗୁଡା ପିକେଏସଏସ କଲେଜରେ ବିସିଜେଡି ବିଜୟୀ ହୋଇଛି। ଏଠାରେ ସଭାପତି ଓ ସାଧାରଣ ସମ୍ପାଦକ ପଦବୀରେ ବିସିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେହିପରି କମଳା ନେହରୁ ମହିଳା ମହାବିଦ୍ୟାଳୟ, ବାସୁଦେବପୁର କଲେଜ, ଜୟପାଟଣା ଇନ୍ଦ୍ରାବତୀ କଲେଜ ଓ ଖଡିଆଳ ମଡେଲ କଲେଜ୍‌ରେ ବିସିଜେଡି ପ୍ରାର୍ଥୀଙ୍କ ବିଜୟ ହୋଇଛି। ନିଆଳି କଲେଜ୍‌ରେ ବାଜିମାରିଲା ବିସିଜେଡି ।କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ କଲେଜ୍‌ରେ ବିସିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ବେଲପଡା, ପାଟଣେଶ୍ୱରୀ ମହିଳା ମହାବିଦ୍ୟାଳୟରେ ମଧ୍ୟ ବାଜି ମାରିଛି ବିସିଜେଡି ।ପଟ୍ଟାମୁଣ୍ଡାଇର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବିସିଜେଡି ବିଜୟୀ ହୋଇଛି। ସୁବର୍ଣ୍ଣପୁରର ବୀରମହାରାଜପୁର କଲେଜ୍‌ରେ ବିସିଜେଡି ବିଜୟୀ ହୋଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଡିଗ୍ରୀ କଲେଜରେ ବିସିଜେଡି ବିଜୟୀ ହୋଇଛି। ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ ବିସିଜେଡି ବିଜୟୀ ହୋଇଛି। ବାଳକାଟି ପ୍ରତାପ ଶାସନ ଡିଗ୍ରୀ କଲେଜରେ ବିସିଜେଡି ବିଜୟୀ। ତିର୍ତ୍ତୋଲ ଆଦିକବି ସାରଳା ଦାସ କଲେଜ୍‌ରେ ବିସିଜେଡି ବିଜୟୀ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୫।୧୦(ମହାଭାରତ): ଜାତୀୟ ରାଜପଥ ଓ ରାଜ୍ୟ ରାଜପଥଗୁଡିକରେ ବେଆଇନ ପାର୍କିଂ ରୋକିବାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ପ୍ରମୁଖ ଖଣି ଓ ଶିଳ୍ପାଞ୍ଚଳର ଜାତୀୟ ତଥା ରାଜ୍ୟ ରାଜପଥଗୁଡ଼ିକରେ ବାଣିଜ୍ୟିକ ଓ ବଡ଼ବଡ଼ ଯାନଗୁଡ଼ିକର ବେଆଇନ ପାର୍କିଂ ଯୋଗୁଁ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ପଦକ୍ଷେପ ନିଆଯାଉ। ଶ୍ରୀ ପ୍ରଧାନ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଏବଂ 'ଓଡ଼ିଶା ରାଜ୍ୟ ରାଜପଥ କର୍ତ୍ତୃପକ୍ଷ ଆଇନ, ୨୦୨୫' ଅନୁଯାୟୀ ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦୃଢ଼ ଆଇନଗତ କ୍ଷମତା ରହିଛି। ଶିଳ୍ପ ଓ ଖଣି କମ୍ପାନି, ପରିବହନକାରୀ ଓ ଡ୍ରାଇଭରଙ୍କ ବିରୁଦ୍ଧରେ ଜରିମାନା ଏବଂ କାରାଦଣ୍ଡ ବ୍ୟବସ୍ଥା କଡ଼ାକଡ଼ି କରିବା, ଲଜିଷ୍ଟିକ୍ସ ଅବ୍ୟବସ୍ଥା ପାଇଁ କର୍ପୋରେଟ୍ ଲାୟାବିଲିଟି ଲାଗୁ କରିବା ସହ ଜିଲ୍ଲା ସଡ଼କ ସୁରକ୍ଷା ଟାସ୍କଫୋର୍ସ ଜରିଆରେ ନିୟମିତ ସମୀକ୍ଷା କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ସୁପାରିସ କରିଛି।

## ନଭେମ୍ବର ୧ରୁ 'ଅଜଣା ନମ୍ବର କଲିଂ' ବନ୍ଦ

ଭୁବନେଶ୍ୱର,୧୫।୧୦(ମହାଭାରତ): ଆଉ ଆପଣଙ୍କ ମୋବାଇଲକୁ ଆସିବ ନାହିଁ ଅଜଣା ନମ୍ବରରୁ କଲ। କାରଣ ଭାରତ ସରକାର ସମସ୍ତଙ୍କ ପାଇଁ କଲର ଆଇଡି ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଟେଲିକମ୍ୟୁନିକେସନ ବିଭାଗ ପକ୍ଷରୁ ସମସ୍ତ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥାଗୁଡିକୁ ନଭେମ୍ବର ୧ରୁ କଲିଂ ନେମ ପ୍ରେଜେଣ୍ଟେସନ(ସିଏନଏପି) ବାଧ୍ୟମୂଳକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଏନଏପି ହେଉଛି ଭାରତର କଲର ପରିଚୟ ଯାଞ୍ଚ ବ୍ୟବସ୍ଥା। ଏହାଦ୍ୱାରା କଲ କରିଥିବା ବ୍ୟକ୍ତିଙ୍କ ନମ୍ବର ସହ ଓ ନାଁ ମଧ୍ୟ ମୋବାଇଲରେ ଦେଖାଯିବ। ବେଳେବେଳେ ଅଜଣା ନମ୍ବରରୁ କଲ ଆସିଥିବା ମୋବାଇଲରେ ଡିସପ୍ଲେ ହୋଇଥାଏ।କିନ୍ତୁ ନଭେମ୍ବର ୧ରୁ ଆଉ ଅଜଣା ନମ୍ବର ବୋଲି କିଛି ରହିବ ନାହିଁ। ଫୋନ ଆସିବ ମାନେ କଲ କରିଥିବା ବ୍ୟକ୍ତିଙ୍କ ନାଁ ଫୋନ ପାଇଥିବା ବ୍ୟକ୍ତିଙ୍କ ମୋବାଇଲରେ ଦେଖାଯିବ। ବିଭାଗର ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସିଏନଏପି ଦେଶର ସମସ୍ତ ୪ଜିଓ ଏହା ଠାରୁ ଉନ୍ନତ ନେଟୱର୍କ ପାଇଁ ଲାଗୁହେବ। ଯେତେବେଳେ ଆପଣ ଗୋଟିଏ କଲ ପାଉଛନ୍ତି ସେତେବେଳେ ସିଏନଏପି କଲ୍ କରିଥିବା ବ୍ୟକ୍ତିଙ୍କ ନମ୍ବର ଓ ନାଁ ପ୍ରଦର୍ଶନ କରିବ।

# ଅନ୍ତ୍ୟୋଦୟ ଯୋଜନାରେ ୨,୯୧,୬୬୬ ନୂଆ ଘର

ଭୁବନେଶ୍ୱର,୧୫।୧୦(ମହାଭାରତ): ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ୨,୯୧,୬୬୬ ନୂଆ ଘର ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହା ସହିତ ଏହି ଯୋଜନାର କାର୍ଯ୍ୟକାଳ ମଧ୍ୟ ୨ ବର୍ଷ ବୃଦ୍ଧି ପାଇଛି। ୨୦୨୭ ପରିବର୍ତ୍ତେ ୨୦୨୯ ପର୍ଯ୍ୟନ୍ତ ଏହାର ଅବଧି ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତି ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ସମସ୍ତଙ୍କ ପାଇଁ ଘର ଯୋଗାଇ ଦେବାର ଲକ୍ଷ୍ୟ ଖୁବ୍ ଶୀଘ୍ର ହାସଲ କରାଯିବ।



ସୂଚନାଯୋଗ୍ୟ ଯେ, ଏହି ଯୋଜନାର ସମୁଦାୟ ପ୍ରକଳ୍ପ ଖର୍ଚ୍ଚ ୭,୫୫୦ କୋଟି ଟଙ୍କା ପୂର୍ବ ପରି ଅପରିବର୍ତ୍ତିତ ରହିବ। ତେବେ ଏହି ପ୍ରକଳ୍ପର ୩,୫୦୦ କୋଟି ଟଙ୍କା ରିପେୟାରିଙ୍ଗ୍ କମ୍ପୋନେଣ୍ଟକୁ ନୂଆ ଘର ନିର୍ମାଣ ପାଇଁ ନିଷ୍ପତ୍ତି କରାଯାଇଛି। ଏହି ଯୋଜନାରେ ଯେଉଁ ହିତାଧିକାରୀମାନେ ୪୮, ୫୦୦ ଟଙ୍କା କିମ୍ବା ତା ଠାରୁ କମ ପାଇଥିବେ ଏବଂ ଅନ୍ୟ ଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହେବେ। ଏଥିପାଇଁ ନୂଆ ହିତାଧିକାରୀ ଚିହ୍ନଟ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଶୀଘ୍ର ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ଏହି ଯୋଜନାରେ ପୂର୍ବ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ପରିମାଣରେ ମଧ୍ୟ ବୃଦ୍ଧି କରାଯାଇଛି। ପୂର୍ବରୁ ୪ ମାସରେ ଘର ଶେଷ କରୁଥିବା ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୫ ମାସରେ ଘର ଶେଷ କଲେ ୩୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ସେହିପରି ୬ ମାସରେ ଘର ଶେଷ କରୁଥିବା ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳୁଥିବା ବେଳେ ଏବେ ୭ ମାସରେ ଘର ଶେଷ କଲେ ୨୦ ହଜାର ଟଙ୍କା ମିଳିବ।

ଏହାଦ୍ୱାରା ଆହୁରି ଅଧିକ ବ୍ୟକ୍ତି ଏହି ଯୋଜନାର ଲାଭ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ୫ ଲକ୍ଷ ପରିବାରଙ୍କ ପାଇଁ ଘର ନିର୍ମାଣ କରିବାର ଲକ୍ଷ୍ୟ ରହିଥିଲା। ମୁଖ୍ୟତଃ ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇନଥିବେ ତଥା ଗରିବ ଓ ଅସହାୟ ଥିବେ, ସେହିମାନଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି।

## ଫେବୃଆରୀରେ ଚୂଡାନ୍ତ ଭୋଟର ତାଲିକା

ଭୁବନେଶ୍ୱର, ୧୫।୧୦(ନି.ପ୍ର) : ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସ୍ୱଚ୍ଛ ,ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟ ନେଇ ଅକ୍ଟୋବର ୨୬ ରୁ ନଭେମ୍ବର ୭ ଯାଏଁ ଡୋର ଟୁ ଡୋର ସର୍ଭେ ହେବ। ଏସଆଇଆରରେ ନାଁ କଟିଥିଲେ ବି ଆବଶ୍ୟକୀୟ ପ୍ରମାଣ ପତ୍ର ଦେଇ ଯୋଡି ପାରିବେ। ସେହିପରି ବାଦ ଦେବାକୁ ମଧ୍ୟ ବ୍ୟବସ୍ଥା ରହିଛି ବୋଲି ରାଜ୍ୟ ନିର୍ବାଚନ କମିଶନ ମଧୁସୂଦନ ପାଢ଼ୀ କହିଛନ୍ତି ।ଜାନୁଆରୀରେ ପ୍ରକାଶ ପାଇବ ଡ୍ରାଫ୍ଟ ତାଲିକା। ଫେବୃଆରୀ ୧୦ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ଲକ୍ଷ୍ୟ ରହିଛି। ସେପ୍ଟେମ୍ବର ୨୧ ରେ ଏସଆଇଆର ପରେ କେନ୍ଦ୍ର ନିର୍ବାଚନ କମିଶନଙ୍କ ଭୋଟର ତାଲିକା ଅନୁସାରେ ରାଜ୍ୟ ନିର୍ବାଚନ କମିଶନ କରିବେ ସର୍ଭେ ?।। ପଞ୍ଚାୟତ ନିର୍ବାଚନ ପାଇଁ ପ୍ରତି ୱାର୍ଡରେ ରହିବ ଗୋଟିଏ ବୁଥ। ବିଧାନସଭାର ୩୯୦୦୦ ବୁଥକୁ ଭାଙ୍ଗି ୯୧ ହଜାର ବୁଥ କରାଯିବ। ପୌରାଞ୍ଚଳରେ ୬ ହଜାର ବୁଥ ରହିଲେ, ଆବଶ୍ୟକ ପଡିଲେ ଅଧିକ ବୁଥ କରାଯିବ।

ସହରାଞ୍ଚଳରେ ଇଭିଏମ ଏବଂ ଗ୍ରାମାଞ୍ଚଳରେ ବାଲାଟରେ ନିର୍ବାଚନ ହେବ। ଡୋର ଟୁ ସର୍ଭେ ଟିମରେ ବୁଥ୍ ସ୍ତରୀୟ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ , ଜଳସାଥି, ସ୍ୱଚ୍ଛସାଥି ଏବଂ ଆଶା କର୍ମୀ ଘରକୁ ଘର ବୁଲିବେ। ପିଇଓ,ବୁଥ୍ ସ୍ତରୀୟ ଅଧିକାରୀଙ୍କରସୁପରଭାଇଜର, ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ ଏବଂ ନିର୍ବାଚକ ପଞ୍ଜିକରଣ ଅଧିକାରୀ ସମ୍ପୂର୍ଣ୍ଣ ପ୍ରକ୍ରିୟାର ତଦାରଖ କରିବେ।

ସର୍ଭେ ବେଳେ ସହଯୋଗ ପାଇଁ ଓଡିଶା ବାସୀଙ୍କୁ ଅନୁରୋଧ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ। ଏହି ସର୍ଭେ ସମୟରେ ଭୋଟର ମାନେ ପୂର୍ବରୁ ବାଦ ପଡ଼ିଥିଲେ ଯୋଡି ହୋଇ ପାରିବେ, ଆଉ ଅଯୋଗ୍ୟ ଭୋଟରଙ୍କୁ ବାଦ ବି ଦିଆଯାଇ ପାରିବ। ନାମ ଯୋଡିବା ଏବଂ ସଂଶୋଧନ ପାଇଁ ଦାବୀ ଫର୍ମ ନମ୍ବର ୧୬ ଏବଂ ନାମ ବାଦ ଦେବା ପାଇଁ ଆପତ୍ତି ଫର୍ମ ୧୭ କୁ ଦାଖଲ କରିବାକୁ ପଡିବ। ବଡ କଥା ହେଲା ନୂଆ ଭୋଟର ଲିଷ୍ଟ ହେଲେ ଗୋଟିଏ ପରିବାରର ସମସ୍ତ ଭୋଟର ଗୋଟିଏ ବୁଥରେ ହିଁ ଭୋଟ ଦେବେ। ତେବେ ରାଜ୍ୟ ନିର୍ବାଚନ କମିଶନଙ୍କ ସୂଚନା ଆଧାରରେ ୨୦୨୫ ଭୋଟର ଲିଷ୍ଟ ଅନୁଯାୟୀ ୩୦ଟି ଜିଲ୍ଲାରେ କରାଯାଇଥିବା ପାଇଲଟ୍ ସର୍ଭେରେ ଜଣା ପଡିଥିଲା ଯେ ପ୍ରାୟ ୭.୬୧% ଲୋଟର ମୃତ୍ୟୁ/ସ୍ଥାନାନ୍ତର ସତ୍ତ୍ୱେ ଲୋଟର ତାଲିକାରେ ଅଛନ୍ତି ଏବଂ ପ୍ରାୟ ୪.୮୭% ଯୋଗ୍ୟ ଭୋଟର ବାଦ୍ ପଡ଼ିଛନ୍ତି।

# ମୁଖ୍ୟ ନିର୍ବାଚନ କମିଶନରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ,୧୫।୧୦(ମହାଭାରତ): ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆରରେ ଅନିୟମିତତା ଓ ଭୋଟର ତାଲିକାରୁ ନାଁ କଟିବା ଅଭିଯୋଗରେ ସୁପ୍ରିମକୋର୍ଟଙ୍କ ବଡ ପଦକ୍ଷେପ। ବିରୋଧୀ ଇଣ୍ଡିଆ ବ୍ଲକ ନେତାଙ୍କ ଆବେଦନ ଉପରେ ଆଜି ଦେଶର ନିର୍ବାଚନ କମିଶନ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ଦୁଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କୁ ଜବାବ ତଲବ କରିଛନ୍ତି ସର୍ବୋଚ୍ଚ ଅଦାଲତ।



ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ସମେତ ଇଣ୍ଡିଆ ବ୍ଲକର ଅନେକ ସଦସ୍ୟ ଓ ବିଭିନ୍ନ ସଂଗଠନ ଭୋଟର ତାଲିକାରୁ ଅନେକ ଲୋକଙ୍କ ନାଁ କଟିବା ଉପରେ ପ୍ରଶ୍ନ ଉଠାଇଥିଲେ। ସେହିପରି ବିଭିନ୍ନ ସ୍ଥାନରେ ଚାଲିଥିବା ଏସ୍ଆଇଆରରେ ଅନିୟମିତତା ହୋଇଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି।

ଏନେଇ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଥିଲା। ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଇସିଆଇ ଓ ସିଇସିଙ୍କୁ ନୋଟିସ କରିଛନ୍ତି। ଏସ୍ଆଇଆରର ବୈଧତାକୁ ନେଇ ହୋଇଥିବା ସମସ୍ତ ଆବେଦନର ଶୁଣାଣି ଏକାଠି କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି।

ଖଣ୍ଡପୀଠ କହିଛନ୍ତି, "ଆମେ ନୋଟିସ ଜାରି କରୁଛୁ ଓ ପଡି ରହିଥିବା ମାମଲା ସହ ସମସ୍ତ ଆବେଦନକୁ ଯୋଡୁଛୁ। କେହି ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନୋଟିସ ଗ୍ରହଣ କରିପାରିବେ। ନଚେତ ଏହା ତାଙ୍କୁ ଦେଇ ପାରିବେ।"

ଶୁଣାଣି ସମୟରେ ଜଣେ ଆବେଦନକାରୀଙ୍କ ଆଚରଣ ସମ୍ପର୍କରେ କୋର୍ଟ ସ୍ପଷ୍ଟୀକରଣ ମାଗିଛନ୍ତି। କିନ୍ତୁ ସେହି ଆବେଦନକାରୀ ଜଣଙ୍କ ରାହୁଲ ଗାନ୍ଧି ବୋଲି କୋର୍ଟ ସିଧାସଳଖ କହି ନାହାନ୍ତି। କୋର୍ଟ କହିଛନ୍ତି, "ନୋଟିସ ଜାରି କରାଯାଉଛି। କିନ୍ତୁ ଗୋଟିଏ ଆପତ୍ତି ରହିଛି। ଆମେ ଜଣେ ଆବେଦନକାରୀ ଆଚରଣ ସମ୍ପର୍କରେ ପରବର୍ତ୍ତୀ ଶୁଣାଣି ସମୟରେ ଜାଣିବାକୁ ଚାହୁଁଛୁ। ନୋଟିସ ଜାରି କରିବାର ଅର୍ଥ ଆମେ କୌଣସି ଜିନିଷକୁ ନିନ୍ଦା କରୁଛୁ ବୋଲି ଭାବିବା କଥା ନୁହେଁ।" ଏହି ପ୍ରସଙ୍ଗରେ ରାହୁଲ ଗାନ୍ଧିଙ୍କ ବ୍ୟତୀତ ଅନ୍ୟ ଆବେଦନକାରୀଙ୍କ ମଧ୍ୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ଟିଏମସି ନେତା ସୌଗତ ରୟ, ସପା ମୁଖ୍ୟ ଅଖିଳେଶ ଯାଦବ, ଆରଜେଡି ନେତା ତେଜସ୍ୱୀ ଯାଦବ, ଶିବସେନା(ଉଦ୍ଧବ ଠାକରେ) ସାଂସଦ ସଞ୍ଜୟ ରାଉତ, ସିପିଆଇ(ଏମ) ନେତା ଏମଏ ବବି, ସିପିଆଇ ନେତା ଡି ରାଜା, ଜେଏମଏମର ମହୁଆ ମାଝୀ, ଏନସିପି(ଶରଦ ପାୱାର)ର ସୁପ୍ରିୟା ସୁଲେ ଓ ଆଇୟୁଏମଏଲର ମହମ୍ମଦ ବଶୀର ରହିଛନ୍ତି। ଏସ୍ଆଇଆର ଓ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳଗୁଡିକ ବିକ୍ଷୋଭ ବିକ୍ଷୋଭ କରୁଥିବା ବେଳେ ସୁପ୍ରିମକୋର୍ଟରେ ମାମଲା ପହଞ୍ଚିଛି। ଆଉ ସୁପ୍ରିମକୋର୍ଟ ପୂରା ଘଟଣାରେ ଜ୍ଞାନେଶ କୁମାରଙ୍କୁ ଜବାବ ତଲବ କରିଛନ୍ତି।

## ଲୋକଭବନରେ ୧୪୪ ଆବାସିକ କ୍ୱାର୍ଟର୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ଭୁବନେଶ୍ୱର, ୧୫।୧୦(ମହାଭାରତ): ଭୁବନେଶ୍ୱରସ୍ଥିତ ଲୋକଭବନ ପରିସରରେ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ୧୪୪ଟି ଆବାସିକ କ୍ୱାର୍ଟର୍ସ ନିର୍ମାଣ ନିମନ୍ତେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।ଏହି ପ୍ରକଳ୍ପ ଅନ୍ତର୍ଗତ ଚାରୋଟି ବ୍ଲକ୍‌ରେ ୯୬ଟି 'ଇ-ଟାଇପ୍' ଏବଂ ଦୁଇଟି ବ୍ଲକ୍‌ରେ ୪୮ଟି 'ଏଫ୍-ଟାଇପ୍' କ୍ୱାର୍ଟର୍ସ ନିର୍ମାଣ କରାଯିବ। ଷ୍ଟିଲ୍ଟ ସମେତ ଛଅ ମହଲା ବିଶିଷ୍ଟ ଏହି ଆବାସିକ କୋଠାଗୁଡ଼ିକର ନିର୍ମାଣ କାର୍ଯ୍ୟ 'ଟର୍ଣ୍ଣକି' ଭିତ୍ତିରେ କରାଯିବ। ମେ ୨୦୨୮ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି।ଏହି ପ୍ରକଳ୍ପ ଲୋକଭବନରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ କଲ୍ୟାଣ ତଥା ସେମାନଙ୍କୁ ପର୍ଯ୍ୟାପ୍ତ ଆବାସିକ ସୁବିଧା ଯୋଗାଇଦେବା ଦିଗରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପର ପ୍ରତିଫଳନ।

# ସାଂସଦ-ବିଧାୟକଙ୍କ ମାମଲାର ବିଚାର ପାଇଁ ଖୋଲିବ ୧୪ କୋର୍ଟ

ଭୁବନେଶ୍ୱର,୧୫।୧୦(ମହାଭାରତ): ରାଜ୍ୟରେ ପୂର୍ବତନ ଓ ବର୍ତ୍ତମାନର ବିଧାୟକ-ସାଂସଦମାନଙ୍କ ବିରୋଧରେ ବର୍ଷବର୍ଷ ଧରି ପଡିରହିଥିବା ଅପରାଧ ମାମଲାଗୁଡିକର ତ୍ୱରିତ ଫଇସଲା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଲୋକପ୍ରତିନିଧି(ବିଧାୟକ-ସାଂସଦ)ମାନଙ୍କ ସହ ଜଡିତ ମାମଲାର ବିଚାର ପ୍ରକ୍ରିୟାକୁ ତ୍ୱରିତ୍ ଶୁଣାଣି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୧୪ଟି ସ୍ୱତନ୍ତ୍ର କୋର୍ଟ ଖୋଲିବାକୁ ମଞ୍ଜୁରୀ ଦେଇଛନ୍ତି। ଏଥିରେ ଜିଲ୍ଲା ଜଜ୍ କ୍ୟାଡରର ୩ଟି ଦୈାରାଜଜ୍ ଅଦାଲତ ଓ ସିଭିଲ୍ ଜଜ୍ କ୍ୟାଡରର ୧୧ଟି ମାଜିଷ୍ଟ୍ରେଟ୍ ଅଦାଲତ ସାମିଲ ରହିଛି। ଏହି କୋର୍ଟ କାର୍ଯ୍ୟକ୍ଷମ ହେବା ପାଇଁ ବିଚାରପତି ଓ ଆନୁସଙ୍ଗିକ କର୍ମଚାରୀଙ୍କୁ ମିଶାଇ ମୋଟ ୧୩୬ଟି ନୂଆ ପଦବୀ ସୃଷ୍ଟିକୁ ଗୃହ ବିଭାଗ ମଞ୍ଜୁରୀ ଦେଇଛି। ଏନେଇ ମଙ୍ଗଳବାର ବିଧିବଦ୍ଧ ବିଜ୍ଞପ୍ତି ଗୃହ ବିଭାଗ ପକ୍ଷରୁ ଜାରି ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏସଂକ୍ରାନ୍ତୀୟ ମୋଟ ୪୧୯ଟି ମାମଲା ବିଚାରାଧୀନ ରହିଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁସାରେ, ୩ଟି ଜିଲ୍ଲା ଜଜସ୍ତରୀୟ ସ୍ୱତନ୍ତ୍ର କୋର୍ଟ ପାଇଁ ମୋଟ ୪୮ଟି ପଦବୀ ଓ ୧୧ଟି ସିଭିଲ୍ ଜଜସ୍ତରୀୟ ସ୍ୱତନ୍ତ୍ର କୋର୍ଟ ପାଇଁ ୮୮ଟି ପଦବୀ ମଞ୍ଜୁର ହୋଇଛି। ଏହି ମୋଟ ୧୩୬ଟି ନୂଆ ପଦବୀ ମଧ୍ୟରେ ୨୦ଟି ହାଉସ ଅର୍ଡରଲି ପଦବୀକୁ ନିୟମିତ ବେତନ ହାର ବଦଳରେ ମାସିକ ୧୫ହଜାର ଟଙ୍କା ଲେଖାଏଁ ଏକକାଳୀନ ପାରିଶ୍ରମିକ ମିଳିବ। ସେହିପରି ୮ଜଣ ସଫେଇ କର୍ମଚାରୀ ଓ ରାତ୍ରି ଜଗୁଆଳିଙ୍କୁ ବାହ୍ୟ ଏଜେନ୍ସି ମାଧ୍ୟମରେ ନିୟୋଜିତ କରାଯିବ।

୩ଟି ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର କୋର୍ଟରେ ୩ଜଣ ଅତିରିକ୍ତ ଜିଲ୍ଲା ଦୈାରାଜଜ୍, ୩ ଜଣ ପ୍ରଥମ ଶ୍ରେଣୀ କିରାଣି, ୩ଜଣ ଷ୍ଟେନୋ, ୩ଜଣ ବରିଷ୍ଠ କିରାଣି, ୩ଜଣ ବରିଷ୍ଠ ଟାଇପିଷ୍ଟ, ୯ ଜଣ କମ୍ପ୍ୟୁଟର ଜାଣିଥିବା କନିଷ୍ଠ କିରାଣି, ୩ ଜଣ କନିଷ୍ଠ ଟାଇପିଷ୍ଟ, ୬ ଜଣ ପ୍ରୋସେସ୍ ସର୍ଭର, ୬ଜଣ ପିଅନ ମଧ୍ୟ ସାମିଲ ଅଛନ୍ତି । ସର୍ତ୍ତ ମୁତାବକ, ୩ଟି ବରିଷ୍ଠ ଟାଇପିଷ୍ଟ ପଦବୀ ବିଲୁପ୍ତପ୍ରାୟ କ୍ୟାଡର ହୋଇଥିବାରୁ ଏହା କେବଳ ଏକକାଳୀନ ବ୍ୟତିକ୍ରମ ଭାବେ ସୃଷ୍ଟି କରାଯାଇଛି ଓ ଅବସର ପରେ ତାହା ସ୍ୱତଃ ଉଚ୍ଛେଦ ହୋଇଯିବ। ସମସ୍ତ ପଦବୀ ନିଯୁକ୍ତି ତଥା ସଂରକ୍ଷଣ ନିୟମ ଅନୁଯାୟୀ ପୂରଣ କରାଯିବ ଓ ଭବିଷ୍ୟତରେ ନେତାମାନଙ୍କ ମାମଲା ସଂଖ୍ୟା କମିଲେ ଏହି କୋର୍ଟ ଓ କର୍ମଚାରୀମାନଙ୍କୁ ସାଧାରଣ ନ୍ୟାୟିକ କାର୍ଯ୍ୟରେ ପୁନଃନିୟୋଜିତ କରାଯିବ।ଅନ୍ୟପକ୍ଷରେ ମିଳିଥିବା ତଥ୍ୟ ଅନୁସାରେ, ସେପ୍ଟେମ୍ବର ୩୦ତାରିଖ ସୁଦ୍ଧା ରାଜ୍ୟର ବିଭିନ୍ନ ବିଚାର ବିଭାଗୀୟ କୋର୍ଟରେ ସାଂସଦ ଓ ବିଧାୟକମାନଙ୍କ ବିରୋଧରେ ୪୧୯ଟି ମାମଲା ବିଚାରାଧୀନ ରହିଛି। ଜିଲ୍ଲାୱାରି ବିଚାରାଧୀନ ମାମଲାରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୭୧ଟି ମାମଲା ପଡିରହିଛି। ଏହା ପଛକୁ କୋରାପୁଟରେ ୬୧ଟି, ସୁନ୍ଦରଗଡରେ ୫୧ଟି, ସମ୍ବଲପୁରରେ ୪୯ଟି, କଟକରେ ୩୯ଟି ଓ ଗଞ୍ଜାମରେ ୩୯ଟି ମାମଲା ବିଚାର ଅପେକ୍ଷାରେ ରହିଛି।

ସେହିପରି ମୟୂରଭଞ୍ଜରେ ୩୨ଟି, ବାଲେଶ୍ୱରରେ ୨୩ଟି, ବଲାଙ୍ଗୀରରେ ୧୭ଟି, ଅନୁଗୁଳରେ ୧୬ଟି ଓ ପୁରୀ ଜିଲ୍ଲାରେ ୧୦ଟି ମାମଲା ବିଚାରାଧୀନ ରହିଥିବାବେଳେ ବରଗଡରେ ୪ଟି, ନବରଙ୍ଗପୁରରେ ୨ଟି ଓ ବୌଦ୍ଧ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡା, ରାୟଗଡାରେ ଗୋଟିଏ ଲେଖାଏଁ ମାମଲା ବିଚାରାଧୀନ ରହିଛି।

ଏହି ମାମଲାଗୁଡିକର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଛି। ଉଦାହରଣସ୍ୱରୂପ କଟକରେ ୧୯୯୩ ମସିହାର ଏକ ପୁରୁଣା ମାମଲା ଏବେ ମଧ୍ୟ ଅଭିଯୋଗ ଫର୍ଦ୍ଦ ବା ଚାର୍ଜଫ୍ରେମର ପୂର୍ବ ଶୁଣାଣି ପର୍ଯ୍ୟାୟରେ ରହିଛି। ସେହିପରି ଖୋର୍ଦ୍ଧାରେ ୧୯୯୯ ଓ ୨୦୦୧ ମସିହାର ମାମଲାଗୁଡିକ ଏବେବି ଅଭିଯୁକ୍ତଙ୍କ ହାଜିରା ପର୍ଯ୍ୟାୟରେ ଝୁଲି ରହିଥିବାବେଳେ କେନ୍ଦ୍ରାପଡା ଜିଲ୍ଲାରେ ୨୦୦୫ ମସିହାର ଏକ ମାମଲା ଦୀର୍ଘଦିନ ଧରି କଟକ ଜିଲ୍ଲା ଦୈାରାଜଜଙ୍କ ଅଦାଲତରୁ ମୂଳ ନଥିପତ୍ର ଆସିବାର ଅପେକ୍ଷାରେ ରହିଛି।

ସେହିପରି ଗଞ୍ଜାମ ଜିଲ୍ଲାରେ ୨୦୦୭ ମସିହାରୁ ଦୁଇଟି ମାମଲାରେ ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ ହୋଇପାରିନାହିଁ । ଅନେକ ମାମଲାରେ ଅଭିଯୁକ୍ତଙ୍କ ମୃତ୍ୟୁ ରିପୋର୍ଟ କିମ୍ବା ହାଇକୋର୍ଟଙ୍କ ସ୍ଥଗିତାଦେଶ ଯୋଗୁ ବିଚାରପ୍ରକ୍ରିୟା ଆଗେଇ ପାରୁନଥିବା ଜଣାପଡିଛି। ଏହି କୋର୍ଟଗୁଡିକ କାର୍ଯ୍ୟକ୍ଷମ ହେଲେ ନେତାମାନଙ୍କ ବିରୁଦ୍ଧରେ ରହିଥିବା ମାମଲାର ତ୍ୱରିତ୍ ଫଇସଲା ସମ୍ଭବପର ହୋଇପାରିବ ବୋଲି କୁହାଯାଉଛି।

## ଚକୋଲେଟ ସନ୍ଦେଶ

ପ୍ରାୟ ଲୋକଙ୍କୁ ମିଠା ଖାଇବା ଭଲ ଲାଗିଥାଏ । ଏଥିପାଇଁ ସେମାନେ ବଜାରରୁ ମିଠା ଆଣି ଫ୍ରିଜରେ ରଖିଥାନ୍ତି । କିନ୍ତୁ ଏବେର ଅପମିଶ୍ରଣଯୁକ୍ତ ମିଠା ଖାଇବା ଠାରୁ ଭଲ ଘରେ ପ୍ରସ୍ତୁତ କରି ଖାଇବା। ଏଥିପାଇଁ ଆଜି ଆମେ ଆପଣଙ୍କୁ ଚକୋଲେଟ ସନ୍ଦେଶ କିପରି ପ୍ରସ୍ତୁତ କରାଯାଏ ସେ ବିଷୟରେ ଜଣାଇବୁ । ଆବଶ୍ୟକ ସାମଗ୍ରୀ: ଫ୍ରେସ ପନୀର ୧କପ,ଚିନି ୧ଟେବୁଲ ଚାମଚ,କୋକୋ ପାଉଡ଼ର ୧ଟେବୁଲ ଚାମଚ,ଭାନିଲା ଏସେନ୍ସ ୧/୨ ଟେବୁଲ ଚାମଚ,ଡ୍ରାଏଫ୍ରୁଟସ ୨ଟେବୁଲ ଚାମଚ,ଘିଅ ୧ଚାମଚ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନିଅନ୍ତୁ । ସେଥିରେ କିଛି ପନୀର ଏବଂ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏହା ପରେ ଏଥିରେ କୋକୋ ପାଉଡ଼ର ଏବଂ ଭାନିଲା ଆସେନ୍ସ ପକାଇ ନରମ ହେବା ପର୍ଯ୍ୟନ୍ତ ଫେଣ୍ଟନ୍ତୁ । ଏହା ପରେ ମିକ୍ସଚରକୁ ୮ସମାନ ଭାଗରେ ବାଣ୍ଟି ଦିଅନ୍ତୁ ଏବଂ ହାତରେ ଅଳ୍ପ ଘିଅ ଲଗାଇ ଗୋଟେ ଗୋଟେ ଭାଗ ନେଇ ଗୋଲ ଗୋଲ କରି ଦବାନ୍ତୁ ଏବଂ ଏହା ଉପରେ କିଛି ଡ୍ରାଏ ଫ୍ରୁଟସ ରଖନ୍ତୁ । ଏହା ପରେ ଏହାକୁ ଅତି କମରେ ୩୦ମିନିଟ ପର୍ଯ୍ୟନ୍ତ ଫ୍ରିଜରେ ସେଟ ହେବା ପାଇଁ ରଖିଦିଅନ୍ତୁ। ଏହା ପରେ ଏହାକୁ ବାହାର କରନ୍ତୁ ଏବଂ ଖାଇବାକୁ ଦିଅନ୍ତୁ ।



..... ଖବର ......

## ନବରାତ୍ରୀର ୫ମ ଦିବସ: ମାତା ସ୍କନ୍ଦମାତା



ଓଡ଼ିଶା ସମେତ ସାରାଦେଶରେ ଆରମ୍ଭ ହୋଇଛି ନବରାତ୍ର ବା ନବଦିନାତ୍ମକ ଶକ୍ତି ପୂଜା। ନବରାତ୍ରର ନବଦିନରେ ମା'ଙ୍କର ନଅଟି ସ୍ୱରୂପର ଆରାଧନା କରାଯାଏ। ୫ମ ଦିନରେ ମାତାଙ୍କୁ ସ୍କନ୍ଦମାତା ରୂପରେ ଉପସନା କରାଯାଏ। ମା' ସ୍କନ୍ଦମାତା ମାତୃତ୍ୱ, ସ୍ନେହ, କରୁଣା ଓ ମମତାର ପ୍ରତୀକ।

ନବଦିନାତ୍ମକ ପୂଜାର ପଞ୍ଚମ ଦିନରେ ସ୍କନ୍ଦମାତାଙ୍କ ଉପାସନା କରାଯାଏ। ଦେବସେନାପତି କୁମାର କାର୍ତ୍ତିକେୟଙ୍କୁ ସ୍କନ୍ଦ ବୋଲି କୁହାଯାଏ। ମା ପାର୍ବତୀ କାର୍ତ୍ତିକେୟଙ୍କ ମାତା ହେବାରୁ ତାଙ୍କୁ ସ୍କନ୍ଦମାତା ବୋଲି କୁହାଯାଏ। ଗ୍ରହମଣ୍ଡଳ ମଧ୍ୟରୁ ବୁଧଗ୍ରହ ମା' ସ୍କନ୍ଦମାତାଙ୍କ ଦ୍ୱାରା ପରିଚାଳିତ।

ସୁଖଶାନ୍ତି ଓ ଐଶ୍ୱର୍ଯ୍ୟ ବୃଦ୍ଧି:

ଭଗବତୀ ସ୍କନ୍ଦମାତାଙ୍କ ପୂଜାକଲେ ପରିବାରରେ ଅଶାନ୍ତି,କଳହ ଦୂର ହୋଇ ସୁଖଶାନ୍ତି ବିରାଜମାନ କରିଥାଏ। ଗୃହରେ କଳହ,ପରସ୍ପର ମଧ୍ୟରେ ଅବିଶ୍ୱାସ ଓ ଦ୍ୱେଷ ଉତ୍ପନ୍ନ ହେଲେ ମା' ସ୍କନ୍ଦମାତାଙ୍କ ଶରଣାପନ୍ନ ହେବା ଆବଶ୍ୟକ। ମାଙ୍କ କୃପାରୁ ପରିବାର ସଦସ୍ୟଙ୍କ ମଧ୍ୟରେ ସ୍ନେହ ସୌହାର୍ଦ୍ଦ ବଢ଼ିବା ସହ ସୁଖଶାନ୍ତି ଓ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ।

ମାତଙ୍କର ତିନୋଟି ନୟନ:

ଦେବୀ ଚତୁର୍ଭୁଜା ଉପର ଦୁଇ ହସ୍ତରେ ପଦ୍ମ, ତଳ ବାମ ହସ୍ତରେ ଶିଶୁ କାର୍ତ୍ତିକେୟଙ୍କୁ ଧରିଥାନ୍ତି। ଦକ୍ଷିଣ ହସ୍ତଟି ଅଭୟ ମୁଦ୍ରାରେ ଥାଏ। ଗୌରବର୍ଣ୍ଣା ଦେବୀ ସିଂହ ବାହନା ଓ ପଦ୍ମ ଉପରେ ବିରାଜମାନ କରନ୍ତି। ମାତଙ୍କର ତିନୋଟି ନୟନ।

## ପାରଦ ଲକ୍ଷ୍ମୀ ମୂର୍ତ୍ତି



ମାତା ଲକ୍ଷ୍ମୀଙ୍କୁ ସୁଖ ଏବଂ ଐଶ୍ୱର୍ଯ୍ୟର ଦେବୀ କୁହାଯାଇଥାଏ । ଲକ୍ଷ୍ମୀ ଉପାସନା ଦ୍ୱାରା ଭକ୍ତର ସମସ୍ତ ଆର୍ଥିକ ସମସ୍ୟା ଦୂର ହୋଇଥାଏ । ବିଶେଷ କରି ପାରଦ ନିର୍ମିତ ଲକ୍ଷ୍ମୀ ମୂର୍ତ୍ତି ଉପାସନା ଦ୍ୱାରା ଅପାର ଖୁସି ପ୍ରାପ୍ତି ହୋଇଥାଏ । ବ୍ୟବସାୟରେ ଆର୍ଥିକ ସମସ୍ୟା ଦୂର ହୋଇଥାଏ । ଜୀବନରେ କୌଣସି ସମୟରେ ଆର୍ଥିକ ସମସ୍ୟା ଦେଖାଦେଲେ ଶୁକ୍ରବାର ଦିନ ପାରଦରେ ନିର୍ମିତ ବିଷ୍ଣୁପତ୍ନୀ ଦେବୀ ଲକ୍ଷ୍ମୀଙ୍କ ଉପାସନା କରାଯାଇପାରିବ । ଘରେ ପାରଦ ନିର୍ମିତ ଲକ୍ଷ୍ମୀ ମୂର୍ତ୍ତି ସ୍ଥାପନ କରି ପୂଜା କରିବା ସହ ଏକ ବିଶେଷ ମନ୍ତ୍ର ଉଚ୍ଚାରଣ କଲେ ସମସ୍ତ ପ୍ରକାରର ସମସ୍ୟା ଦୂର ହୋଇପାରିବ । ଏହି ପୂଜା ପାଇଁ ନିମ୍ନୋକ୍ତ ଉପାୟ ଅବଲମ୍ବନ କରିବା ଆବଶ୍ୟକ । ସନ୍ଧ୍ୟାରେ ସ୍ନାନ କରିବା ପରେ ଦେବୀ ଲକ୍ଷ୍ମୀଙ୍କ ପାରଦ ପ୍ରତିମାରେ ଲାଲ ଚନ୍ଦନ, ଅକ୍ଷତ, ଲାଲ ବସ୍ତ୍ର ଏବଂ କ୍ଷୀରରେ ପ୍ରସ୍ତୁତ ଭୋଗ ଅର୍ପଣ କରିବା ଉଚିତ। ବିଶେଷକରି ୧୦୮ଟି ଲାଲ୍ ରଙ୍ଗର ଫୁଲ ଚଢ଼ାଇ 'ଓଁ ଶ୍ରୀ ବିଘ୍ନହରାୟ ପାରଦେଶ୍ୱରୀ ମହାଲକ୍ଷ୍ମୈ ନମଃ' ମନ୍ତ୍ର ଉଚ୍ଚାରଣ କରିବା ଦ୍ୱାରା ସମସ୍ତ ଆର୍ଥିକ ସମସ୍ୟା ଦୂର ହେବା ସହ ସୁଖ-ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ।

## ଜୀମୂତବାହନ ମିତ୍ରାବସୁ



ହାଧନ ବିଦ୍ୟାଧରଙ୍କ କନ୍ୟାକୁ ବଧୂ ରୂପରେ ପାଇ ଅତ୍ୟନ୍ତ ଆନନ୍ଦ ହେଲେ । ପୁଲିନ୍ଦକଙ୍କର ବନ୍ଧୁ ପ୍ରୀତି ଓ ଚରିତ୍ରବତ୍ତା ସମଗ୍ର ରାଜ୍ୟରେ ପ୍ରଶଂସିତ ହେବାକୁ ଲାଗିଲା। ମହାଧନଙ୍କ ଅନୁରୋଧ କ୍ରମେ ବଲ୍ଲଭୀର ରାଜା ସମଗ୍ର ଅରଣ୍ୟ ରାଜ୍ୟ ପୁଲିନ୍ଦକଙ୍କୁ ପ୍ରଦାନ କଲେ । ବସୁଦତ୍ତ ଏହା ପରଠାରୁ ମନୋହରୀଣି ପଦ୍ମ ଓ ଅଭିନ୍ନ ହୃଦୟ ମିତ୍ରଙ୍କ ସହିତ ଆନନ୍ଦରେ ବାସ କରିବାକୁ ଲାଗିଲେ । ବସୁଦତ୍ତଙ୍କ ପତ୍ନୀଙ୍କ ନାମ ମେନୋବତୀ ଥିଲା । ସେହି ମେନୋବତୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲା । ମହାଧନ ନାତିର ନାମକରଣ କଲେ ହିରଣ୍ୟଦତ୍ତ । ମହାଧନ ଜୀବନରେ ଅନ୍ତିମ ଫଳ ଲାଭକଲେ ବୋଲି ଭାବି ଶରୀର ତ୍ୟାଗ କରିବା ନିମନ୍ତେ ଗଙ୍ଗାତଟକୁ ଚାଲିଗଲେ । ପିତୃ ଶୋକରେ ଅଧୀର ହେଲେ ବସୁଦତ୍ତ। ଶେଷରେ ପୁଲିନ୍ଦକ ଆସି ଆଶ୍ୱସ୍ତ କରାଇଲେ । ଏହାପରେ ଜୀମୂତବାହନ ମିତ୍ରାବସୁଙ୍କୁ କହିଲେ, ମୋର ଶିବ ଶଙ୍କରଙ୍କ ଅଭିଶାପ ମନରେ ଉଦିତ ହେଲା । ବସୁଦତ୍ତ ପୁତ୍ରର ବୟୋପ୍ରାପ୍ତ ଦେଖି ତାକୁ ବିବାହ କରାଇ ପତ୍ନୀ ଓ ମିତ୍ରଙ୍କୁ ନେଇ କାଳଞ୍ଜର ପର୍ବତକୁ ଗମନ କଲି । ସେହି ପର୍ବତ ଉପରେ ପତ୍ନୀ ଓ ମିତ୍ରଙ୍କୁ ଶିବଙ୍କର ଅଭିଶାପ ବିଷୟ କହିଲି। । ଶିବ ମନ୍ଦିରକୁ ଯାଇ ତୁମ୍ଭଙ୍କୁ ମିତ୍ର ରୂପେ ଓ ମେନୋବତୀଙ୍କୁ ପତ୍ନୀ ରୂପରେ ପରଜନ୍ମରେ ଯେପରି ପାଇବି ବୋଲି ପ୍ରାର୍ଥନା କଲି । ପ୍ରଭୁ ଶିବଶଙ୍କର ଦୟା କଲେ। ସେହି ଗୌରିପତିଙ୍କ ସ୍ମରଣ କରି ଗିରିଶିଖରୁ ଲମ୍ଫ ପ୍ରଦାନ ପୂର୍ବକ ପ୍ରାଣତ୍ୟାଗ କଲି । ମୁଁ ସେହି ଜାତିସ୍ମର ବସୁଦତ୍ତ। କଳ୍ପବୃକ୍ଷଙ୍କ ଦୟାରୁ ରାଜକୁଳରେ ଜୀମୂତବାହନ ରୂପରେ ଜନ୍ମଗ୍ରହଣ କରିଛି। ।ତୁମେ ସେହି ମିତ୍ର ପୁଲିନ୍ଦକ ଓ ତୁମ ଭଗିନୀ ମଳୟବତୀ ହେଉଛନ୍ତି ମେନୋବତୀ। ତେଣୁ ହେ ମିତ୍ର ତୁମ୍ଭେ ମୋର ପିତା-ମାତାଙ୍କୁ ଜଣାଅ ସେମାନେ ଅନୁମତି ପ୍ରଦାନ କଲେ ତୁମ୍ଭର ଅଭିଷ୍ଟ ପୂରଣ ହେବ। ଜୀମୂତବାହାନଙ୍କ ନିକଟରୁ ଏପରି ଶ୍ରବଣ କରି ମିତ୍ରାବସୁ ନିଜ ପିତା-ମାତାଙ୍କୁ ଜଣାଇଲେ । ମିତ୍ରାବସୁଙ୍କୁ ସାଦରେ ଆଦେଶ ପ୍ରଦାନ କଲେ ତା'ପରେ ମିତ୍ରାବସୁ ଜୀମୂତକେତୁ ଓ ତାଙ୍କ ପତ୍ନୀଙ୍କୁ ଜୀମୂତବାହନ ଓ ଭଗିନୀ ମଳୟବତୀଙ୍କର ବିବାହ ସମ୍ବନ୍ଧ କରିବାକୁ ଅନୁମତି ଲୋଡ଼ିଲେ।

## ଯୁଧିଷ୍ଠିରଙ୍କ ଜୀବନ ଭିକ୍ଷା



ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ। ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ କି ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର କିଏ ଏମାନଙ୍କ ମଧ୍ୟରୁ ତୁମର ପ୍ରିୟ ଭାଇ ତୁମେ କାହା ଜୀବନ ଚାହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଚାହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ। ମାତ୍ର ମାଆ ମାଦ୍ରିଙ୍କର ୨ ପୁତ୍ର ନକୁଳ ଓ ସହଦେବ। ମୁଁ ଜୀବିତ ଅଛି ଯେହେତୁ ମାଆ କୁନ୍ତୀଙ୍କ କୋଳ ଖାଲି ହେବ ନାହିଁ। ମୁଁ ଭୀମ କିମ୍ବା ଅର୍ଜୁନଙ୍କୁ ବଞ୍ଚାଇବାକୁ ଚାହିଁଲେ ମାଆ ମାଦ୍ରିଙ୍କ ପ୍ରତି ଅନ୍ୟାୟ ହେବ। ତାଙ୍କ କୋଳ ଖାଲି ନହେବା ପାଇଁ ତାଙ୍କର ଜ୍ୟେଷ୍ଠ ପୁତ୍ର ନକୁଳର ଜୀବନ ଦାନ ଦିଅନ୍ତୁ।' ଯୁଧିଷ୍ଠିରଙ୍କ କଥାରେ ଖୁସି ହୋଇ ଯକ୍ଷ ସମସ୍ତଙ୍କ ଜୀବନ ଫେରାଇ ଦେଇଥିଲେ।

## ଦୈନିକ ପିଅନ୍ତୁ ଅଦା-ମହୁ ପାଣି

ବର୍ତ୍ତମାନ୍ ଚାଲିଛି ବର୍ଷା ଋତୁ। ଏହି ଋତୁରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ । ଯେପରିକି ଥଣ୍ଡା, କାଶ, ଜ୍ୱର ଇତ୍ୟାଦି । ଏଥିସହ ପାଗ ପରିବର୍ତ୍ତନ ହେବା ସହ ମଧ୍ୟ ଆମେ ଅନେକ ସସସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଯେପରିକି ପେଟ ଯନ୍ତ୍ରଣାଠାରୁ ଆରମ୍ଭ କରି ହଇଜା ପର୍ଯ୍ୟନ୍ତ ସବୁ କିଛି । ଯଦି ଆପଣ ଏହି ସବୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ତେବେ ଚିନ୍ତା କରନ୍ତୁ ନାହିଁ। ଆଜି ଆପଣଙ୍କୁ ଜଣାଇବୁ ଏଥିରୁ କିପରି ମୁକ୍ତି ପାଇପାରିବେ । ତେବେ ଆସନ୍ତୁ ଜାଣିବା ଏହାର ସମ୍ପୂର୍ଣ୍ଣ ତଥ୍ୟ ଯବହୁ ଆଗାମୀ କାଳରୁ ଅଦା ଏବଂ ମହୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଇ ଆସୁଛି । କିନ୍ତୁ ଆପଣ କେବେ ଅଦା-ମହୁ ପାଣି ପିଇଛନ୍ତି କି ? ଯଦି ପିଇନାହାଁନ୍ତି, ତେବେ ଆପଣଙ୍କୁ ଏହି ପାନୀୟର ସ୍ୱାସ୍ଥ୍ୟ ଲାଭ ବିଷୟରେ ଜାଣନ୍ତୁ । ପ୍ରତିଦିନ ଏହି ପୁଷ୍ଟିକର ପାନୀୟ ପିଇବା ଆରମ୍ଭ କରନ୍ତୁ ଏବଂ ଆପଣ ମାତ୍ର କିଛି ସପ୍ତାହ ମଧ୍ୟରେ ଅଟୋମେଟିକ୍ ଭାବରେ ସକାରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।

ଥଣ୍ଡା ଏବଂ କାଶ ସମସ୍ୟାରୁ ମୁକ୍ତି ପାଇବେ :

ଅଦା ଏବଂ ମହୁ ପାଣି ପିଇବା ଦ୍ୱାରା ଆପଣ ଥଣ୍ଡା ଏବଂ କାଶରୁ ବହୁତ ପରିମାଣରେ ମୁକ୍ତି ପାଇପାରିବେ । ଯଦି ଆପଣ ଗଳା ଯନ୍ତ୍ରଣା, ଥଣ୍ଡା କିମ୍ବା କାଶ ସମସ୍ୟାକୁ ରୋକିବାକୁ ଚାହୁଁଛନ୍ତି, ତେବେ ଆପଣ ଏହି ପ୍ରାକୃତିକ ପାନୀୟ ପିଇବା ଆରମ୍ଭ କରିପାରିବେ। ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଦା ଏବଂ ମହୁ ପାଣିକୁ ଦୈନନ୍ଦିନ ଖାଦ୍ୟ ଯୋଜନାର ଏକ ଅଂଶ ମଧ୍ୟ କରାଯାଇପାରିବ ୟପେଟ ସମ୍ବନ୍ଧୀୟ ସମସ୍ୟା ଦୂରେଇ ରହିବ :



ଯଦି ଆପଣ ପେଟ ସମସ୍ୟାକୁ ରୋକିବାକୁ ଚାହାଁନ୍ତି, ତେବେ ଅଦା ଏବଂ ମହୁ ପାଣି ପିଇବା ଆରମ୍ଭ କରନ୍ତୁ । ଏହି ପାନୀୟକୁ ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ବୋଲି ବିବେଚନା କରାଯାଏ । ଅର୍ଥାତ ଏହି ପାନୀୟକୁ ସଠିକ ପରିମାଣରେ ଏବଂ ସଠିକ୍ ଉପାୟରେ ସେବନ କରିବା ଦ୍ୱାରା, ଗମ୍ଭୀର ଏବଂ ହୃଦରୋଗର ଆଶଙ୍କା ହ୍ରାସ କରାଯାଇପାରିବ । ଏଥିସହ ଓଜନ ମଧ୍ୟ ହ୍ରାସ ପାଇବାକୁ ଲାଗିବ ।

ଅଦା ମହୁ ପାଣି କିପରି ତିଆରି କରିବେ :

ଅଦା ଏବଂ ମହୁ ପାଣି ତିଆରି କରିବା ପାଇଁ, ପ୍ରଥମେ ଗୋଟିଏ କପ୍ ପାଣି ଗରମ କରନ୍ତୁ । ଏବେ ଏହି ପାଣିରେ ଗୋଟିଏ ଚାମଚ ମହୁ ଏବଂ ଗୋଟିଏ ଅଳ୍ପ ଅଦାଛେଚା ମିଶାନ୍ତୁ । ଏବେ ଆପଣ ଏହି ପାଣିକୁ ଛାଣି ପିଇପାରିବେ ।ଏହି ପାନୀୟର ସ୍ୱାଦ ଉନ୍ନତ କରିବା ପାଇଁ, ଆପଣ ଏଥିରେ ଲେମ୍ବୁ ରସ ମଧ୍ୟ ମିଶାଇ ପାରିବେ । ଯଦି ଆପଣ ଏପରି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ଏହି ଟିପ୍ସକୁ ନିଶ୍ଚିତ ଫଲୋ କରନ୍ତୁ ।

# ସ୍ୱଚ୍ଛତାକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା



**ଭୁବନେଶ୍ୱର,୧୫।୧୦ (ମହାଭାରତ):** ସ୍ୱଚ୍ଛତା କେବଳ ଏକ କାର୍ଯ୍ୟ ନୁହେଁ, ଏହା ହେଉଛି ଆମର ନୈତିକ ସଂସ୍କାର । ସୁସ୍ଥ ରହିବା ପାଇଁ ହେଲେ ପରିବେଶକୁ ସ୍ୱଚ୍ଛ ରଖିବାକୁ ପଡ଼ିବ । ତେଣୁ ଏହାକୁ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା ସହ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପବିତ୍ର 'ମହାଳୟା' ଅବସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଆଜି ସମ୍ବଲପୁର ଜିଲ୍ଲାରେ ଜିଲ୍ଲାବ୍ୟାପୀ 'ମେଗା ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ । ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଯୁବସାଥୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସ୍ଥାନୀୟ ନାଗରିକଙ୍କ ସହ ଅଂଶଗ୍ରହଣ କରି ସମ୍ବଲପୁରରେ ସଫେଇ କାର୍ଯ୍ୟ କରିବା ସହ ଅନ୍ୟମାନଙ୍କୁ ସଫେଇ କାର୍ଯ୍ୟ କରିବା ପାଇଁ ସଚେତନ କରିଥିଲେ । ଏହି ଅବସରରେ ସେ କହିଛନ୍ତି, ଆଜି ସମ୍ବଲପୁର ଜିଲ୍ଲା ପ୍ରଶାସନ ତରଫରୁ ଏବଂ ସମ୍ବଲପୁର ମ୍ୟୁନିସିପାଲ୍ କର୍ପୋରେସନ୍ ତରଫରୁ ମହାତ୍ମା ଗାନ୍ଧୀଙ୍କ ସ୍ମୃତିରେ ଏକ ଜନ ଆନ୍ଦୋଳନ ତଥା ସ୍ୱଚ୍ଛତା ପର୍ବ ଆରମ୍ଭ କରାଯାଇଛି । ପ୍ରଶାସନର ଯୋଜନା ଅନୁଯାୟୀ ଆଜି ସମ୍ବଲପୁର ଜିଲ୍ଲାରେ ପାଖାପାଖି ଏକ ଲକ୍ଷ ଲୋକ ନିଜ ନିଜ ପରିସରରେ, ଆଖପାଖ ଓ ଘର ବାହାରକୁ ଯାଇ ସ୍ୱଚ୍ଛତା କାମରେ ଲାଗିଛନ୍ତି । ଆଜି ପବିତ୍ର ମହାଳୟା ଏବଂ ନବରାତ୍ରୀର ପୂର୍ବରୁ ସମ୍ବଲପୁର ଦେଶ ପାଇଁ ଏକ ନୂଆ ଉଦାହରଣ ତିଆରି କରିଛି । ସ୍ୱଚ୍ଛତା ଦ୍ୱାରା ସହର ସୁସ୍ଥ ରହିବ, ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ ଏବଂ ସମସ୍ତଙ୍କର ବିକାଶ ହେବ।

ସେ ଆହୁରି କହିଛନ୍ତି ଯେ ସ୍ୱଚ୍ଛତା ହିଁ ସେବା- ଏହା ହେଉଛି ଆମ ସମାଜର ମୂଳ ମନ୍ତ୍ର । ପୂଜ୍ୟ ବାପୁ (ମହାତ୍ମା ଗାନ୍ଧୀ) କହୁଥିଲେ ଯେ ସ୍ୱଚ୍ଛତା ହେଉଛି ସ୍ୱାଧୀନତା ଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ସେହି ମହାନ ଚିନ୍ତାଧାରାକୁ ଆପଣାଇ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ସ୍ୱଚ୍ଛତା ହିଁ ସେବା' ମାଧ୍ୟମରେ ଏହାକୁ ଏକ ବିଶାଳ ଜନ-ଆନ୍ଦୋଳନରେ ପରିଣତ କରିଛନ୍ତି । ସ୍ୱଚ୍ଛତାକୁ ଜୀବନର ଚରିତ୍ର ଏବଂ ସ୍ୱଭାବ ବନେଇବାକୁ ପଡ଼ିବ । ଘର ଭିତରକୁ ଆମେ ନିଜେ ସଫା କରୁଛେ, କିନ୍ତୁ ଘର ବାହାରକୁ ସମସ୍ତେ ମିଶି ସମାଜକୁ ସଫା କରିବାକୁ ପଡ଼ିବ। 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ସମସ୍ତେ ନିଜ ପରିବେଶକୁ ଆବର୍ଜନାମୁକ୍ତ ରଖିବା, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବା ଏବଂ ସ୍ୱଚ୍ଛତାକୁ ନିଜ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା। ନିଜ ଆଖପାଖ ପରିବେଶ, ଗ୍ରାମ ଓ ସହରକୁ ସବୁବେଳେ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ସମ୍ବଲପୁର ଜିଲ୍ଲାକୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଜିଲ୍ଲା ଭାବେ ଗଢ଼ିବା ପାଇଁ ଆମେ ନିରନ୍ତର ପ୍ରୟାସ କରିବା ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଉଲ୍ଲେଖନୀୟ, 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ସମ୍ବଲପୁର ମ୍ୟୁନିସିପାଲ୍ କର୍ପୋରେସନ୍‌ର ମିଳିତ ସହଯୋଗରେ ଆଜି ଜିଲ୍ଲାର ୫୦୦ରୁ ଅଧିକ ସ୍ଥାନରେ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ୧ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ସାମିଲ ହୋଇଛନ୍ତି । ଏଥିରେ ଅଂଶ ଗ୍ରହଣ କରିଥିବା ସମସ୍ତଙ୍କୁ ଶ୍ରୀ ପ୍ରଧାନ ସ୍ୱଚ୍ଛତାର ଶପଥ ପାଠ କରାଇବା ସହ ଧନ୍ୟବାଦ ଜଣାଇଛନ୍ତି।

# ଓଆଇଏସ୍ ଅଧିକାରୀଙ୍କ ପ୍ରଶିକ୍ଷଣ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଓଡ଼ିଶା ସୂଚନା ସେବା ଅଧିକାରୀମାନଙ୍କ ପାଇଁ ଆୟୋଜିତ ଏକଦିବସୀୟ ଦିଗଦର୍ଶନ କାର୍ଯ୍ୟକ୍ରମର ଦ୍ୱିତୀୟ ବୈଷୟିକ ଅଧିବେଶନରେ 'ସୋସିଆଲ ମିଡିଆ ଟ୍ରେଣ୍ଡ: ସରକାରୀ ସୂଚନା ଅଧିକାରୀଙ୍କ ପାଇଁ ସୁଯୋଗ ଏବଂ ଆହ୍ୱାନ' ଶୀର୍ଷକ ବିଷୟବସ୍ତୁ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଢେଙ୍କାନାଳସ୍ଥିତ ଭାରତୀୟ ସଂଚାର ସଂସ୍ଥାନର ଆଂଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡିଜିଟାଲ୍ ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ) ଯୁଗରେ ଜନସଂଚାରର ବଦଳୁଥିବା ସ୍ୱରୂପ ସମ୍ପର୍କରେ ଆଲୋଚନା କରିଥିଲେ।

ପାରମ୍ପରିକ ଗଣମାଧ୍ୟମରୁ ଡିଜିଟାଲ୍ ପ୍ଲାଟଫର୍ମ ଓ ଇଓ ଆଡ଼କୁ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ଉଲ୍ଲେଖ କରି ପ୍ରଫେସର ପ୍ରଧାନ କହିଥିଲେ ଯେ, ସରକାରୀ ସୂଚନା ଅଧିକାରୀମାନେ ବଦଳୁଥିବା ପ୍ରଯୁକ୍ତିବିଦ୍ୟା ଏବଂ ନାଗରିକଙ୍କ ଆଚରଣଗତ ପରିବର୍ତ୍ତନ ସହ ନିଜକୁ ଖାପଖୁଆଇ ଚାଲିବା ଜରୁରୀ। ସେ ସର୍ଚ୍ଚ ଇଞ୍ଜିନ୍ ଅପ୍ଟିମାଇଜେସନ୍ ରୁ ମେସିନ୍ ଡିସକଭରୀ ଅପ୍ଟିମାଇଜେସନ୍ ଆଡ଼କୁ ହେଉଥିବା ବୈଷୟିକ ପରିବର୍ତ୍ତନ ବିଷୟରେ ବୁଝାଇବା ସହ ଇଓ-ଆଧାରିତ ସୂଚନା ପରିବେଶରେ ସରକାରୀ ତଥ୍ୟକୁ ସହଜରେ ଉପଲବ୍ଧ କରାଇବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ ବିଭିନ୍ନ ବର୍ଗର ଶ୍ରୋତାଙ୍କ ଆବଶ୍ୟକତା ଅନୁସାରେ ତଥ୍ୟ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ଆଜିର 'ଆଟେନ୍ସନ୍ ଇକୋନୋମି' ବିଷୟରେ ସେ କହିଥିଲେ ଯେ, ଡିଜିଟାଲ୍ ସୂଚନାର ଅପ୍ରତ୍ୟାଶିତ ବୃଦ୍ଧି ଓ ଦ୍ରୁତତା ମଧ୍ୟରେ ନାଗରିକଙ୍କ ପାଖରେ ସଠିକ୍ ଓ ବିଶ୍ୱସନୀୟ ସୂଚନା ପହଞ୍ଚାଇବା ଏକ ବଡ଼ ଆହ୍ୱାନ। ଏହି ଅଧିବେଶନରେ ଗୁଜବ, ଭ୍ରାନ୍ତ ସୂଚନା ଏବଂ ଡିପଫେକ ରୁ ସୃଷ୍ଟି ହେଉଥିବା ବିପଦ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୂଚନା ପ୍ରସାରଣ ପୂର୍ବରୁ ସଠିକତା ଯାଂଚ କରିବା, ଭ୍ରମାତ୍ମକ ତଥ୍ୟର ତୁରନ୍ତ ଖଣ୍ଡନ କରିବା ଏବଂ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱବାନ୍ ବ୍ୟବହାର କରି ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାକୁ ପ୍ରଫେସର ପ୍ରଧାନ ଆହ୍ୱାନ ଦେଇଥିଲେ।

# ନେକ୍ସସ୍ ଏସପ୍ଲାନେଡରେ ଦଶହରା ଉତ୍ସବ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଏହି ଦଶହରା ଅବସରରେ, ସହରର ଅଗ୍ରଣୀ ଲାଇଫଷ୍ଟାଇଲ୍ ଏବଂ ସପିଂ ଗନ୍ତବ୍ୟସ୍ଥଳ 'ନେକ୍ସସ୍ ଏସପ୍ଲାନେଡ୍', ଭୁବନେଶ୍ୱରରେ ଏକ ସପ୍ତାହ ବ୍ୟାପୀ ଉତ୍ସବ ମାଧ୍ୟମରେ ପର୍ବପର୍ବାଣୀର ରୂପ, ସ୍ୱର ଏବଂ ପରମ୍ପରାକୁ ଏକତ୍ରିତ କରୁଛି। ଅକ୍ଟୋବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ଦଶହରା ଉତ୍ସବ ୨୦୨୬: ଆଲୋକ ଓ ବିଜୟର ଉତ୍ସବ'ରେ ଲୋକକଳା ପ୍ରଦର୍ଶନ, ପାରମ୍ପାରିକ ଓଡ଼ିଆ କଳା, ସଙ୍ଗୀତ, ନୃତ୍ୟ ଏବଂ ସମସ୍ତ ବୟସର ଦର୍ଶକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଏହି ମଲରେ ଦୁର୍ଗା ଓ ଶକ୍ତିଙ୍କ ଦ୍ୱାରା ଅନୁପ୍ରାଣିତ ଏକ ସ୍ୱତନ୍ତ୍ର ସାଜସଜ୍ଜା ବା ଆଟ୍ରିୟମ୍ ଇନଷ୍ଟଲେସନ୍, ଆଲୋକିତ ପଥ, ଫଟୋ ଉଠାଇବା ପାଇଁ ସ୍ୱତନ୍ତ୍ର ସ୍ଥାନ ଏବଂ 'ଭାରତରେ ନବରାତ୍ରିର ଯାତ୍ରା' ପ୍ରଦର୍ଶିତ ହେବ, ଯେଉଁଥିରେ ଆସାମ, ପଶ୍ଚିମବଙ୍ଗ, ତ୍ରିପୁରା ଏବଂ ଓଡ଼ିଶାର ପରମ୍ପରାକୁ ଦେଖିବାକୁ ମିଳିବ। ଦର୍ଶକମାନେ ଓଡ଼ିଶାର ପାରମ୍ପାରିକ ହସ୍ତଶିଳ୍ପ ଯେପରିକି ମୃତିକା ଶିଳ୍ପ, ତାଳପତ୍ର ଖୋଦେଇ, ଟେରାକୋଟା, ପଟ୍ଟଚିତ୍ର ଏବଂ ପିପିଲି ହସ୍ତକଳା କାର୍ଯ୍ୟର ପ୍ରଦର୍ଶନ ମଧ୍ୟ ଦେଖିପାରିବେ। ଉତ୍ସବର ମଜାକୁ ଦ୍ୱିଗୁଣିତ କରିବା ପାଇଁ, ଅକ୍ଟୋବର ୧୬ ରୁ ୨୦ ତାରିଖ ପର୍ଯ୍ୟନ୍ତ ମଲର ଲନ୍ ଅଂଚଳରେ 'ଡାଣ୍ଡିଆ ନାଇଟ୍ସ' ଆୟୋଜିତ ହେବ, ଯେଉଁଥିରେ ଚିତାକର୍ଷକ ସଙ୍ଗୀତ ଓ ପାରମ୍ପାରିକ ନୃତ୍ୟର ଆୟୋଜନ କରାଯିବ। ଏହି ସପ୍ତାହ-ବ୍ୟାପୀ ଉତ୍ସବରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ, ଆଲୋଚନାମୂଳକ କର୍ମଶାଳା ଏବଂ ପ୍ରତ୍ୟକ୍ଷ ମନୋରଞ୍ଜନର ସମାହାର ଦେଖିବାକୁ ମିଳିବ। ଏଥିରେ ନୃତ୍ୟ ପ୍ରତିଯୋଗିତା, ସମ୍ବଲପୁରୀ ଓ ବିହୁ ନୃତ୍ୟ ଠାରୁ ଆରମ୍ଭ କରି ସାହି ଯାତ, ପୁରୁଲିଆ ଛଉ ଏବଂ ଦୁଲଦୁଲି ଭଳି ଲୋକକଳା ପ୍ରଦର୍ଶନ ଅନ୍ତର୍ଭୁକ୍ତ ରହିବ। କାର୍ଯ୍ୟକ୍ରମରେ ଡିଜେ ତୁଷାର, ଡିଜେ ରାଜ, ଡିଜେ କିଙ୍ଗ୍, ଡିଜେ ବାଦଲ ଏବଂ ଡିଜେ ରିକ୍ସଙ୍କ ଦ୍ୱାରା ଡିଜେ ସେଟ୍ ମଧ୍ୟ ପରିବେଷଣ କରାଯିବ। ଅନ୍ୟାନ୍ୟ ଆକର୍ଷଣୀୟ କାର୍ଯ୍ୟକ୍ରମ ମଧ୍ୟରେ ରହିଛି ତ୍ୱଚା ଯତ୍ନ, ମେକଅପ୍ ଏବଂ ଷ୍ଟାଇଲିଂ ଉପରେ ଆଧାରିତ 'ଫେଷ୍ଟିଭ୍ ଗ୍ଲୋ-ଅପ୍' କର୍ମଶାଳା, 'ୱିମେନ୍ ହୁ ଇନ୍ସପାୟାର୍' ସମ୍ବର୍ଦ୍ଧନା ଓ ପ୍ୟାନେଲ୍ ଆଲୋଚନା, ଏବଂ ଢାକ୍ ବାଦ୍ୟ, ସିନ୍ଦୂର ଖେଳ ଓ 'ବିଗ୍ମାନ୍ସ' ଦଳର ସିଧାସଳଖ ପ୍ରଦର୍ଶନ ସହିତ ଦଶହରା ଉତ୍ସବ ପାଳନ।

# ବିଏମ୍‌ସିର ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବି.ଏମ୍.ସି.) ଓ ବନ ବିଭାଗ ସହଯୋଗରେ ବ୍ୟାପକ ବୃକ୍ଷରୋପଣ, ସହରାଞ୍ଚଳ ଜଙ୍ଗଲ, ମିଆୱାକି ଜଙ୍ଗଲ, ଆଭେନ୍ୟୁ ବୃକ୍ଷରୋପଣ ଏବଂ ମିଡିଆନ ସବୁଜୀକରଣ ମାଧ୍ୟମରେ ରାଜଧାନୀର ସବୁଜ ଆଚ୍ଛାଦନ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ କରିଆସୁଅଛି । ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତି ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ଶ୍ରୀମତୀ ସୁଲୋଚନା ଦାସ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ଶିକ୍ଷା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହ, ଗ୍ରୀଭାନ୍ସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଶ୍ରୀମତୀ ବିନୟିନୀ ଜେନା, ଅତିରିକ୍ତ କମିଶନର ଶ୍ରୀ କୈଳାସ ଚନ୍ଦ୍ର ଦାସ, ପୂର୍ବତନ କର୍ପୋରେଟର ତଥା ସମାଜସେବୀ ଶ୍ରୀ ଅଶ୍ୱିନୀକୁମାର ସାମନ୍ତରାୟ, ଦକ୍ଷିଣ-ପଶ୍ଚିମ ଜେଡିସି ଶ୍ରୀ ରାକେଶ କୁମାର ପାତ୍ର, ସହକାରୀ କମିଶନର ଶ୍ରୀ ଲୋକନାଥ ବେଜ୍, ପରିବେଶ ଅଧିକାରୀ ଶ୍ରୀମତୀ ହିମାନୀ ନାୟକ, ବନବିଭାଗ ଅଧିକାରୀ ପୁହାଣ ଟୁଡୁ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଏମ୍ ସିର ବହୁ ଅଧିକାରୀ ଓ କର୍ମଚାରୀଙ୍କ ସହ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସ୍ଥାନୀୟ ଅଧିବାସୀ ପ୍ରମୁଖ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏଠାରେ ୮ ହଜାର ବୃକ୍ଷ ରୋପଣ କରାଯାଇଛି । କେବଳ ସେତିକି ନୁହେଁ, ବିଗତ ତିନି ବର୍ଷ ମଧ୍ୟରେ ଲକ୍ଷାଧିକ ବୃକ୍ଷ ରୋପଣ କରିବା ସହ ଅନେକ ସ୍ଥାନରେ ଜଙ୍ଗଲ ସୃଷ୍ଟି କରି ସମଗ୍ର ଦେଶରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି ବିଏମ୍ ସି।



ଭୁବନେଶ୍ୱର ମହାଗନର ନିଗମ ୨୦୨୪-୨୫ ଆର୍ଥିକ ବର୍ଷରେ, ସିଟି ଫରେଷ୍ଟ ଡିଭିଜନର ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ୨୧ ହଜାରରୁ ଅଧିକ ଚାରା ରୋପଣ କରି ୫ଟି ମିଆୱାକି ଜଙ୍ଗଲ ସୃଷ୍ଟି କରିଥିଲା । ଏହି ସଫଳତାକୁ ଆଗକୁ ବଢ଼ାଇ ୨୦୨୫-୨୬ ଆର୍ଥିକ ବର୍ଷରେ ସିଟି ଫରେଷ୍ଟ ଡିଭିଜନ ଏବଂ ଚନ୍ଦକା (ବନ୍ୟପ୍ରାଣୀ) ଡିଭିଜନର ସହଯୋଗରେ ବିଭିନ୍ନ ସ୍ଥାନରେ ୫୪,୮୫୦ଟି ଚାରା ରୋପଣ କରି ୧୦ଟି ମିଆୱାକି ଜଙ୍ଗଲ ସୃଷ୍ଟି କରାଯାଇଛି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବି.ଏମ୍.ସି. ସମଗ୍ର ସହରରେ ୧ ଲକ୍ଷ ବୃକ୍ଷ ରୋପଣ କରିବାର ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛି । ସହରାଞ୍ଚଳର ସବୁଜ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ପରିବେଶୀୟ ସ୍ଥିରତା ବୃଦ୍ଧି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅଭିଯାନରେ ଏପର୍ଯ୍ୟନ୍ତ ୫୩, ୫୦୦ଟି ଚାରା ରୋପଣ କରାଯାଇ ସମୁଦାୟ ୭ ଗୋଟି ମିଆୱାକି ଜଙ୍ଗଲ ସୃଷ୍ଟି କରାଯାଇଛି । ଏହା ହେଉଛି ଚଳିତ ବର୍ଷର ୮ମ ମିଆୱାକି ଜଙ୍ଗଲ । ମୋଟ ଉପରେ କହିବାକୁ ଗଲେ ଗତ ତିନି ବର୍ଷ ମଧ୍ୟରେ ବିଏମ୍ ସି ଅଂଚଳରେ ସମୁଦାୟ ୨୨ ଗୋଟି ମିଆଁୱାକି ଜଙ୍ଗଲ ସୃଷ୍ଟିକରାଯାଇଛି । ମିଆୱାକି ପଦ୍ଧତିରେ ବୃକ୍ଷରୋପଣ ସହିତ ବି.ଏମ୍.ସି. ପକ୍ଷରୁ ବ୍ୟାପକ ଆଭେନ୍ୟୁ, ମିଡିଆନ ଏବଂ ବିଭିନ୍ନ ପଡିଆ ଜମିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଭୁଆଶୁଣୀ-ଦାରୁଠେଙ୍ଗସ୍ଥିତ ବାୟୋ-ମାଇନିଂ ସାଇଟ୍ର ୪ ଏକର ଜମିରେ ମିଆୱାକି ପଦ୍ଧତି ଓ ବ୍ଲକ୍ ପ୍ଲାଣ୍ଟେସନ୍ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି।

# କଂଗ୍ରେସର ମହିଳା ସମ୍ମାନ କେବଳ କଥାରେ ସୀମିତ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ମଣିପୁରର କଂଗ୍ରେସ ସାଂସଦ ତଥା ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପ୍ରଫେସର ଆଙ୍ଗୋମଚା ବିମଲ ଅକୋଇଜାମ ୧୧ ଜଣ ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଦେଇଥିବା ନେଇ ଅଭିଯୋଗ ହେବା ପରେ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ତାଙ୍କୁ ବହିଷ୍କାର କରିଛି। ଆମ ସଂସ୍କୃତିରେ ଗୁରୁଙ୍କୁ ଭଗବାନଙ୍କ ମର୍ଯ୍ୟାଦା ଦିଆଯାଏ। ଯେଉଁ ଛାତ୍ରୀମାନଙ୍କୁ ଝିଅ ଭଳି ଦେଖିବା କଥା ସେମାନଙ୍କ ସହ ଅସଦ୍ ବ୍ୟବହାର କରିବା ଅତ୍ୟନ୍ତ ନିନ୍ଦନୀୟ। ଅକୋଇଜାମଙ୍କ ଏଭଳି ଘଟଣା ଗୁରୁ-ଶିଷ୍ୟ ପରମ୍ପରାକୁ କଳଙ୍କିତ କରିଛି। ଏପରି ଘୃଣ୍ୟ କାମ କରିଥିବା ପ୍ରଫେସର ବିମଲ ଅକୋଇଜାମ ଆମ ଶିକ୍ଷା ସଂସ୍କୃତିକୁ ଯେଉଁଭଳି କଳୁଷିତ କରିଛନ୍ତି ତାଙ୍କୁ ଯେତେ ନିନ୍ଦା କଲେ କମ୍ ହେବ। ଏଭଳି ସମ୍ବେଦନଶୀଳ ଘଟଣାରେ କଂଗ୍ରେସ ଓ ରାହୁଲ ଗାନ୍ଧୀ ଚୁପ୍ କାହିଁକି ତାର ଜବାବ ଦିଅନ୍ତୁ ବୋଲି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି।




ଡା. ବିଶ୍ୱାଳ କହିଛନ୍ତି ଯେ, ଆଜି କଂଗ୍ରେସ ପାର୍ଟି ମହିଳାଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିବା କହୁଛି ଏବଂ ରାହୁଲ ଗାନ୍ଧୀ ମହିଳା ସଶକ୍ତୀକରଣ କଥା କହି ଡିଣ୍ଡିମ ପିଟୁଛନ୍ତି। ମାତ୍ର ସେମାନେ ଏତେ ବଡ ଘଟଣାରେ ଚୁପ୍ କାହିଁକି ? ବାମପନ୍ଥୀ ଉଦାରବାଦୀ ଚିନ୍ତା ଧାରାର ଦୁହି ଦେଉଥିବା ଦଳର ସାଂସଦଙ୍କ ଏଭଳି କାର୍ଯ୍ୟକଳାପ ଉପରେ ନୀରବ ରହିଛନ୍ତି। ଦଳର କେନ୍ଦ୍ର ନେତୃମଣ୍ଡଳ ସମେତ ଓଡ଼ିଶା କଂଗ୍ରେସର ସମସ୍ତ ନେତୃତ୍ୱ ଏହି ପ୍ରସଙ୍ଗରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ଆବଶ୍ୟକ। ରାହୁଲ ଗାନ୍ଧୀ ସେଇ ବ୍ୟକ୍ତି, ଯିଏ ଗୋଟେ ହାତରେ ସମ୍ବିଧାନ ଓ ଅନ୍ୟ ହାତରେ ଫ୍ଲାଇଙ୍ଗ କିସ୍ ଦେବାରେ ବିଶ୍ୱାସ ରଖନ୍ତି। କେନ୍ଦ୍ରରେ ତାଙ୍କ ସରକାର ଥିଲାବେଳେ ନିଜ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଅଧ୍ୟାଦେଶକୁ ଚିରି ପକାଇଥିଲେ। ସଂସଦରେ ଆଖି ମାରିଲା ଭଳି ଶିଷ୍ଟାଚାର ବିରୋଧି କାର୍ଯ୍ୟ କରିଥିଲେ। ସେ କେବଳ ସଂସଦ ଭିତରେ ନୁହେଁ, ବାହାରେ ମଧ୍ୟ ଅନେକ ଅଶୋଭନୀୟ କାର୍ଯ୍ୟ କରିଥିଲେ। ଏଇ କିଛି ଦିନ ତଳେ ଆନ୍ଦୋଳନ ବେଳେ ମହିଳା ପୋଲିସ କର୍ମଚାରୀଙ୍କୁ ଯେଉଁ ଭଳି ସ୍ପର୍ଶ କଲେ ଓ ଠେଲାପେଲା କଲେ ତାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। କଂଗ୍ରେସର ମହିଳା ସମ୍ମାନ କେବଳ କଥାରେ ମାତ୍ର ବାସ୍ତବରେ କଂଗ୍ରେସ ସବୁବେଳେ ମହିଳାଙ୍କ ସମେତ ଆମ ସଂସ୍କୃତି ଓ ସଭ୍ୟତାକୁ ଅପମାନିତ କରିଛି। କିନ୍ତୁ ଭାରତୀୟ ଜନତା ପାର୍ଟି ସବୁବେଳେ ମହିଳାଙ୍କୁ ସମ୍ମାନ ଦେଇ ଆସିଛି। ଦଳ ଭିତରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେଇଛି। ଏହାଛଡ଼ା ଯେଉଁଠି ମହିଳା ପ୍ରତି ଅନ୍ୟାନ୍ୟ ହେଉଛି ସେଠାରେ ପ୍ରତିବାଦ କରୁଛି ଓ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ଡା. ବିଶ୍ୱାଳ କହିଛନ୍ତି। ରାହୁଲ ଗାନ୍ଧୀ ଭାରତୀୟ ସଂସ୍କୃତିକୁ ଆକ୍ଷେପ କରୁଛନ୍ତି। ମନୁସଂହିତାର ସବୁ ନିୟମ ଭାଙ୍ଗି ମହିଳାମାନଙ୍କୁ ମୁକ୍ତ ହେବାକୁ ଆହ୍ୱାନ ଦେଉଥିବାବେଳେ ସେ ନିଜ

# ଭୋଟର ତାଲିକାରେ ସାମିଲ ପାଇଁ ୩୩,୫୧୫ ଆବେଦନ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଭାରତ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଭୋଟର ତାଲିକାରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଅକ୍ଟୋବର ୭ରୁ ୯ ତାରିଖରେ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯାଇଥିଲା। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରଙ୍କ ସମେତ ନୂତନ ଓ ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ ହେବାର ସୁଯୋଗ ପ୍ରଦାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ତିନିଦିନିଆ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୨୬,୪୪୬ଟି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରଗୁଡ଼ିକ ମାଧ୍ୟମରେ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ଆବେଦନପତ୍ର ଦାଖଲ କରିବାର ସୁବିଧା ଯୋଗାଇ ଦିଆଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରମାନଙ୍କଠାରୁ ୧,୪୪୮ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଥିବାବେଳେ ନୂତନ ଓ ଯୁବ ଭୋଟରମାନଙ୍କଠାରୁ ୩୨,୦୬୭ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି। ଏହିପରି ମୋଟ ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି। ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ବୁଥସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ପରିଦର୍ଶନ କାର୍ଯ୍ୟ ଜାରି ରହିବ। ଏହି ଅବଧି ମଧ୍ୟରେ ବିଏଲଓ ମାନେ ଘରକୁ ଘର ଯାଇ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମ ସାମିଲ ଏବଂ ଆବଶ୍ୟକ ସଂଶୋଧନ ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ କରିବେ। ବିଶେଷକରି ଏସଆଇଆର ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକଯୁବତୀମାନଙ୍କୁ ଫର୍ମ-୬ ମାଧ୍ୟମରେ ଆବେଦନ କରିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, କୌଣସି ଯୋଗ୍ୟ ନାଗରିକ ,ଯେପରି ଭୋଟର ତାଲିକାରୁ ନାମ ସାମିଲ ହେବାରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ଏହି ଅଭିଯାନ ଆୟୋଜନ କରାଯାଇଥିଲା।

# ଇଣ୍ଡିଆ ମେନ୍ ଅଫ୍ ପ୍ଲାଟିନମ୍ ସଂଗ୍ରହ ଉନ୍ମୋଚିତ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ପ୍ଲାଟିନମ୍ ଗିଲ୍ଡ ଇଂଟରନ୍ୟାସନାଲ (ପିଜିଆଇ) ଇଣ୍ଡିଆ ଏକ ନୂତନ ମେନ୍ ଅଫ୍ ପ୍ଲାଟିନମ୍ ସଂଗ୍ରହ ଉନ୍ମୋଚନ କରିଛି ଯେଉଁଥିରେ ଚେନ୍, ପେଣ୍ଡାଟ, ବ୍ରେସଲେଟ୍ ଏବଂ ରିଙ୍ଗ ରହିଛି । ବ୍ରାଣ୍ଡର ନୂତନ ଅଭିଯାନରେ ରୋହିତ ଶର୍ମା ଏବଂ ଅନିରୁଦ୍ଧ ରବିଚନ୍ଦରଙ୍କ ଦ୍ୱାରା ଅନୁମୋଦିତ ଏହି ସଂଗ୍ରହ ଏକ କେନ୍ଦ୍ରୀୟ ବିଶ୍ୱାସକୁ ଜୀବନ୍ତ କରିଥାଏ: ସ୍ଥାୟୀ ସଫଳତା ଚରିତ୍ର ମାଧ୍ୟମରେ ଗଢ଼ି ଉଠିଥାଏ – ନିଜର ପଥ ତିଆରି କରିବାର ବିଶ୍ୱାସ, ଆଗକୁ ବଢିବା ପାଇଁ ସ୍ଥିରତା ଏବଂ ସଫଳତାକୁ ସ୍ଥାୟୀ ଅର୍ଥ ପ୍ରଦାନ କରୁଥିବା ମୂଲ୍ୟବୋଧ ।

ଏହି ସଂଗ୍ରହ ମେନ୍ ଅଫ୍ ପ୍ଲାଟିନମ୍‌ର ଦୁନିଆକୁ ବିସ୍ତାର କରେ, ଅଧିକ ବାରମ୍ବାର ପୋଷାକ ପାଇଁ ସୃଷ୍ଟି ହୋଇଥିବା ହାଲୁକା, ସମସାମୟିକ ଡିଜାଇନ୍ ସହିତ ବୋଲ୍ଡ, ଷ୍ଟେଟମେଂଟ ପ୍ଲାଟିନମ୍ ଅଳଙ୍କାରକୁ ଏକତ୍ର କରେ । ମୂର୍ତ୍ତି ଫର୍ମ, ଜ୍ୟାମିତିକ ପୃଷ୍ଠ, ଇଂଟରଲକିଂ ଲିଙ୍କ୍ ଏବଂ ରଙ୍ଗ ଏବଂ ଫିନିସ୍‌ର ବିବେଚିତ ବିପରୀତତା ବ୍ୟକ୍ତିଗତ ଶୈଳୀର ଭିନ୍ନ ଅଭିବ୍ୟକ୍ତି ସୃଷ୍ଟି କରେ – ସଫଳତା ଏବଂ ଉଚ୍ଚତାକୁ ଚିହ୍ନିତ କରୁଥିବା ଖଣ୍ଡଠାରୁ ଆରମ୍ଭ କରି ଯାହା ପୁରୁଷର ପରିଚୟର ଏକ ଅଂଶ ହୋଇଯାଏ। ରୋହିତ ଶର୍ମାଙ୍କ ସଂଯମ ଏବଂ ନେତୃତ୍ୱ ଚରିତ୍ର ଏବଂ ମୂଲ୍ୟବୋଧ ସହିତ କଥା ହୁଏ ଯାହା ସଫଳତାକୁ ବଜାୟ ରଖେ । ଅନିରୁଦ୍ଧ ରବିଚାନ୍ଦରଙ୍କ ଆତ୍ମବିଶ୍ୱାସ ଏବଂ ବିକଶିତ ହେବାକୁ ଇଚ୍ଛା ଚରିତ୍ରକୁ କହିଥାଏ ଯାହା ସଫଳତା ଗଠନ କରେ । ସେମାନଙ୍କର ଭିନ୍ନ ଯାତ୍ରା ଅଳଙ୍କାରକୁ ପୁରୁଷଙ୍କ ପସନ୍ଦ ଏବଂ ମୂଲ୍ୟବୋଧ ସହିତ ସଂଯୋଗ କରିବାର ଏକ ଉପାୟ ପ୍ରଦାନ କରେ ଯେଉଁମାନେ ଏହାକୁ ପିନ୍ଧନ୍ତି। ପ୍ଲାଟିନମ୍ ଗିଲ୍ଡ ଇଂଟରନ୍ୟାସନାଲର ଗ୍ଲୋବାଲ୍ ମାର୍କେଟ ଡେଭଲପମେଂଟର ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ – ଇଣ୍ଡିଆ ଆଣ୍ଡ ଏମ୍ ଇ ବୈଶାଳୀ ବାନାର୍ଜୀ କହିଛନ୍ତି: 'ପୁରୁଷମାନେ ସେମାନଙ୍କ ଜୀବନର ଅଧିକ ଉପାୟରେ ଏବଂ ଅଧିକ ମୁହୂର୍ତ୍ତରେ ଅଳଙ୍କାର ପିନ୍ଧୁଛନ୍ତି । ଏହି ସଂଗ୍ରହ ସହିତ, ଆମେ ମେନ୍ ଅଫ୍ ପ୍ଲାଟିନମ୍ କୁ ପ୍ରତିଷ୍ଠିତ ସଫଳତାକାରୀଙ୍କ ପାଇଁ ଷ୍ଟେଟମେଂଟ ପିସ୍ ଠାରୁ ଆରମ୍ଭ କରି ଯୁବକମାନଙ୍କ ପାଇଁ ଡିଜାଇନ୍-ଫରୱାର୍ଡ ବିକଳ୍ପ ପର୍ଯ୍ୟନ୍ତ ବିସ୍ତାର କରୁଛୁ । ଏହା ପୁରୁଷ ଅଳଙ୍କାର ବର୍ଗରେ ପ୍ଲାଟିନମ୍ ର ସ୍ଥାନର ଏକ ବ୍ୟାପକ ଅଭିବ୍ୟକ୍ତି । ଏହି ଡିଜାଇନ୍ ମେନ୍ ଅଫ୍ ପ୍ଲାଟିନମ୍ ର ମୂଲ୍ୟବୋଧକୁ ଏକ ବାସ୍ତବ ଉପାୟରେ ଜୀବନ୍ତ କରିଥାଏ ।

# ପୂର୍ବତଟ ରେଳପଥର ପଣ୍ୟ ବୋଝେଇ ୩.୪% ବୃଦ୍ଧି

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ପୂର୍ବ ତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ପଣ୍ୟ ବୋଝେଇ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପୂର୍ବ ତଟ ରେଳପଥ ୧୨୦.୭୬ ମିଲିୟନ ଟନ୍(ଏମ୍‌ଟି) ପଣ୍ୟ ବୋଝେଇ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହା ୧୧୬.୭୮ ମିଲିୟନ ଟନ୍ ଥିବାବେଳେ, ଚଳିତ ବର୍ଷ ପଣ୍ୟ ବୋଝେଇରେ ୩.୪% ଅଭିବୃଦ୍ଧି ହାସଲ ହୋଇଛି। ତିନୋଟି ମଣ୍ଡଳ ମଧ୍ୟରୁ, ଖୋର୍ଦ୍ଧା ରୋଡ୍ ମଣ୍ଡଳ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ୮୭.୬୪ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ଗତବର୍ଷ ତୁଳନାରେ ୧.୭% ଅଭିବୃଦ୍ଧି ହାସଲ କରିଛି। ରାୟଗଡ଼ା ମଣ୍ଡଳ ୧୯.୯୭ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ୮.୮% ଅଭିବୃଦ୍ଧି ହାସଲ କରିଥିବାବେଳେ, ସମ୍ବଲପୁର ମଣ୍ଡଳ ୧୩.୧୫ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ୭.୩% ଅଭିବୃଦ୍ଧି ହାସଲ କରିଛି। ପୂର୍ବ ତଟ ରେଳପଥର ପଣ୍ୟ ବୋଝେଇରେ କୋଇଲା ପ୍ରମୁଖ ଯୋଗଦାନକାରୀ ଭାବେ ରହିଛି। ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ କୋଇଲା ବୋଝେଇ ୭୧.୦୧ ମିଲିୟନ ଟନ୍ ହୋଇଛି। ଗତବର୍ଷର ସମାନ ଅବଧିରେ ୬୮.୪୬ ମିଲିୟନ ଟନ୍ କୋଇଲା ବୋଝେଇ ହୋଇଥିବାବେଳେ, ଚଳିତ ବର୍ଷ ଏଥିରେ ୩.୭% ଅଭିବୃଦ୍ଧି ହୋଇଛି। ଲୌହପଥର ବୋଝେଇରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ଲୌହପଥର ବୋଝେଇ ୧୭.୧୯ ମିଲିୟନ ଟନ ବୃଦ୍ଧି ପାଇ ୧୯.୬୦ ମିଲିୟନ ଟନରେ ପହଞ୍ଚିଛି, ଯାହା ୧୪.୦% ଅଭିବୃଦ୍ଧି ଦର୍ଶାଉଛି। କଣ୍ଟେନର ବୋଝେଇରେ ମଧ୍ୟ ୭.୮% ଅଭିବୃଦ୍ଧି ହୋଇ ୨.୧୦ ମିଲିୟନ ଟନରେ ପହଞ୍ଚିଛି। ଲୌହ ଓ ଇସ୍ପାତ ବୋଝେଇରେ ୦.୩% ସାମାନ୍ୟ ଅଭିବୃଦ୍ଧି ହୋଇଛି। ଚଳିତ ଆର୍ଥିକ ବର୍ଷରେ ପୂର୍ବ ତଟ ରେଳପଥ ପଣ୍ୟ ଅନ୍‌ଲୋଡିଂ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ପୂର୍ବ ତଟ ରେଳପଥ ୧୦୯.୬୬ ମିଲିୟନ ଟନ୍ ମାଲ ଅନ୍‌ଲୋଡ୍ କରିଛି। ଗତବର୍ଷର ସମାନ ଅବଧିରେ ୧୦୦.୧୧ ମିଲିୟନ ଟନ୍ ତୁଳନାରେ ଏହା ୧୦% ଅଭିବୃଦ୍ଧି ହୋଇଛି। ମଣ୍ଡଳଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ସର୍ବାଧିକ ୭୮.୩୩ ମିଲିୟନ ଟନ୍ ପଣ୍ୟ ଅନ୍‌ଲୋଡ୍ କରି ୧୧% ଅଭିବୃଦ୍ଧି ହାସଲ କରିଛି। ସମ୍ବଲପୁର ମଣ୍ଡଳ ୨୨.୮୪ ମିଲିୟନ ଟନ୍ ପଣ୍ୟ ଅନ୍‌ଲୋଡ୍ କରି ୬% ଅଭିବୃଦ୍ଧି ହାସଲ କରିଥିବାବେଳେ, ରାୟଗଡ଼ା ମଣ୍ଡଳ ୮.୪୯ ମିଲିୟନ ଟନ୍ ପଣ୍ୟ ଅନ୍‌ଲୋଡ୍ କରି ୩% ଅଭିବୃଦ୍ଧି ହାସଲ କରିଛି।



## ବିଜେଡ଼ିର ସମଦୂରତା ନୀତି

କ୍ରମାଗତ ୨୪ ବର୍ଷ ଧରି ରାଜ୍ୟରେ ଶାସନ କ୍ଷମତାରେ ରହିବା ପରେ ନବୀନଙ୍କ ନେତୃତ୍ୱରେ ବିଜେଡି କ୍ଷମତାଚ୍ୟୁତ ହେଲା ଏବଂ ଓଡ଼ିଶା ଇତିହାସରେ ପ୍ରଥମ ଥର ଲାଗି ବିଜେପି ନିଜ ବଳରେ ସରକାର ଗଠନ କଲା । ଓଡ଼ିଶା ଇତିହାସରେ ଏହା ଥିଲା ଏକ ଐତିହାସିକ ଘଟଣା । ରାଜ୍ୟବାସୀ କେବଳ ପରିବର୍ତ୍ତନ ସପକ୍ଷରେ ରାୟ ଦେଇନଥିଲେ, ନବୀନ ସରକାରଙ୍କ ବିରୋଧରେ ସ୍ପଷ୍ଟ ରାୟ ଦେଇଥିଲେ । ନବୀନ ବାବୁଙ୍କୁ ଓଡ଼ିଶାବାସୀ ଭଲ ପାଆନ୍ତି ଏବଂ ଏବେ ବି ଭଲ ପାଉଛନ୍ତି । କିନ୍ତୁ ତାଙ୍କ ଦଳର କିଛି ନେତା, ମନ୍ତ୍ରୀ ଓ ବିଧାୟକଙ୍କ କାର୍ଯ୍ୟରେ ଜନତା ସନ୍ତୁଷ୍ଟ ନଥିଲେ । ଦ୍ୱିତୀୟରେ ନବୀନ ବାବୁ ଅନ୍ୟ ଜଣେ ଅଣ ଓଡ଼ିଆଙ୍କ ଦ୍ୱାରା ପରିଚାଳିତ ହେବା ଏବଂ ତାଙ୍କ ଇଚ୍ଛାରେ ରାଜ୍ୟ ଶାସନ ପରିଚାଳିତ ହେବାକୁ ଓଡ଼ିଶାର ସାଧାରଣ ଜନତା ଗ୍ରହଣ କରିପାରିଲେ ନାହିଁ । ବିଜେଡି ଜିତିଲେ ନବୀନ ବାବୁ ନୁହଁନ୍ତି, ସେହି ଅଣଓଡ଼ିଆ ପୂର୍ବତନ ଆଇଏଏସ ଅଫିସର ଜଣକ ସର୍ବକ୍ଷମତା ପ୍ରାପ୍ତ ହୋଇ ଓଡ଼ିଶାରେ ରାଜ କରିବେ ବୋଲି ଲୋକେ ଅନୁଭବ କରି ଏହା ବିରୋଧରେ ରାୟ ଦେଲେ । ଲୋକେ ଦେଖିଲେ ନବୀନ ବାବୁ କିଛି ବୁଝୁ ନାହାଁନ୍ତି, କିଛି ଜାଣୁ ନାହାଁନ୍ତି । କେବଳ ଏକ କଣ୍ଢେଇ ଭଳି ସେ କାମ କରୁଛନ୍ତି । ଏଭଳି ଜଣେ ବ୍ୟକ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ରହିବା ଅନୁଚିତ ବୋଲି ରାଜ୍ୟବାସୀ ବିଚାର କଲେ ଏବଂ ସଠିକ ନିଷ୍ପତ୍ତି ନେଲେ । ୨୦୨୪ ନିର୍ବାଚନରେ ରାଜ୍ୟବାସୀ ସେମାନଙ୍କ ପରିପକ୍ୱତା ପ୍ରଦର୍ଶିତ କଲେ । ସବୁଠାରୁ ଉଲ୍ଲେଖନୀୟ ବିଷୟ ଥିଲା ରାଜ୍ୟର ୨୧ ଲୋକସଭା ଆସନ ମଧ୍ୟରୁ ୨୦ଟିରେ ବିଜେପି ଜିତିବା । ବିଜେଡି ଗୋଟିଏ ହେଲେ ଲୋକସଭା ଆସନ ଜିତିପାରିଲା ନାହିଁ । ଏହାର କାରଣ ହେଲା ଲୋକେ ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବା ଏକ ବ୍ୟର୍ଥ ଉଦ୍ୟମ ବୋଲି ଭାବିଲେ । ଲୋକେ ଲୋକସଭା ନିର୍ବାଚନରେ ଭୋଟ ଦେବା ବେଳେ ଚିନ୍ତା କରନ୍ତି କିଏ କେନ୍ଦ୍ରରେ ସରକାର ଗଠନବ, କିଏ ପ୍ରଧାନମନ୍ତ୍ରୀ ହେବ । ସେଥିପାଇଁ ଦୁଇଜଣ ପ୍ରାର୍ଥୀ ଥିଲେ । ଜଣେ ହେଲେ ନରେନ୍ଦ୍ର ମୋଦି ଏବଂ ଅନ୍ୟଜଣକ ହେଲେ ରାହୁଲ ଗାନ୍ଧି । ଲୋକେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ବାଛିଲେ । ସେଠାରେ ସେମାନେ ବିଜେଡିକୁ ଭୋଟ ଦେଇ ନିଜର ମତାଧିକାରକୁ ନଷ୍ଟ କରିବା ଲାଗି ଚାହିଁଲେ ନାହିଁ । ବିଜେଡିକୁ ଭୋଟ ଦେଲେ କିଏ ପ୍ରଧାନମନ୍ତ୍ରୀ ହେବ, କିଏ କେନ୍ଦ୍ରରେ ସରକାର ଗଠନ କରିବ ସେ ସମ୍ପର୍କରେ ଲୋକେ ଅନ୍ଧାରରେ ଥିଲେ । ବିଜେଡି ଏକ ଆଞ୍ଚଳିକ ଦଳ । ଏହି ଦଳ ରାଜ୍ୟର ସମସ୍ତ ୨୧ ଆସନ ଜିତିଲେ ବି ଏହା କେନ୍ଦ୍ରରେ ସରକାର ଗଠନ କରିପାରିବ ନାହିଁ । ଦ୍ୱିତୀୟରେ ବିଜେଡି ପ୍ରଥମେ ଏନଡିଏରେ ଥିଲା । ଲୋକେ ଏନଡିଏକୁ ସରକାର ଗଠନର ସୁଯୋଗ ଦେବାକୁ ବିଜୁ ଜନତା ଦଳକୁ ଭୋଟ ଦେଉଥିଲେ । କିନ୍ତୁ ନବୀନ ବାବୁ ଏନଡିଏରୁ ଦୁରେଇ ସମଦୂରତା ନୀତି ଅବଲମ୍ବନ କଲେ । ଏହାକୁ ଓଡ଼ିଶାବାସୀ ନାପସନ୍ଦ କରି ଅଗ୍ରାହ୍ୟ କଲେ । ସମଦୂରତା ନୀତି ଏବେ କିଛି ମାନେ ନାହିଁ । ଦେଶରେ ଏକ ସ୍ଥିର ଏବଂ ସ୍ଥାୟୀ ସରକାର ଗଠନ କରିବାକୁ ପଡ଼ିବ । ଯଦି ସବୁ ଦଳ ପରସ୍ପରଠାରୁ ସମଦୂରତା ନୀତି ଅବଲମ୍ବନ କରବେ ତେବେ କିଏ ସରକାର ଗଠନ କରିବ ? ଓଡ଼ିଶାବାସୀ କଂଗ୍ରେସ ବିରୋଧରେ ରାୟ ଦେଲେ । ଏହା ସ୍ୱାଭାବିକ ଭାବେ ବିଜୁ ଜନତା ଦଳ ବିପକ୍ଷରେ ମଧ୍ୟ ଗଲା । ୨୦୨୪ ନିର୍ବାଚନରେ ବିଜେଡି ପରାଜିତ ହେବାର ଏହା ଥିଲା ପ୍ରମୁଖ କାରଣ । କିନ୍ତୁ ନିର୍ବାଚନରେ ପରାଜୟ ସତ୍ତ୍ୱେ ବିଜେଡି କିଛି ଶିକ୍ଷାଗ୍ରହଣ କଲା ନାହିଁ । ବରଂ ଏହା ଅଧିକ ଦ୍ୱନ୍ଦ୍ୱ ଭିତରକୁ ଠେଲି ହୋଇଯାଇଛି । ନିର୍ବାଚନରେ ପରାଜୟ ପରେ ବିଜେଡିରେ ଏକ ପ୍ରକାର ବିଦ୍ରୋହ ପରିସ୍ଥିତି ସୃଷ୍ଟି ହୋଇଛି । ଅନେକ ପ୍ରମୁଖ ନେତା ଓ କର୍ମୀ ଦଳ ଛାଡ଼ିଛନ୍ତି । କିଛି ନେତାଙ୍କୁ ଦଳରୁ ବହିଷ୍କାର କରାଯାଇଛି । ବିଜେଡିର ଅନେକ ପ୍ରତିଷ୍ଠାତା ସଭ୍ୟ ଏବଂ ଅନେକ ଅଣକଂଗ୍ରେସ ନେତା ଦଳରେ ଆଉ ନାହାଁନ୍ତି । ଯେଉଁ କଂଗ୍ରେସ ବିରୋଧରେ ବିଜେଡି ଗଠିତ ହୋଇଥିଲା, ସେହି ଦଳର ଅନେକ ନେତା ଏବେ ବିଜେଡିର ନେତା ସାଜିଛନ୍ତି ।

“

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ ।

## ଅଙ୍ଗଦାନ, ଶ୍ରେଷ୍ଠ ଦାନ


॥ ଉମେଶ ଚନ୍ଦ୍ର ପାତ୍ର ॥


ଅଙ୍ଗଗ୍ରହିତାଙ୍କ ପାଇଁ ପ୍ରତ୍ୟାରୋପଣ ଅର୍ଥ ହେଉଛି ପୁନର୍ଜୀବନର ସୁଯୋଗ । ଏହା ଅନେକଙ୍କୁ ପୁଣି ଥରେ ସ୍ୱାଭାବିକ ଜୀବନକୁ ଫେରାଏ । ଆଗରୁ ଲୋକେ ଅଙ୍ଗଦାନ କ'ଣ ତାହା ଠିକ୍ ଭାବରେ ବୁଝିପାରୁନଥିଲେ । ଏବେ କିନ୍ତୁ ଲୋକେ ସଚେତନ ହେଲେଣି । ମୃତ୍ୟୁ ପରେ ଅଙ୍ଗପ୍ରତ୍ୟଙ୍ଗର ପୁନଃଚକ୍ରଣ ଯେ ହୋଇପାରେ ସେ କଥା ସାଧାରଣ ଲୋକେ ବି ବୁଝିଲେଣି । ମୃତ୍ୟୁପରେ ନିଜ ଅଙ୍ଗଦାନ ପାଇଁ ରାଜି ହେଲେଣି । ହେଲେ ଏତିକିରେ କ'ଣ ଦାୟିତ୍ୱ ସରିଗଲା ? ଆପଣ ଅଙ୍ଗଦାନ ପାଇଁ ରାଜି ହୋଇଗଲେମାନେ କ'ଣ ମୃତ୍ୟୁ ପରେ ଆପଣଙ୍କ ଅଙ୍ଗ କାମରେ ଲାଗିଯିବ ? ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରକ୍ରିୟା ଅଛି । ଆଇନଗତ ବ୍ୟବସ୍ଥା ଅଛି । ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଚାହୁଁଥିଲେ ପ୍ରଥମେ ନିଜ ନାମ ପଞ୍ଜିକରଣ କରାନ୍ତୁ । ନାମ ପଞ୍ଜିକରଣ କରାଇଥିଲେ ପ୍ରତ୍ୟାରୋପଣ ଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗକୁ କାମରେ ଲଗାଇବା ଉଭୟ ଡାକ୍ତର ଓ ପ୍ରତ୍ୟାରୋପଣକାରୀଙ୍କ ପାଇଁ ସହଜ ହେବ । ନାମ ପଞ୍ଜିକରଣ ଅଙ୍ଗଦାନ ପ୍ରକ୍ରିୟାରେ ଅଯଥା ବିଳମ୍ବକୁ ହ୍ରାସ କରେ ଫଳରେ ପ୍ରତ୍ୟାରୋପଣର ସଫଳତା ବୃଦ୍ଧି ପାଏ । ବର୍ତ୍ତମାନ ଭାରତରେ କେନ୍ଦ୍ରୀୟ ପଞ୍ଜିକରଣ ବ୍ୟବସ୍ଥା ନାହିଁ । କିନ୍ତୁ ଏ ଦିଗରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଏନ୍‌ଜିଓ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି ।

ଆଗରୁ ଅନେକ ଧାର୍ମିକ ଅନ୍ଧବିଶ୍ୱାସ ଯୋଗୁଁ ଅଙ୍ଗଦାନ ପ୍ରତି ବୀତସ୍ପୃହ ଥିଲେ । ଶୋକସନ୍ତପ୍ତ ପରିବାରକୁ ଅଙ୍ଗଦାନ ପାଇଁ କହିବାକୁ ଡାକ୍ତରମାନେ ମଧ୍ୟ ସାହସ କରିପାରୁନଥିଲେ । କିନ୍ତୁ ଏବେ ଅନେକେ ଏ ନେଇ ଦୃଷ୍ଟିଭଙ୍ଗୀ ବଦଳାଇଲେଣି । ପ୍ରିୟଜନଙ୍କୁ ହରାଇବାର କ୍ଷତିକୁ ତ ଅସ୍ୱୀକାର କରିହେବନି । କିନ୍ତୁ ଏ ଭିତରେ ବି ଅନ୍ୟକୁ ଜୀବନ ଦେଇପାରିବାରେ ଆତ୍ମ ସନ୍ତୋଷ ଅଛି ଏକଥା ଅନେକ ଅନୁଭବ କଲେଣି । ଅଧ୍ୟୟନରୁ ଜଣାପଡ଼ିଛି ନିଜ ପ୍ରିୟଜନର ଅଙ୍ଗରେ ଅନ୍ୟଜଣେ ବଞ୍ଚିପାରିବା ପରିବାରର ଦୁଃଖର ବୋଝକୁ ଲାଘବ କରୁଛି । ଅନେକ ଅଙ୍ଗଦାତା ପରିବାର ଅନୁଭବ କରସାରିଲେଣି ସେମାନଙ୍କ କ୍ଷତି ଭିତରେ ଏଇ ଗୋଟିଏ ମାତ୍ର ସକାରାତ୍ମକ ଦିଗ ରହିଛି ।

ପ୍ରତିବର୍ଷ ଜାତୀୟ ଅଙ୍ଗଦାନ ଦିବସ ପାଳିତ ହେଉଛି । ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କର ମୃତ୍ୟୁ ହେବାପରେ କିଡ଼ନୀ, ହାର୍ଟ, ଫୁସଫୁସ, ଲିଭର, ଅଗ୍ନାଶୟ, ପାନକ୍ରିୟାଜ ଆଦି ପ୍ରତିରୋପଣ କରାଯିବାର ବ୍ୟବସ୍ଥା ରହିଛି । ସମଗ୍ର ବିଶ୍ୱରେ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଆମେରିକା ଓ ଚୀନ ପରେ ଭାରତର ସ୍ଥାନ ତୃତୀୟ । ୨୦୧୩ରେ ୪୯୯୦ଟି ଅଙ୍ଗଦାନ ହୋଇଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୧୫୫୬୧କୁ ବୃଦ୍ଧି ପାଇଛି । ଭାରତରେ କେବଳ ପାଖାପାଖି ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର କିଡ଼ନୀ ପ୍ରତିରୋପଣ ଦରକାର ପଡ଼ିଥାଏ । ତେବେ ସର୍ବପ୍ରଥମେ ଭାରତରେ ୧୯୯୪ ମସିହାରେ ସରକାରଙ୍କ ଦ୍ୱାରା ମାନବ ଅଙ୍ଗ ପ୍ରତିରୋପଣ ଆଇନ ଗୃହୀତ ହେବାପରେ ୧୯୯୭ ମାର୍ଚ୍ଚ ୨୭ରେ ମୁମ୍ବାଇ ଠାରେ ସର୍ବପ୍ରଥମ କାଡ଼ାଭରିକ୍ କିଡ଼ନୀ ପ୍ରତିରୋପଣ ହୋଇଥିଲା । କିନ୍ତୁ ଏହାର ପୂର୍ବରୁ ପ୍ରଥମ ସଫଳ କାଡ଼ାଭରିକ ହାର୍ଟ ପ୍ରତିରୋପଣ ଅଗଷ୍ଟ ୩, ୧୯୯୪ରେ ହୋଇଥିଲା । ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଏଭଳି ଏକ ଚିକିତ୍ସା ସେବାକୁ ସ୍ମରଣ କରିବା ପାଇଁ ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ସଚେତନତା ବୃଦ୍ଧି କରାଯାଉଛି । ଅଙ୍ଗଦାନ ହାରକୁ ବୃଦ୍ଧି କରିବା ପାଇଁ ବ୍ୟାପକ ସଚେତନତା ଦ୍ୱାରା ଏକ ବଡ଼ ବାର୍ତ୍ତା ଦିଆଯିବା ପାଇଁ କାର୍ଯ୍ୟ କରୁଛି ତାହା ହେଉଛି 'ମୃତ୍ୟୁ ପରେ ଜଣେ ଅଙ୍ଗଦାତା କିପରି ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଜୀବିତ ରୁହେ ତାକୁ ନେଇ ସଚେତନତା ସୃଷ୍ଟି କରିବା ।' ୨୦୨୦ ଫେବୃଆରୀରେ ଓଡ଼ିଶାରେ ସର୍ବପ୍ରଥମେ କାଡ଼ାଭରିକ କିଡ଼ନୀ ପ୍ରତିରୋପଣ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ କରାଯାଇଥିଲା । ଓଡ଼ିଶା ସରକାର ଅଙ୍ଗଦାତାଙ୍କୁ ସେମାନଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷ ସମ୍ମାନ ପ୍ରଦାନ କରିବା ସହ ତାଙ୍କ ପରିବାରକୁ ସୁରଜ ସମ୍ମାନରେ ସମ୍ମାନିତ କରାଯାଉଛି । ଏହା ରାଜ୍ୟରେ ଅଙ୍ଗଦାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସଚେତନତା ଦେବ । ବର୍ତ୍ତମାନ ସୁଦ୍ଧା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୨୧୨ଟି କିଡ଼ନୀ ପ୍ରତିରୋପଣ କରାଯାଇଛି । ସେମାନଙ୍କ ଭିତରୁ କେବଳ ୧୪ଟି କାଡ଼ାଭରିକ୍ ପ୍ରତିରୋପଣ । ଚଳିତ ବର୍ଷ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଗଷ୍ଟ ୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ସଚେତନଧର୍ମୀ ସ୍ଲୋଗନ ରହିଛି - 'ମୁଁ ଜଣେ ଅଙ୍ଗଦାତା' । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଲିଭର ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ରାଜ୍ୟରେ ଏ ପର୍ଯ୍ୟନ୍ତ ୭ଟି ଲିଭର ପ୍ରତିରୋପଣ ସଫଳତାର ସହ ହୋଇଥିବାବେଳେ ସେଥିମଧ୍ୟରୁ ୨ଟି ହେଉଛି କାଡ଼ାଭରିକ ପ୍ରତିରୋପଣ । ୨ଟି କାଡ଼ାଭରିକ ଲିଭର ପ୍ରତିରୋପଣରୁ ଗୋଟିଏ ଏସସିବିରେ ହୋଇଛି ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତିତ, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ୍ୟ ବେଆଇନ । ତେବେ ଏ ସବୁ ଭିତରେ ପ୍ରତିବର୍ଷ ହଜାର ହଜାର ରୋଗୀ ପ୍ରତ୍ୟାରୋପଣ ପାଇଁ ଅପେକ୍ଷା କରି କରି ଶେଷ ନିଶ୍ୱାସ ତ୍ୟାଗ କରନ୍ତି । କାରଣ ସେମାନଙ୍କ ପାଇଁ ଉପଯୁକ୍ତ ଅଙ୍ଗଦାତା ମିଳନ୍ତି ନାହିଁ । ଦିନକୁ ଦିନ ଏ ସମସ୍ୟା ଆହୁରି ବଢୁଛି । ଭାରତରେ ପ୍ରତିବର୍ଷ ୫ଲକ୍ଷ ଲୋକେ ଅଙ୍ଗ ପ୍ରତ୍ୟାରୋପଣ ଅଭାବରୁ ପ୍ରାଣ ହରାନ୍ତି । ଏ ମଧ୍ୟରୁ ୨ଲକ୍ଷ ଲୋକ ମୃତ୍ୟୁବରଣ କରନ୍ତି କେବଳ ଲିଭର ଅକାମୀ ହୋଇଯିବା କାରଣରୁ । ୫୦ ହଜାର ବ୍ୟକ୍ତି ହୃଦ୍ ରୋଗରେ ପ୍ରାଣହରାନ୍ତି । ଦେଢ଼ଲକ୍ଷ ରୋଗୀ କିଡ଼ନୀ ପ୍ରତ୍ୟାରୋପଣ କରନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୫ ହଜାର ଜଣ କିଡ଼ନୀ ପାଇବାକୁ ଭାଗ୍ୟବାନ ବିବେଚିତ ହୁଅନ୍ତି । ଭାରତରେ ୧୦ଲକ୍ଷ କର୍ଣ୍ଣିଆ ଜନୀତ ରୋଗ ଯୋଗୁ ଅନ୍ଧତ୍ୱରେ ଜୀବନ କାଟନ୍ତି । ଏମାନେ ମଧ୍ୟ କର୍ଣ୍ଣିଆ ପ୍ରତ୍ୟାରୋପଣ ଦ୍ୱାରା ସ୍ୱାଭାବିକ ଦୃଷ୍ଟିଶକ୍ତି ଫେରିପାଇପାରିବେ । ଭାରତ ପରି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ପ୍ରତ୍ୟାରୋପଣ ଯୋଗ୍ୟ ଅଙ୍ଗ ନମିଳିବା ପ୍ରକୃତରେ ଦୁଃଖର ବିଷୟ । ଅଧ୍ୟୟନରୁ ଜଣାପଡ଼ିଛି ୧୨୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତରେ ୧ନିୟୁତ ଲୋକଙ୍କ ପାଇଁ ମାତ୍ର ୦.୦୮ ଅଙ୍ଗଦାତା ଅଛନ୍ତି । ବୈଶିକ ପରିସଂଖ୍ୟାନ ତୁଳନାରେ ଏହି ହାର ଖୁବ୍ କମ । ସରକାରଙ୍କ ବ୍ୟତୀତ ଅନେକ ଦାତବ୍ୟ ସଂଗଠନ ଏହି କାର୍ଯ୍ୟକ୍ରମ ପାଇଁ ଆଗେଇ ଆସୁଅଛନ୍ତି । ଲୋକମାନଙ୍କ ଭିତରେ ଦିନକୁ ଦିନ ସଚେଦନତା ମଧ୍ୟ ବଢୁଛି । ଜୀବନରେ ଜଣେ ଶ୍ରେଷ୍ଠ ସେବା ଭାବେ ଅଙ୍ଗଦାନ ଦ୍ୱାରା ଯେଉଁ ଉତ୍ସର୍ଗୀକୃତ ସେବା କରିଥାନ୍ତି ତାହା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଯୋଗାଇଥାଏ ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭,


## ଧର୍ମର ବିଗ୍ରହ ଶ୍ରୀରାମ


॥ ତପନ କୁମାର ପାଳ ॥


ଶ୍ରୀରାମ ଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି 'କବନ ସୋ କାଜ କଠିନ ଜ୍ ମାହିଁ । ଜୋ ନାହିଁ ହୋଇ ତାତ ତୁମହ ପାହିଁ ।' ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହା ତୁମ ଦ୍ୱାରା ସମ୍ଭବ ହୋଇନପାରିବ । ହନୁମାନ ଏହି ଚୌପାୟୀ ମାଧ୍ୟମରେ ନିଜର ଶକ୍ତି ଜଗାଇବା ଲାଗି ପ୍ରୟାସ କରିଥିଲେ, କିନ୍ତୁ ଏଥିରେ ପ୍ରତ୍ୟେକ ରାମଭକ୍ତ ପାଇଁ ବିଶେଷ ବାର୍ତ୍ତା ରହିଛି । ଆମେ ସମସ୍ତେ ଜାଣିଛୁ ଯେ ପ୍ରତ୍ୟେକ କୋଣରେ ରାମ ଅଛନ୍ତି । ଆମ ଭିତରେ ମଧ୍ୟ ଶ୍ରୀରାମ ଅନ୍ତର୍ମନର ଶକ୍ତି ରୂପରେ ଉପସ୍ଥିତ ଅଛନ୍ତି । ନିଜ ଜୀବନର ଲକ୍ଷ୍ୟକୁ ପାଇବା ଲାଗି ଆମେ ସମସ୍ତେ ଦୌଡୁଛୁ । ବେଳେ ବେଳେ ଲକ୍ଷ୍ୟ ପ୍ରାପ୍ତି ନହେଲେ ଆମେ ବିଷାଦଗ୍ରସ୍ତ ହୋଇପଡୁ । ନିରାଶା ଆମକୁ ଚାରିଦିଗରୁ ଘେରିଯାଏ । ଏପରି ସ୍ଥିତିରେ ଆମକୁ ନିଜ ଅନ୍ତରରେ ରାମ ଅର୍ଥାତ୍ ଅନ୍ତର୍ମନର ଶକ୍ତିକୁ ଜାଗ୍ରତ କରିବା ଲାଗି ପ୍ରୟାସ କରିବା ଆବଶ୍ୟକ । ହନୁମାନ ଯେତେବେଳେ ନିଜ ଅନ୍ତର୍ମନର ଶକ୍ତି ବିଷୟରେ ଅବଗତ ହୋଇପାରିଥିଲେ, ସେତେବେଳେ ସେ ଭାବିଲେ ଯେ ଏ ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହାକୁ ସେ କରିନପାରିବେ । ତାଙ୍କର ଜନ୍ମ ରାମଙ୍କ କାର୍ଯ୍ୟ କରିବା ଲାଗି ହୋଇଥିଲା । ଆତ୍ମବିଶ୍ୱାସ ଜାଗ୍ରତ ହେବା କ୍ଷଣି ହନୁମାନଙ୍କ ଶରୀର ପର୍ବ ଭଳି ବିଶାଳକାୟ ହୋଇଯାଇଥିଲା । ସାଧାରଣ ମନୁଷ୍ୟ ହନୁମାନଙ୍କ ଭଳି ମଧ୍ୟ ସବୁ କାର୍ଯ୍ୟ କରିବା ଲାଗି ସକ୍ଷମ, ଯାହା ହୁଏତ୍ ପ୍ରଥମ ଦୃଷ୍ଟିରେ ଅସମ୍ଭବ ଲାଗିପାରେ ।

ଆତ୍ମା ହିଁ ପରମାତ୍ମା । ସୋଅହମ । ଏହି ଶବ୍ଦ ସଃ ଏବଂ ଅହମ୍‌ର ସନ୍ଧିରୁ ସୃଷ୍ଟି ହୋଇଛି । ଯାହାର ଅର୍ଥ ମୁଁ ହିଁ ସେହି । 'ମୁଁ' ହିଁ ଭଗବାନ । ଏହାର ଆଧାରରେ ଏହା କୁହାଯାଇପାରିବ ଯେ ମନୁଷ୍ୟ ହିଁ ଈଶ୍ୱର ଅଟେ, ମନୁଷ୍ୟ ହିଁ ରାମ ଅଟେ । ପ୍ରତ୍ୟେକ ଜୀବ ପରମାତ୍ମାଙ୍କ ଅଂଶ ଅଟେ । ଯଦି ସେ କୌଣସି କାର୍ଯ୍ୟ କରିଥାଏ, ଏହାର ସିଧା ଅର୍ଥ ହେଉଛି ଯେ ସେ ଏହା ଈଶ୍ୱରଙ୍କ ନିର୍ଦ୍ଦେଶରେ ହିଁ କରୁଛି । ଶ୍ରୀରାମ ମଧ୍ୟ ଏପରି ଲୋକର ସହାୟତା କରିଥାନ୍ତି, ଯିଏ ବିପଦରେ ପଡ଼ିଥିଲେ ମଧ୍ୟ ବ୍ୟତିବ୍ୟସ୍ତ ହୁଏନାହିଁ । ଧୈର୍ଯ୍ୟର ସହିତ ସଂଘର୍ଷ କରିଥାଏ । ସେଥିପାଇଁ ରାମଚରିତ ମାନସରେ କୁହାଯାଇଛି - 'ରାଜୀବ ନୟନ ଧରେଁ ଧନୁ ସାୟକ । ଭଗତ ବିପତି ଭଞ୍ଜନ ସୁଖଦାୟକ' । ଯଦି ମନୁଷ୍ୟ କଠିନ ପରିସ୍ଥିତି ସହିତ ଲଢ଼ିବା ଲାଗି ଆଗକୁ ବଢ଼ିଥାଏ, ତାହେଲେ ପଦ୍ମ ସମାନ ନେତ୍ରଧାରୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ତାର ରକ୍ଷା କରିବେ । ଶ୍ରୀରାମ ଭକ୍ତର ଆଧିଦୈବିକ, ଆଧିଭୌତିକ ଏବଂ ଆଧିଦୈହିକ ବିପତ୍ତିର ନାଶ କରି ସୁଖ ପ୍ରଦାନ କରିବା ଲାଗି ତତ୍ପର ହେବେ । ଆମ ଭିତରେ ଅପାର ଶକ୍ତି ରହିଛି । ଶ୍ରୀରାମ ଏବଂ ରାବଣ ମଧ୍ୟରେ ଯୁଦ୍ଧ ଭଲ ଏବଂ ମନ୍ଦ ମଧ୍ୟରେ ଯୁଦ୍ଧ ଭଳି ଥିଲା । ନର ରୂପରେ ନାରାୟଣ, ଶ୍ରୀରାମ ଯେତେବେଳେ ରାବଣର ଗୋଟିଏ ମୁଣ୍ଡ କାଟୁଥିଲେ, ତାରଆଉ ଏକ ମୁଣ୍ଡ ପ୍ରକଟ ହୋଇଯାଉଥିଲା । ଏଥିରେ ବିବ୍ରତ ନହୋଇ ଶ୍ରୀରାମ ସ୍ଥିରଚିତ୍ତରେ ଯୁଦ୍ଧ କରିଥିଲେ । ସେ ନିଜ ଶକ୍ତିକୁ ଚିହ୍ନିଲେ ଏବଂ ରାବଣର ନାଭିକୁ କେନ୍ଦ୍ର କରି ଶର ଚଳାଇଲେ । ଫଳରେ ତାର ସବୁଦିନ ପାଇଁ ଅନ୍ତ ହୋଇଗଲା । ଅଧର୍ମ ବିରୋଧରେ ଧର୍ମର ଜୟ ହୋଇଥିଲା । ସନ୍ଥ କବୀର କହିଛନ୍ତି - 'କସ୍ତୁରୀ କୁଣ୍ଡଳ ବସୈ, ମୃଗ ଢୁଂଢ଼େ ବନ ମାହି । ଏସେ ଘଟ ଘଟ ରାମ ହୈ, ଦୁନିଆ ଦେଖେ ନାହିଁ ।' ଯେପରି ମୃଗର ନାଭିରେ କସ୍ତୁରି ରହିଥାଏ, କିନ୍ତୁ ସେ ତାକୁ ଜଙ୍ଗଲରେ ଖୋଜିଥାଏ । ଠିକ୍ ସେହିପରି ଈଶ୍ୱର ଅର୍ଥାତ୍ ପ୍ରକୃତ ଶକ୍ତି ଆମ ଭିତରେ ହିଁ ରହିଛି, କିନ୍ତୁ ଆମେ ତାର ସାମର୍ଥ୍ୟକୁ ଚିହ୍ନି ପାରିନଥାଉ । ପବିତ୍ର ବାଇବେଲରେ ମଧ୍ୟ କୁହାଯାଇଛି - ନିଜ ଭିତରକୁ ଦେଖ ନିଜକୁ ଜାଣ ।

ଶ୍ରୀରାମ ଚରିତମାନସରେ ଆଉ ଏକ ଚୌପାୟୀରେ ଗୋସ୍ୱାମୀ ବର୍ଣ୍ଣନା କରିଛନ୍ତି - 'ଜାନତ ତୁମହିଁ ତୁମହିଁ ହୋଇ ଜାଇ' । ଅର୍ଥାତ୍ ଯିଏ ଈଶ୍ୱରଙ୍କୁ ଜାଣିନେଇଛି, ସେ ନିଜେ ଈଶ୍ୱର ହୋଇଯାଇଛି । ଆମ ଭିତରେ ଅସୀମ ଶକ୍ତି ରହିଛି । ଏହାକୁ ସକ୍ରିୟ ରଖିବା କରିବା ଲାଗି ଏକାଗ୍ର ହେବା ଅତ୍ୟନ୍ତ ଜରୁରୀ । ଯଦି ଆମେ ଏକାଗ୍ରଚିତ୍ତ ହୋଇ କୌଣସି କାର୍ଯ୍ୟ କରୁ, ତାହେଲେ ଆମ ଶକ୍ତି ସୁପ୍ତ ହେବନାହିଁ । ଶ୍ରୀରାମ ଗୁରୁ ବଶିଷ୍ଠ ଏବଂ ଗୁରୁ ବିଶ୍ୱାମିତ୍ରଙ୍କ ଆଶ୍ରମରେ ରହି କେବଳ ଯୋଗ-ଧ୍ୟାନ ନୁହେଁ ବରଂ ସନ୍ଧ୍ୟାବନ୍ଦନା ଏବଂ ଗାୟତ୍ରୀ ମନ୍ତ୍ର ଜପକୁ ମଧ୍ୟ ନିଜ ଦିନଚର୍ଯ୍ୟାରେ ସାମିଲ କରିଥିଲେ । ଏହାଦ୍ୱାରା ସେ ନିଜ ଭିତରେ ଥିବା ଶକ୍ତିକୁ ଜାଗ୍ରତ କରିଥିଲେ । ପ୍ରକୃତରେ ମନୁଷ୍ୟର ମସ୍ତିଷ୍କ ଶକ୍ତିର କୌଣସି ସୀମା ନାହିଁ । ଯଦି ଆମେ ନିଜ ଭିତରର ଶକ୍ତିକୁ ଜାଗ୍ରତ କରିବାର ଅଛି, ତାହେଲେ ମସ୍ତିଷ୍କକୁ ଏକାଗ୍ରତାର ଚରମ ସୀମାକୁ ନେଇଯିବାର ଅଛି । ନକାରାତ୍ମକ ବିଚାର ଆମର ଅନ୍ତରୀଣ ଶକ୍ତିକୁ ଆଚ୍ଛାଦିତ କରି ରଖିଥାଏ, ଯେଉଁ କାରଣରୁ ଏହାର ଆଲୋକ ବାହାରକୁ ଆସିପାରିନଥାଏ । ଉଦାହରଣ ସ୍ୱରୂପ ଯଦି ମନୁଷ୍ୟ ଥକା ଅନୁଭବ କରିଥାଏ, ତାହେଲେ ସର୍ବପ୍ରଥମେ ସେ ଏହା ଭାବିଥାଏ ଯେ ସେ ଥକିଯାଇଛି । ଯାହାର ଫଳସ୍ୱରୂପ ଅନ୍ତରୀଣ ଶକ୍ତିର ଆଲୋକ ମଧ୍ୟ ଦୁର୍ବଳ ହୋଇଯାଏ । ଅନ୍ୟପଟେ ଯଦି ମସ୍ତିଷ୍କରେ ସକାରାତ୍ମକ ବିଚାର ଉତ୍ପନ୍ନ ହୋଇଥାଏ, ତାହେଲେ ଅନ୍ତରୀଣ ଶକ୍ତି ମଧ୍ୟ ସକ୍ରିୟ ହୋଇଯାଏ । ଶ୍ରୀରାମ ହେଉଛନ୍ତି ସତ୍ୟ ଏବଂ ଲକ୍ଷ୍ମଣ ସମର୍ପଣର ପ୍ରତୀକ । ଯେଉଁମାନଙ୍କ ଜୀବନରେ ସତ୍ୟ ଏବଂ ସମର୍ପଣ ରହିବ, ତାଙ୍କର ସମସ୍ତ ଅନୁଷ୍ଠାନ ପୂରଣ ହେବ । ଶ୍ରୀରାମ ମଧ୍ୟ କେବେହେଲେ ଧର୍ମକୁ କର୍ମକାଣ୍ଡ ମଧ୍ୟରେ ସୀମିତ ରଖିନଥିଲେ । ଗରିବ, ଦୁଃଖି, ବଞ୍ଚିତ, ପୀଡ଼ିତଙ୍କ ସହାୟତାକୁ ହିଁ ସେ ଧର୍ମ ବୋଲି ଗ୍ରହଣ କରିନେଇଥିଲେ । ସଫଳତା ମିଳିଯିବା ପରେ ଅର୍ଥାତ୍ ଅଯୋଧ୍ୟାର ରାଜା ହେବା ପରେ ମଧ୍ୟ ସେ ସଂଯମ ବଜାୟ ରଖିଥିଲେ । ଅନ୍ତର୍ମନର ଯାତ୍ରା ଲାଗି ସଂଯମ ସହିତ ସଦାଚାରର ମଧ୍ୟ ଆବଶ୍ୟକତା ରହିଛି । ଜୀବନରେ ଆପଣଙ୍କ ପରିଚୟ ଅନ୍ତର୍ମନ ସହିତ ହେଲେ ବ୍ୟକ୍ତିତ୍ୱରେ ଶୁଦ୍ଧତା ଏବଂ ସୌମ୍ୟତା ଆସିଥାଏ । ଭେଦଭାବରୁ ବଞ୍ଚିତ ଶ୍ରୀରାମଙ୍କ ପାଇଁ ଛୁଆଁ ଅଛୁଆଁ, ଧନୀ ଗରିବ, ଉଚ୍ଚନୀଚ ମଧ୍ୟରେ କୌଣସି ଭେଦଭାବ ନଥିଲା । ତେଣୁ ଶ୍ରୀରାମଙ୍କୁ ସାକ୍ଷାତ ଧର୍ମର ବିଗ୍ରହ ବୋଲି କୁହାଯାଇଛି - ରାମୋ ବିଗ୍ରହବାନ ଧର୍ମଃ । ଶ୍ରୀରାମଙ୍କ ସତ୍ୟନିଷ୍ଠା ବିଷୟରେ ମହର୍ଷି ବାଲ୍ମିକୀ ଲେଖିଛନ୍ତି - 'ରାମଃ ଦ୍ୱିର୍ନ ଭୋ' - ରାମ ଦୁଇ ଥର କୁହନ୍ତି ନାହିଁ । ଆଚରଣ କଥା କହିଲେ - ଶୂର୍ପଣଖା ପରମ ରୂପବତୀ ହୋଇ ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲା । ଏକ ପତ୍ନୀ ବ୍ରତ ଏବଂ ସଦାଚାରୀ ରାମ ତାକୁ ନାକଚ କରିଦେଇଥିଲେ । ଯଦି ରାମଙ୍କ ଭଳି ଏହି ଗୁଣକୁ ଆମେ ନିଜ ଭିତରେ ସମାହିତ କରିଦେବୁ, ତାହେଲେ ଅନ୍ତର୍ମନରେ ଶକ୍ତିକୁ ସହଜରେ ଜାଗ୍ରତ କରାଯାଇପାରିବ ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,

ଦୂରଭାଷ : ୯୯୩୭୬୫୮୩୬୨


## ଦାରାଧିନ ସ୍ତଥା ସ୍ୱର୍ଗଃ...


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ । ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି । ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ । ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଇ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି ।

ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି । ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା । ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ପୋଞପତ୍ନୀକଃ ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା । ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ । ନାରୀ ସର୍ବଦା କଲ୍ୟାଣକାରୀ । ସେ ପୂଜ୍ୟା । ଗୃହର ଦୀପ୍ତି । ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି । କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ । ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି । ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି 'ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ । ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ ।' ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ । ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା । ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା । ପରମ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି - 'ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା - ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ - ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା'ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି - ତେବେ ହିଁ ତୁମେ ଝିଅ - ତେବେ ହିଁ ତୁମେ ସତୀ ।'

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି । ନାରୀ ଜୀବନର ବୈଶିଷ୍ଟ୍ୟ ହେଲା - ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ । କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ । ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ । ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ । ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି - ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା । ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ।

ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି । ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୁଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା । ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ । ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ ।

ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ । ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୟ ଲୋପ ପାଇଯାଏ ।


ସହପ୍ରତିରତ୍ୱିକ ଓ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ପଣ୍ୟ ପରିଚାଳନା ବୃଦ୍ଧି ନେଇ ଷ୍ଟିଭେଡୋର୍ସଙ୍କ ସହ ପାରାଦୀପ ବନ୍ଦର ଅଧ୍ୟକ୍ଷ ଙ୍କ ସମୀକ୍ଷା ବୈଠକ



ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ଓ ଷ୍ଟିଭେଡୋର୍ସ ଆସୋସିଏସନ୍ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ଦରର କାର୍ଯ୍ୟକ୍ଷମତା ସମ୍ପର୍କିତ ସମସ୍ୟା, ଭିତ୍ତିଭୂମିର ବିକାଶ ଏବଂ ପଣ୍ୟ ପରିଚାଳନା ଦକ୍ଷତା ବୃଦ୍ଧି ନେଇ ଆଲୋଚନା କରାଯାଇଛି।

ଚଳିତ ଆର୍ଥିକ ବର୍ଷରେ ୧୭୦ ନିୟୁତ ମେଟ୍ରିକ୍ ଟନ୍‌ରୁ ଅଧିକ ପଣ୍ୟ ପରିଚାଳନା ଲକ୍ଷ୍ୟ ହାସଲ କରିବା ପାଇଁ ପାରାଦୀପ ବନ୍ଦରର ପ୍ରତିବଦ୍ଧତା ଥିବା ନେଇ ଅଧ୍ୟକ୍ଷ ଦୋହରାଇଥିଲେ। ଏହା ପୂର୍ବ ଆର୍ଥିକ ବର୍ଷ ୨୦୨୫-୨୬ରେ ପରିଚାଳିତ ୧୫୬.୪୫ ନିୟୁତ ମେଟ୍ରିକ୍ ଟନ୍ ପଣ୍ୟ ତୁଳନାରେ ଅଧିକ ଲକ୍ଷ୍ୟ ରଖାଯାଇଛି।

ଦେଖାଯାଉଥିବା ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ଭିତ୍ତିଭୂମି ବିକାଶ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏଥିମଧ୍ୟରେ ବନ୍ଦର ଭିତର ଓ ବାହାର ରାସ୍ତାର ଉନ୍ନତିକରଣ, ପଣ୍ୟ ସଂରକ୍ଷଣ ପାଇଁ ଉପଯୁକ୍ତ ସ୍ଥାନର ବିକାଶ ଏବଂ ପରିବହନକୁ ସୁଗମ କରିବା ସହ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ପାଇଁ ପ୍ରସ୍ତାବଗୁଡ଼ିକୁ ମଧ୍ୟ ଅନୁମୋଦନ ମିଳିଛି ଏବଂ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟାନ୍ୱୟନ ଆରମ୍ଭ ହେବା ଆଶା କରାଯାଉଛି। ଏଥିସହ କର୍ମଚାରୀ ଓ ପରିଦର୍ଶକଙ୍କ ପାଇଁ ପରିମଳ ଏବଂ କଲ୍ୟାଣମୂଳକ ସୁବିଧାର ଉନ୍ନତି ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା।

ସାର୍ବଜନୀନ-ଘରୋଇ ସହଭାଗିତା ଆଧାରିତ ଯାନ୍ତ୍ରିକୀକରଣକୁ ଆଗକୁ ବଢ଼ାଇବା ଉପରେ ଅଧ୍ୟକ୍ଷ ଗୁରୁତ୍ୱ ଦେଇଥିଲେ। ସାର୍ବଜନୀନ-ଘରୋଇ ସହଭାଗିତା ଅପରେଟର୍‌ମାନେ ବର୍ତ୍ତମାନର ହିତାଧିକାରୀମାନଙ୍କ ସହ ସୁସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଏବଂ ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ସହଯୋଗଭିତ୍ତିକ ସମସ୍ୟା ସମାଧାନର ଗୁରୁତ୍ୱ ଉପରେ ଆଲୋକପାତ କରି ଅଧ୍ୟକ୍ଷ, ଡ୍ରେଜିଂ ଆବଶ୍ୟକତା, ଟ୍ରାଫିକ୍ ଏବଂ ପଣ୍ୟ ପରିଚାଳନା ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବନ୍ଦର ପ୍ରଶାସନ ଓ ଷ୍ଟିଭେଡୋର୍ସଙ୍କ ମଧ୍ୟରେ ଘନିଷ୍ଠ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ପାଦକତା, କାର୍ଯ୍ୟକ୍ଷମତା ଓ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇଁ ହିତାଧିକାରୀମାନଙ୍କ ସହ ଗଠନମୂଳକ ଆଲୋଚନା କରିଥିଲେ। ବୈଠକ ଶେଷରେ ପାରାଦୀପ ବନ୍ଦର ପ୍ରାଧିକରଣ ଓ ଷ୍ଟିଭେଡୋର୍ସ ଆସୋସିଏସନ୍ ? ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଏବଂ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବା ସହ ପାରାଦୀପ ବନ୍ଦରକୁ ଦେଶର ଏକ ପ୍ରମୁଖ ନୌବାଣିଜ୍ୟିକ ପ୍ରବେଶଦ୍ୱାର ଭାବେ ଆହୁରି ସୁଦୃଢ଼ କରିବା ନିମନ୍ତେ ଉଭୟ ପକ୍ଷ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

# ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ: ସଭାପତି ଇନ୍ଦ୍ରଶିଷ, ସମ୍ପାଦକ ଅମିତ ଓ ଉପସଭାପତି ଭାବେ ଅଞ୍ଜଳି ବିଜୟୀ



ଜୁନାଗଡ଼, (ମହାଭାରତ ): ସ୍ଥାନୀୟ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ବାଜିମାତ୍ କରିଛି। ଆଜି ଅପରାହ୍ନ ୨ଟାରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହେବା ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଥିଲା। ମହାବିଦ୍ୟାଳୟର ମୋଟ ୫୯୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୩୮ ଜଣ ମତାଧିକାର ସାବ୍ୟସ୍ତ କରିଥିଲେ। ଘୋଷିତ ଫଳାଫଳ ଅନୁଯାୟୀ, ସଭାପତି ପଦବୀରେ ବିସିଜେଡି ସମର୍ଥିତ ପ୍ରାର୍ଥୀ ଇନ୍ଦ୍ରଶିଷ ବେହେରା ୩୪୬ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜୋଗିନ୍ଦ୍ର ଦଳପତି ୧୮୪ ଭୋଟ ପାଇଥିଲେ। ଏହି ପଦବୀରେ ୮ଟି ଭୋଟ ନାକଚ ହୋଇଛି। ଉପ-ସଭାପତି ପଦରେ ଅଞ୍ଜଳି ନାୟକ ୩୩୮ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତପସ୍ୱିନୀ ଦୁର୍ଗା ୧୯୧ ଭୋଟ ପାଇ ପରାଜିତ ହୋଇଛନ୍ତି ।ସେହିପରି ସାଧାରଣ ସମ୍ପାଦକ ପଦବୀରେ ଅମିତ ବାଗ ୨୪୫ ଭୋଟ ପାଇ ବିଜୟ ହାସଲ କରିଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗଣେଶ ସାହୁ ୨୦୬ ଭୋଟ ଓ ଅବନିକାନ୍ତ ଛତ୍ରପାଳ ୭୬ ଭୋଟ ପାଇଥିଲେ (୧୧ଟି ଭୋଟ ବାତିଲ)। ଏହି ନିର୍ବାଚନରେ ବିସିଜେଡି ସମସ୍ତ ପ୍ରମୁଖ ପଦବୀ ଅକ୍ତିଆର କରିବା ପରେ କ୍ୟାମ୍ପସ ପରିସରରେ ସମର୍ଥକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହର ଲହରୀ ଖେଳିଯାଇଛି।

# ପରଜଙ୍ଗରେ ଛାତ୍ର ସଂସଦର ଏ ଭି ଭୀ ପି ର ବାଜିମାତ



ପରଜଙ୍ଗ , (ମହାଭାରତ ) ସାରା ଓଡ଼ିଶାରେ କଲେଜ ମାନଙ୍କର ଛାତ୍ର ସଂସଦ ନିର୍ବାଚନ ଆରମ୍ଭ ହେଉଥିବା ବେଳେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟରେ ଶାନ୍ତି ଶୃଙ୍ଖଳ ସହିତ ଛାତ୍ର ସଂସଦ ନିର୍ବାଚନ ହେଉଥିବା ବେଳେ ପରଜଙ୍ଗ ମହାବିଦ୍ୟାଳୟ ରେ ସକାଳ ୮ ଟାରେ ମତଦାନ ଆରମ୍ଭ ହୋଇ ଦିନ ୨ ଟାରେ ଶେଷ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପରଜଙ୍ଗ ମହାବିଦ୍ୟାଳୟରେ ୨୦ ଜଣ ପ୍ରାଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଥିଲେ । ତେବେ ମୋଟ ୫୯୪ ଛାତ୍ର ଛାତ୍ରୀ ଭୋଟର ଥିବାବେଳେ ୫୧୩ ଜଣ ଛାତ୍ର ଛାତ୍ରୀ ମତଦାନ କରିଥିଲେ । ତେବେ ଏହି ନିବାଚନରେ ପରଜଙ୍ଗ ମହାବିଦ୍ୟାଳୟ ର ଛାତ୍ର ସଂସଦର ଏ ଭି ଭୀ ପି ର ସମସ୍ତ ପ୍ରାଥୀ ବାଜିମାତ କରିଥିଲେ । ତେବେ ଶାନ୍ତି ଶୃଙ୍ଖଳା ସହିତ ନିର୍ବାଚ ହେବାକୁ ନେଇ ପରଜଙ୍ଗ ମହାବିଦ୍ୟାଳୟ ର ଅଧାକ୍ଷା ସ୍ମିତାରାଣୀ ସାହୁଙ୍କ ଅଧକ୍ଷତା ଦ୍ୱାରା ମୋବାଇଲ ଫୋନ ଓ ସ୍ମାର୍ଟ ୱାଚ କୁ ବାରଣ କରାଯାଇ ଥିବା ବେଳେ କଲେଜ ଫାଟକରେ ମଧ କଡା ଚେକିଂ କରାଯାଇଥିଲା । ସେପଟେ ପରଜଙ୍ଗ ପୋଲିସ ପ୍ରଶାସନ ପକ୍ଷରୁ କଲେଜ କ୍ୟାମ୍ପସ ବାହାରେ ବ୍ୟାପକ ପିଲିସ ମୁତୟନ କରି ଶାନ୍ତି ଶୃଙ୍ଖଳା ସହିତ ନିର୍ବାଚନ ସାରିବାକୁ ମହାବିଦ୍ୟାଳୟ ଓ ପ୍ରସାସନିକ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ପରଜଙ୍ଗ ଅଂଚଳରେ ବିଦ୍ୟାଳୟରେ ଶାନ୍ତି ଶୃଙ୍କାଳ ସହିତ ମାତଦାନ ହୋଇଥିଲା । ମତଦାନ ଶତକଡା ୮୭. ୫ ଭାଗ ଭୋଟ ହୋଇଥିବା ସୂଚନା ମିଳିଛି।

# ଜେକେପୁରରେ ଦୁର୍ଗାପୂଜା ପ୍ରସ୍ତୁତି ଜୋରଦାର

ରାୟଗଡ଼, (ମହାଭାରତ): ରାୟଗଡ଼ ଜିଲ୍ଲା ସଦର ବ୍ଲକ ଜେକେପୁରରେ ଚଳିତବର୍ଷ ଦୁର୍ଗାପୂଜାକୁ ଆକର୍ଷଣୀୟ ଓ ଆଡ଼ମ୍ବରପୂର୍ଣ୍ଣ କରିବା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଜେକେ କାଗଜକଳ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ପୂଜା ସହିତ ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚଳିତବର୍ଷ କୋଲକାତାର ପ୍ରସିଦ୍ଧ ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଆକୃତିର ସୁନ୍ଦର ତୋରଣ ନିର୍ମାଣ କରାଯାଇଛି। ପୂଜା କମିଟିର ଅଧ୍ୟକ୍ଷ ବିନୟ ଦ୍ୱିବେଦୀ, ସମ୍ପାଦକ ବିଶ୍ୱଜିତ ଦ୍ୱିବେଦୀ, ସହକାରୀ ସମ୍ପାଦକ ଶୈଳେନ୍ଦ୍ର କୁମାର ସାମନ୍ତରାୟ ଓ କୋଷାଧ୍ୟକ୍ଷ ଗଣେଶ ସିଂଙ୍କ ନେତୃତ୍ୱରେ ପ୍ରସ୍ତୁତି ଚାଲିଛି। ସମନ୍ୱୟ କମିଟିରେ ସନ୍ଦୀପ ପାଣ୍ଡେ, ଏମ୍.ଭି. ରାଜା, ଜି.ଏସ୍ ?. ପଟ୍ଟନାୟକ, ସି.ଏସ୍. ଆପ୍ପା ରାଓ, ପି. ଗୌରୀ ଶଙ୍କର ରାଓ, ବାଲାଜୀ ପେଣ୍ଟେନ୍ ଠିଥ, ତ୍ରିପତି ରାଓ, ଏସ୍ ?. ଦୁର୍ଗା, ଜି.ଭି. ରମଣା, ସୁଦ୍ଧା କ୍ରିଷିକା, ଆଲୁ ଶଙ୍କର ଓ ମେନାର ବାବୁ ସାମିଲ ଅଛନ୍ତି। ଆସନ୍ତା ଅକ୍ଟୋବର ୧୭ ତାରିଖ ଶନିବାର ଷଷ୍ଠୀ ପୂଜାରୁ ଧାର୍ମିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ନବପତ୍ରିକା ସ୍ନାନ ଏବଂ ଅପରାହ୍ନ ୪ଟା ୩୦ରେ ବିଲ୍ୱାଧିବାସ ଅନୁଷ୍ଠିତ ହେବ। ଅକ୍ଟୋବର ୧୮ ତାରିଖ ରବିବାର ମହାସପ୍ତମୀରେ ସକାଳ ୮ଟାରୁ ସୂର୍ଯ୍ୟପୂଜା, ନେତ୍ର ଉନ୍ମୋଚନ, ପ୍ରାଣପ୍ରତିଷ୍ଠା, ଷୋଡ଼ଶୋପଚାର, ଆଳତି ଓ ପୁଷ୍ପାଞ୍ଜଳି ଆଦି ଅନୁଷ୍ଠିତ ହେବ। ଅପରାହ୍ନ ୨ଟାରେ ଚଣ୍ଡୀପାଠ, ବିଲ୍ୱାର୍ଚ୍ଚନା, ହୋମ ଓ ଆଳତି କରାଯିବ। ଅକ୍ଟୋବର ୧୯ ତାରିଖ ସୋମବାର ମହାଷ୍ଟମୀରେ ସକାଳ ୭ଟାରୁ ସୂର୍ଯ୍ୟପୂଜା ଆରମ୍ଭ ହେବ। ପୂର୍ବାହ୍ନ ୧୦ଟା ୧୯ରୁ ୧୧ଟା ୦୭ ପର୍ଯ୍ୟନ୍ତ ସନ୍ଧିପୂଜା ଏବଂ ୧୧ଟା ୩୦ରେ ମହାଷ୍ଟମୀର ସ୍ୱତନ୍ତ୍ର ପୂଜା ହେବ। ଅପରାହ୍ନ ୨ଟାରେ ଚଣ୍ଡୀପାଠ, ବିଲ୍ୱାର୍ଚ୍ଚନା ଓ ହୋମ ଅନୁଷ୍ଠିତ ହେବ।



# ପାରାଦୀପରେ ଏବିଭିପି ର ବାଜିମାତ : ସଭାପତି ଭାବେ ରାକେଶ ବେଜ ଙ୍କ ବିଜୟ



ପାରାଦୀପ, (ମହାଭାରତ): ରାଜ୍ୟର ସମସ୍ତ ବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଥିବା ବେଳେ ପାରାଦୀପ ମହାବିଦ୍ୟାଳୟରେ ଛାତ୍ର ନିର୍ବାଚନ ଗୁରୁବାର ଦିନ ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ସଭାପତି ପ୍ରାର୍ଥୀ ରାକେଶ ବେଜ ନିର୍ବାଚିତ ହୋଇଥିବା ବେଳେ ଉପସଭାନେତ୍ରୀ ଭାବେ ବିଜୁନା ରେଡି,ସାଧାରଣ ସମ୍ପାଦିକା ଭାବେ ଜୁଲି ସାହୁ,ସହ-ସାଧାରଣ ସମ୍ପାଦିକା ଋତୁପୂର୍ଣ୍ଣା ସ୍ୱାଇଁ,ଆଥଲେଟିକ ସେକ୍ରେଟାରୀ ସୌମ୍ୟ ରଞ୍ଜନ ତରାଇ,ଏସଏସଜି ସେକ୍ରେଟାରୀ ଲିଜା ଦାସ,ଗାର୍ଲ୍ସ କମନ ରୁମ ସେକ୍ରେଟାରୀ ସ୍ୱୟମ ପ୍ରଭା ପାତ୍ର,ଗାର୍ଲ୍ସ ରିପ୍ରେଜେଣ୍ଟେଟିଭ ପ୍ରିୟମ୍ବଦା ବାରିକ ବିଜୟୀ ହୋଇଥିବା ବେଳେ ଡ୍ରାମାଟିକ ସେକ୍ରେଟାରୀ ଭାବେ ମାତ୍ର ଗୋଟିଏ ପୋଷ୍ଟରେ ସ୍ୱାଧୀନ ପ୍ରାର୍ଥୀନୀ ରୋଜାଲିନ ସାହୁ ବିଜୟୀ ହୋଇଛନ୍ତି । ସୂଚନାଥାଉକି ପ୍ରାର୍ଥୀପତ୍ର ଯାଞ୍ଚ ପରେ ୨୩ ରୁ ୧୪ ଜଣ ଏବିଭିପି ପ୍ରାର୍ଥୀ ମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ଏବଂ ବାକି ୯ ଟି ପୋଷ୍ଟ ପାଇଁ ଏହି ନିର୍ବାଚନ ହେଉଥିଲା ଯେଉଁଥିରେ ଏବିଭିପି ର ପ୍ରାୟ ସମସ୍ତ ପ୍ରାର୍ଥୀ ଜୟଯୁକ୍ତ ହୋଇଥିଲେ । ଅନ୍ୟପକ୍ଷରେ ସ୍ୱାଧୀନ ସଭାପତି ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀ ମାନେ ତୃତୀୟ ସ୍ଥାନରେ ରହିଛନ୍ତି । ତେବେ ଏବିଭିପି ର ଏହି ବିଜୟ ପାରାଦୀପ ମହାବିଦ୍ୟାଳୟରେ ଇତିହାସର ପୁନରାବୃତ୍ତି କରିଛି । ୧୯୯୭/୯୮ ମସିହାରେ ପାରାଦୀପ ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ର ପ୍ରାର୍ଥୀ ମାନେ ବିଜୟୀ ହୋଇ ଓଡ଼ିଶାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିପିଏମ ବଦଳିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି



ବାଲିଆପାଳ, (ମହାଭାରତ) : ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିପିଏମ ବଦଳିକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି ।ସାତ ବର୍ଷରେ ବଦଳିଲେଣି ୫ ଜଣ ବିପିଏମ ।ତିନି ମାସ ତଳେ ଆସିଥିବା ବିପିଏମ ସଞ୍ଜୟ ପାତ୍ରଙ୍କ ପୁଣି କଣ ପାଇଁ ବଦଳି ।ସ୍ୱାସ୍ଥ୍ୟ ବିଭାଗର ଏକ ଫାର୍ଶ ।ବଦଳି ବାତିଲ ନ ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଆମରଣ ଅନଶନ ସହିତ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଗୁରୁବାର ସୂଚନା ଅଧିକାର ସଂଘ ପକ୍ଷରୁ ସିଡିଏମଓଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ନ ଥିବା ବେକେ ଉପସ୍ଥିତ ଥିବା ପିଏଇଚଇ ଓ ଝୁନାବାଲା ଦେଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି ।ଏ ନେଇ ସଂଘର ସଭାପତି ଅନୁଜ କୁମାର ମହାପାତ୍ର ଏବଂ ତାଙ୍କର ବହୁ ସଦସ୍ୟ ମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଏକତ୍ରିତ ହୋଇ ବିପିଏମ ସଞ୍ଜୟ ପାତ୍ରଙ୍କ ବଦଳି ବାତିଲ କରି ସ୍ୱାସ୍ଥ୍ୟ ବିଭାଗ ବଦଳି ଫାର୍ଶ ବନ୍ଦ କରନ୍ତୁ ବୋଲି ଉପସ୍ଥିତ ଖବରଦାତା ମାନଙ୍କୁ କହିଛନ୍ତି। ସଭାପତି ଶ୍ରୀ ମହାପାତ୍ର କହିଛନ୍ତି କି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ବିଭାଗ ଅଣଦେଖା କରୁଛନ୍ତି ।ଦୀର୍ଘ ଦିନ ଧରି ଏଠାରେ ବହୁ ଡାକ୍ତର, ନର୍ସ ,ସହିତ ବହୁ କର୍ମଚାରୀଙ୍କ ଅଭାବରେ ଡାକ୍ତରଖାନା ଚାଲିଛି। ସାତ ବର୍ଷରେ ୫ ଜଣ ବିପିଏମ ବଦଳି ହେଇଛନ୍ତି କାହିଁକି ।ପୁଣି ଏଠାରେ ୩/ ୪ ବର୍ଷ ଧରି ସ୍ଥାୟୀ ବିପିଏମ ନ ଥିଲେ ।୩ ମାସ ତଳେ ଏଠାକୁ ଆସିଥିବା ବିପିଏମ ସଞ୍ଜୟ ପାତ୍ରଙ୍କୁ ପୁଣି କେଉଁ ଉଦ୍ଦେଶ୍ୟରେ ତାଙ୍କୁ ହାତିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବଦଳି କରିବାର ମାନେ କଣ ।ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ସମସ୍ତ କାର୍ଯ୍ୟ ବିପିଏମ ଉପରେ ନିର୍ଭର କରେ ।ମାତ୍ର ବାରମ୍ବାର ବିପିଏମ ବଦଳି ସହିତ ଉକ୍ତ ପଦବୀ ଫାଙ୍କା ପଡିବା ଫଳରେ ବାଲିଆପାଳ ସ୍ୱାସ୍ଥ୍ୟ ସେବା ଏକ ପ୍ରକାର ସ୍ଥାଣୁ ହୋଇପଡିଛି ।ଯଦିବା ୩ ମାସ ତଳେ ବିପିଏମ ଆସିଥିଲେ ହେଲେ ପୁଣି ଏବେ ତାଙ୍କର ବଦଳି ।କାହା ସ୍ୱାର୍ଥ ରେ ଏପରି ବଦଳି ପାଲା କରା ଯାଉଛି ।ତୁରନ୍ତ ବିପିଏମ ବଦଳି ବନ୍ଦ କରା ନ ଗଲେ ଭୟାବହ ଆନ୍ଦୋଳନ ସହିତ ଆମରଣ ଅନଶନ କରିବାକୁ ପଛାଇବୁ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପୁଷ୍ଟି ସଚେତନତା ପାଇଁ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ: ଜିଲ୍ଲାପାଳ



ନବରଙ୍ଗପୁର, (ମହାଭାରତ ) "ଆମର ଅଙ୍ଗନବାଡ଼ି, ଆମର ଦାୟିତ୍ୱ" ବିଷୟବସ୍ତୁକୁ ନେଇ ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ୯ମ ରାଷ୍ଟ୍ରୀୟ ପୋଷଣ ମାହ–୨୦୨୬ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀକୁ ଉଦ୍ ?ଘାଟନ କରିଥିଲେ। ଏକ ମାସ ଧରି ଚାଲିଥିବା ଏହି ଅଭିଯାନ ଅଧୀନରେ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ, କର୍ମଚାରୀ ଓ ଅଙ୍ଗନବାଡ଼ି କର୍ମୀମାନଙ୍କ ପକ୍ଷରୁ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ପୁଷ୍ଟିକର ଖାଦ୍ୟ, ସୁସ୍ଥ ଖାଦ୍ୟାଭ୍ୟାସ ଏବଂ ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସମ୍ପର୍କରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଆୟୋଜନ କରାଯାଇଥିଲା। ପ୍ରଦର୍ଶନୀରେ ମିଲେଟ୍ ଲଡ୍ଡୁ, ଛତୁଆ ସମେତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସ୍ଥାନ ପାଇଥିଲା। ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଅଙ୍ଗନବାଡ଼ି କର୍ମୀମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ପୁଷ୍ଟିସାଧନ କ୍ଷେତ୍ରରେ ଜନସହଭାଗିତା ଓ ସାମୂହିକ ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମା' ଓ ଶିଶୁଙ୍କ ସୁସ୍ଥତା ପାଇଁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଗ୍ରହଣ, ସ୍ୱାସ୍ଥ୍ୟସେବାର ଉପଯୋଗ ଏବଂ ସରକାରୀ ଯୋଜନାଗୁଡ଼ିକର ସୁଫଳ ହାସଲ କରିବା ଦିଗରେ ସମସ୍ତଙ୍କୁ ସଚେତନ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏତଦବ୍ୟତୀତ ନିଜ ଅଭିଭାଷଣରେ ପୁଷ୍ଟି ସଚେତନତାକୁ ଅଧିକ ବ୍ୟାପକ କରିବା ପାଇଁ ଜିଲ୍ଲାସ୍ତରରେ ଏକ ସ୍ୱତନ୍ତ୍ର ଜନସଚେତନତା ଅଭିଯାନ ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଥିଲେ। ଏହି ଅଭିଯାନରେ ସରକାରୀ ଜନକଲ୍ୟାଣକାରୀ ଯୋଜନାର ସୁଫଳ ହାସଲ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ ଏବଂ ସୁଷମ ଓ ପୁଷ୍ଟିକର ଖାଦ୍ୟ ଗ୍ରହଣର ଉପକାରିତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। ବିଶେଷକରି ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନଙ୍କ ପାଇଁ ମିଲେଟ୍ ଲଡ୍ଡୁ, ଛତୁଆ ଭଳି ପୁଷ୍ଟିକର ଖାଦ୍ୟ ଏବଂ ଉପଲବ୍ଧ ସ୍ୱାସ୍ଥ୍ୟ ଓ ପୁଷ୍ଟିସେବାର ଉପଯୋଗିତା ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ପୁଷ୍ଟି, ସ୍ୱାସ୍ଥ୍ୟସେବା ଓ ସରକାରୀ ଯୋଜନାଗୁଡ଼ିକର ଲାଭ ସମ୍ପର୍କରେ ସଚେତନତାମୂଳକ ଭିଡିଓ ପ୍ରସ୍ତୁତ କରାଯାଇ ପ୍ରସାର କରାଯିବ। ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟରେ ଏହି ଅଭିଯାନ ଚାଲିବ। ଏହାଦ୍ୱାରା ଲୋକଙ୍କ ମଧ୍ୟରେ ପୁଷ୍ଟିକର ଖାଦ୍ୟ ଗ୍ରହଣ, ସୁସ୍ଥ ଜୀବନଶୈଳୀ ଏବଂ ସରକାରୀ ଯୋଜନାର ସଠିକ୍ ଉପଯୋଗ ସମ୍ପର୍କରେ ସଚେତନତା ବୃଦ୍ଧି ପାଇବା ସହ ଯୋଗ୍ୟ ହିତାଧିକାରୀମାନେ ଉପଲବ୍ଧ ସେବାର ସୁଫଳ ପାଇପାରିବେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବି. ଏନ୍. ଦରୱାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ପୁଷ୍ଟି ଶିକ୍ଷା, ଜନସଚେତନତା ଓ ଅତ୍ୟାବଶ୍ୟକ ସେବା ପ୍ରଦାନ କ୍ଷେତ୍ରରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଅଧିକ ସୁଦୃଢ଼ କରିବା ସହ ଜିଲ୍ଲା ପ୍ରଶାସନ, ଅଙ୍ଗନବାଡ଼ି କର୍ମୀ ଓ ସମାଜର ସମସ୍ତ ବର୍ଗଙ୍କ ସମନ୍ୱିତ ପ୍ରୟାସରେ ଏକ ସୁସ୍ଥ, ସମୃଦ୍ଧ ଓ ପୁଷ୍ଟିସମ୍ପନ୍ନ ନବରଙ୍ଗପୁର ଗଠନ କରିବା ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଉଦଳାରେ ବିଜେପିର ମିଶ୍ରଣ ପର୍ବ, ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀଙ୍କ ଯୋଗଦାନ



ଉଦଳା( ମହାଭାରତ ): ମୟୂରଭଞ୍ଜ: ମୟୂରଭଞ୍ଜ ଜିଲ୍ଲା ଉଦଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉଦଳାର ହୋଟେଲ ସିପ୍ରନଠାରେ ଆଜି ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେଡି ଓ କଂଗ୍ରେସର ବହୁ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ଦଳକୁ ଅଧିକ ସୁଦୃଢ଼ କରିବା ସହ ସଂଗଠନର ବିସ୍ତାର ପାଇଁ କାର୍ଯ୍ୟ କରିବେ ବୋଲି ନବାଗତ କର୍ମୀମାନେ କହିଛନ୍ତି।ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ରାଜ୍ୟର ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ଏବଂ ପୂର୍ବତନ ମୟୂରଭଞ୍ଜ ବିଜେପି ଜିଲ୍ଲା ସଭାପତି ନିହାର ମୋଦି ପ୍ରମୁଖ ଉପସ୍ଥିତ ଥିଲେ।ଏଥିସହ ନିର୍ବାଚନମଣ୍ଡଳୀର ବିଭିନ୍ନ ମଣ୍ଡଳର ସଭାପତିଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ନେତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କପ୍ତିପଦା ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ, ବିଜେଡିର ୩ ନମ୍ବର ଜୋନ୍ ?ର ଜିଲ୍ଲା ପରିଷଦ ସଦସ୍ୟ ସିରୁ ସୋରେନଙ୍କ ସମେତ ବିଭିନ୍ନ ଅଞ୍ଚଳର ବହୁ ସରପଞ୍ଚ ଓ ସମିତି ସଭ୍ୟ ବିଜେପିରେ ଯୋଗଦେଇଥିବା ସୂଚନା ମିଳିଛି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ଅଧିକ ମଜବୁତ କରିବା ଏହି ମିଶ୍ରଣ ପର୍ବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ କହିଥିଲେ। ଏହି ଯୋଗଦାନ ଦ୍ୱାରା ଉଦଳା ଅଞ୍ଚଳରେ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଇବ ବୋଲି ଦଳୀୟ ନେତାମାନେ ଆଶା ପ୍ରକାଶ କରିଛନ୍ତି।

## ଛାତ୍ରଛାତ୍ରୀଙ୍କ ଦୃଷ୍ଟିଦୋଷ ଚିହ୍ନଟ ପାଇଁ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଶିବିର

ଦଶପଲ୍ଲା, (ମହାଭାରତ): ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ଦୃଷ୍ଟିଦୋଷ ଚିହ୍ନଟ କରି ଠିକଣା ସମୟରେ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟରେ ଦଶପଲ୍ଲା ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଗୁରୁବାର ପିଏମ୍ ଶ୍ରୀ ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୬୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।ଶିବିରରେ ପ୍ରଶିକ୍ଷଣ ଦେଇ ଚକ୍ଷୁ ଚିକିତ୍ସକ ଉମାକାନ୍ତ ସାହୁ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୃଷ୍ଟିଦୋଷ ଭଳି ସମସ୍ୟା ଦେଖାଦେଲେ ତାହାକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରିବା ଆବଶ୍ୟକ। ଠିକ୍ ସମୟରେ ଏହାର ଚିହ୍ନଟ ଓ ଚିକିତ୍ସା କରାଗଲେ ପିଲାମାନେ ଅନେକ ଜଟିଳତାରୁ ରକ୍ଷା ପାଇବା ସହ ଶିକ୍ଷାଗ୍ରହଣରେ ଉନ୍ନତି କରିପାରିବେ। ଏ କ୍ଷେତ୍ରରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କ ଆଚରଣ ଓ ପଢ଼ାପଢ଼ି ସମୟରେ ଦେଖାଦେଉଥିବା ବିଭିନ୍ନ ଲକ୍ଷଣରୁ ଦୃଷ୍ଟିଦୋଷ ସମ୍ପର୍କରେ ପ୍ରାଥମିକ ଧାରଣା ମିଳିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଯାନୀ, ପିଏମ୍ ଶ୍ରୀ ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଧିଷ୍ଠିର କହଁର, ସହକାରୀ ଚକ୍ଷୁ ଚିକିତ୍ସକ ଦୀପକ କୁମାର ସାହୁ ଓ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

## କେନ୍ଦ୍ରାପଡା ଡିଏଭି ପବ୍ଲିକ ସ୍କୁଲରେ ସ୍କୁଲ କ୍ୟାବିନେଟ ନିର୍ବାଚନ

**କେନ୍ଦ୍ରାପଡ଼ା:**କେନ୍ଦ୍ରାପଡ଼ାସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲରେ ଆଜି ସ୍କୁଲ କ୍ୟାବିନେଟ୍ ନିର୍ବାଚନ ଉତ୍ସାହ ଓ ଗଣତାନ୍ତ୍ରିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଦପଦବୀ ପାଇଁ ୩୮ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ନାମାଙ୍କନ ଦାଖଲ କରିଥିଲେ। ଏହି ନିର୍ବାଚନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ, ଦାୟିତ୍ୱବୋଧ, ଶୃଙ୍ଖଳା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ବିକାଶ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନିର୍ବାଚନ ପ୍ରକ୍ରିୟାରେ ବିଭିନ୍ନ ପଦବୀ ପାଇଁ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ନିର୍ବାଚନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକୁ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ସୁଚାରୁ ରୂପେ ପରିଚାଳନା କରିଥିଲେ। ବିଭିନ୍ନ ପଦବୀ ପାଇଁ ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରତୀକ କୁମାର ବେହେରା- ପ୍ରଧାନମନ୍ତ୍ରୀ, ଶ୍ୟାମସ୍ୱରୂପ ଜେନା - ଉପପ୍ରଧାନମନ୍ତ୍ରୀ, ଆଦ୍ୟା ଆକାଂକ୍ଷା ଦାସ- ପିକନିକ୍ ମନ୍ତ୍ରୀ, ସାଇସାର୍ଥକ ଧଳ- ଶିକ୍ଷା ମନ୍ତ୍ରୀ, ଦିବ୍ୟାଶା ଦାଶ- ବିଦ୍ୟାଳୟ ବିକାଶ ମନ୍ତ୍ରୀ, ବିଶ୍ୱରାଜ ଦାଶ- ସାଂସ୍କୃତିକ ମନ୍ତ୍ରୀ ଏବଂ ପ୍ରିୟଙ୍କା ପ୍ରିୟାଂଶୀ- ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ମନ୍ତ୍ରୀ ଭାବେ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

## ଓଡ଼ିଶା ସାଂସ୍କୃତିକ ସମାଜର ୫୭ ତମ ପ୍ରତିଷ୍ଠା ଦିବସ

**ସମ୍ବଲପୁର,:**ଓଡିଶା ର ବିଶିଷ୍ଟ ସାମାଜିକ ଓ ସଂସ୍କୃତିକ ଅନୁଷ୍ଠାନ ଓଡିଶା ସଂସ୍କୃତିକ ସମାଜ ତାର ୫୭ ତମ ପ୍ରତିଷ୍ଠା ଦିବସ ପାଳନ କରିଛି । ଆତ୍ମ ସମୀକ୍ଷା ଦିବସ ଭାବରେ ଗୃହୀତ ଏହି ଦିନରେ କର୍ମକ ର୍ତ୍ତା ଏବଂ ସଦସ୍ୟ ମାନେ ଉପସ୍ଥିତ ରହି ଅନୁଷ୍ଠାନ ର ଇତିହାସ ଏବଂ କାର୍ଯ୍ୟ ବାବଦରେ ଉଲ୍ଲେଖ କରିଥିଲେ ।ସଭାପତି ଅଶୋକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟମାନେ କହିଲେ ସମ୍ବିଧାନ, ଶୃଙ୍ଖଳା, ସ୍ୱଚ୍ଛତା ଅନୁଷ୍ଠାନକୁ ଆଗେଇନିଏ। ସଂସ୍କୃତି ସହିତ ଅର୍ଥନୈତିକ ସାମାଜିକ ବିଷୟ ଜଡିତ ଥାଏ କ୍ଷ ପୂଜ୍ୟାପୂଜା ପରମ୍ପରକ୍ଷରେ ସଂସ୍କୃତିକ ସମାଜ ଆଗ୍ରଗଣ୍ୟ ଅଟେ । ସର୍ବଦା ଅଂଚଳର ସ୍ୱାର୍ଥ ଚିନ୍ତା କରୁଥିବା ଏହି ଅନୁଷ୍ଠାନ ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ପାଇଁ, ଡ଼. ଜେ. ର ପ୍ରାଦୁର୍ଭାବ ରୋକିବା ପାଇଁ, ଚାଷୀ ମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ, ଆମ ଅଞ୍ଚଳର ବିଶ୍ୱ ବିଦ୍ୟାଳୟ ମାନଙ୍କରେ ସ୍ଥାନୀୟ ନିଯୁକ୍ତି ଉପରେ ଆଗକୁ ପଦକ୍ଷେପ ନେବ ବୋଲି ମତ ପ୍ରକାଶ ପାଇଥିଲା । ଏତତ ବ୍ୟତୀତ ଯେଉଁଥିରେ ଜନ ଜୀବନର ସମ୍ପୃକ୍ତି ରହିଛି ସେ ଦିଗରେ ସ୍ୱର ଉତ୍ତୋଳନ କରୁ ବୋଲି ସଦସ୍ୟ ମାନେ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମ ରେ ଅର୍ଜୁନ ରଞ୍ଜନ ପଣ୍ଡା, ଭବାନୀ ଦୀକ୍ଷିତ, ଡ଼. ସନ୍ତୋଷ ଦାଶ, ଅରବିନ୍ଦ ମହାପାତ୍ର, ପ୍ରଫୁଲ୍ଲ ହୋତା, ଡ଼. ପରେଶ ଚନ୍ଦ୍ର ଦାନୀ, ଅଶୋକ ମିଶ୍ର, ରଘୁନାଥ ମିଶ୍ର, ଡ଼. ବିଜୟ ପ୍ରଧାନ, ଦିଲୀପ ବଘାର, ଲକ୍ଷ୍ମଣ ପଣ୍ଡା, ରତ୍ନ ଭୂଷଣ ପୃସେଠ, ଶିବ ଶଙ୍କର ନନ୍ଦ, ଡ଼. ଶ୍ୟାମ ସୁନ୍ଦର ଧର, ମୁରାରୀ ପୁରୋହିତ, ପ୍ରଶାନ୍ତ ପାଟଯୋଶୀ, କଳ୍ପନା ମିଶ୍ର, କବିତା ପୁରୋହିତ, ଡ଼. ଗିରିଧାରୀ ହୋତା, ବୋଧରାମ ଦାଶ ପ୍ରମୁଖ ନିଜ ନିଜ ମତ ରଖିଥିଲେ ।

### ରେଢ଼ାଖୋଲ ଭୀମଭୋଇ କଲେଜ ଛାତ୍ର ନିର୍ବାଚନ

## ବିସିଜେଡିର ବାଜିମାତ, ସଭାପତି ଭାବେ ଶିବ ପ୍ରଧାନ ବିଜୟୀ



ରେଢ଼ାଖୋଲ (ମହାଭାରତ)ବହୁ ପ୍ରତିକ୍ଷା ଓ ଉତ୍କଣ୍ଠାର ଅନ୍ତ ପରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥିତ ଭୀମଭୋଇ କଲେଜର ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଛି। କଲେଜ କ୍ୟାମ୍ପସରେ ଦୀର୍ଘ ଆଠ ମାସ ପରେ ଅନୁଷ୍ଠିତ ଏହି ନିର୍ବାଚନକୁ ନେଇ ଚାରିଆଡ଼େ ଭାରୀ ଉତ୍ସାହ ଏବଂ ସରଗରମ ପରିବେଶ ଦେଖିବାକୁ ମିଳିଥିଲା। ଏଥରର ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମସ୍ତ ପ୍ରମୁଖ ପଦବୀରେ ଦବ୍‌ଦବା ଜାହିର୍ କରି ବାଜିମାତ କରିଛି। ତ୍ରୀମୁଖି ଲଢ଼େଇରେ ବିଜୟର ମୁକୁଟ ପିନ୍ଧିଛି ବିସିଜେଡି । ଚଳିତଥର କଲେଜ ନିର୍ବାଚନରେ ଏବିଭିପି ବିସିଜେଡି ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ତ୍ରୀମୁଖି ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ସଭାପତି, ଉପସଭାପତି ଏବଂ ସମ୍ପାଦକ ପଦବୀ ପାଇଁ ମୋଟ ୯ ଜଣ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ନିର୍ବାଚନ ରେ ସମୁଦାୟ ୭୩୩ ଛାତ୍ରଛାତ୍ରୀ ଥିବାବେଳେ ଏଥି ମଧ୍ୟରୁ ୬୩୮ ଜଣ ମତ ସାବ୍ୟସ୍ତ କରିଥିଲେ। ଭୋଟ୍ ଗଣନା ପରେ ଆସିଥିବା ଚୂଡ଼ାନ୍ତ ଫଳାଫଳ ଅନୁଯାୟୀ ସଭାପତି ପଦବୀ ,ବିସିଜେଡି ପ୍ରାର୍ଥୀ ଶିବ ପ୍ରଧାନ ୩୩୩ ଭୋଟ୍ ଉପସଭାପତି ପଦବୀ ରେ ଅବିନାଶ ରାଉତ ୩୬୨ ଭୋଟ୍ ଏବଂ ସମ୍ପାଦକ ପଦବୀ ପାଇଁ ବାଦଲ ପ୍ରଧାନ ୩୧୫ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଏହି ବିଜୟୀ ବିଜୁ ଛାତ୍ର ନଗର ସଭାପତି ଶିବଶମ୍ଭୁ ନନ୍ଦଙ୍କ ତତ୍ତ୍ୱାବଧାନରେ ନିର୍ବାଚିତ ସମସ୍ତ ବିଭାଗ ପ୍ରାର୍ଥୀ ବିଜୟ ଲାଭ କରିଥିବାରୁ ରେଢ଼ାଖୋଲ ବିଜେଡିରେ ଖୁସିର ଲହରୀ ଖେଳିଯାଇଛି । ଏହି ବିଜୟ ପରେ ରେଢ଼ାଖୋଲର ବିଜୁ ଛାତ୍ର ଜନତା ଦଳ ଶିବିରରେ ଏକ ପ୍ରକାର ଖୁସିର ଲହରି ଖେଳିଯାଇଛି। ବିଜୟୀ ପ୍ରାର୍ଥୀମାନେ ଏହି ସଫଳତାର ଶ୍ରେୟ ଭୀମଭୋଇ କଲେଜର ସମସ୍ତ ସାଥୀ ଛାତ୍ରଛାତ୍ରୀ ଏବଂ ଦଳର କର୍ମକର୍ତ୍ତାମାନଙ୍କୁ ପ୍ରଦାନ କରିଛନ୍ତି । ରେଢ଼ାଖୋଲ ଏନ୍.ଏ.ସି.ର ଶିବଶମ୍ଭୁ ନନ୍ଦ କହିଛନ୍ତି ଯେ, ଏହି ସଫଳତା କେବଳ କଲେଜର ବିଜୟ ନୁହେଁ, ବରଂ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଏବଂ ସମଗ୍ର ବିଜୁ ଜନତା ଦଳର ନୀତି ଆଦର୍ଶର ଜୟ। କଲେଜ ପରିସରରେ ବିଜୟୀ ପ୍ରାର୍ଥୀମାନଙ୍କୁ ସମର୍ଥକ ଓ ଶୁଭେଚ୍ଛୁମାନେ ଫୁଲମାଳ ଦେଇ ଭବ୍ୟ ସ୍ୱାଗତ ଜଣାଇଛନ୍ତି।

## ଖଡ଼ିଆଳ ବ୍ଲକ ଛକଠାରେ ପ୍ରଥମଥର ହେବ ବାଗଦେବୀଙ୍କ ପୂଜା



ନୂଆପଡା: (ମହାଭାରତ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ବ୍ଲକ ଛକସ୍ଥିତ ବର୍ତ୍ତମାନର ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ପ୍ରଥମଥର ପାଇଁ ସାର୍ବଜନୀନ ଦୁର୍ଗାପୂଜା ଆୟୋଜିତ ହେବ। ଏହି ଅକ୍ଟୋବର ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପୂଜା ସହ ଚାରିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ବିନୋଦ ବିହାରୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂଜା ସମ୍ପର୍କରେ ସୂଚନା ଦିଆଯାଇଥିଲା। କମିଟିର ସଭାପତି ଭାବେ ବିନୋଦ ବିହାରୀ ପାଢ଼ୀ, ଉପସଭାପତି ଅଜିତ ପ୍ରଧାନ, ସମ୍ପାଦକ ପ୍ରକାଶ ଶର୍ମା, ସହସମ୍ପାଦକ ଯଶୋବନ୍ତ ପଣ୍ଡା, ଗରୁଡ଼େଶ୍ୱର ଗହୀର ଓ ଆଦିତ୍ୟ ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରମୋଦ ପତି ଏବଂ ସାଂସ୍କୃତିକ କମିଟି ଆବାହକ ସୁନୀଲ କୁମାର ସାହୁ ମନୋନୀତ ହୋଇଛନ୍ତି। ଅର୍ଥ କମିଟିର ଆବାହକ ଭାବେ ସତୀଶ କୁମାର ନାଏକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଗୌତମ ତାଣ୍ଡି, ଶ୍ରୀଗୋପାଳ ଅଗ୍ରୱାଲ, ସଞ୍ଜୟ କୁମାର ମହାଉତି, ଜ୍ୟୋତିଲାଲ ବଞ୍ଜାରେ, ଡୋଲାମଣି ଚିନ୍ଧା, ଧରମ ସୋନବାନି, ସୁଧାଂଶୁ ବେହେରା, ରାଜେନ୍ଦ୍ର ବେହେରା, ବିମଳ ସିଂ ଦଳପତି, ଅନିଲ ମେହେର ଓ ସୁନୀଲ ରାଉତ, ଯୁଗଳ କିଶୋର ମହାନନ୍ଦ କମିଟିରେ ସ୍ଥାନ ପାଇଛନ୍ତି। ପୂଜକ ଭାବେ ବିଜୟ ମହାପାତ୍ର ଦାୟିତ୍ୱ ତୁଲାଇବେ। ପୂଜାକର୍ତ୍ତା ଭାବେ ଶ୍ରୀଗୋପାଳ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ରହିବେ। ପ୍ରଥମଥର ପାଇଁ ଏହି ପୂଜା ଆୟୋଜନକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ପ୍ରକାଶ ପାଇଛି।

## ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜରେ ଲକ୍ଷାଧିକ ଟଙ୍କାର ସାଳକାଠ ଜବତ



କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅଞ୍ଚଳରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ସାଳକାଠ ଜବତ କରାଯାଇଛି। ଏକ ପିକଅପ୍ ଭ୍ୟାନ୍‌ରେ ବେଆଇନ ଭାବେ ସାଳକାଠ ବୋଝେଇ କରି ଆନନ୍ଦପୁର ଆଡ଼କୁ ନିଆଯାଉଥିବା ସମୟରେ ବନବିଭାଗ ଏହା ଉପରେ ଚଢ଼ାଉ କରିଛି । ତେବେ ବନବିଭାଗର କର୍ମଚାରୀଙ୍କୁ ଦେଖି ଗାଡ଼ି ଛାଡ଼ି ଚାଳକ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜର ବନବିଭାଗ ଅଧିକାରୀମାନେ ଏକ ପିକଅପ୍ ଭ୍ୟାନ୍‌ରେ ସାଳକାଠ ବୋଝେଇ ହୋଇ ଆନନ୍ଦପୁର ଆଡ଼କୁ ଯାଉଥିବା ନେଇ ଖବର ପାଇଥିଲେ। ବନବିଭାଗର ଏକ ଟିମ୍ ଆଜି ସକାଳ ପ୍ରାୟ ୫ଟା ୧୫ ମିନିଟ୍ ସମୟରେ ବଜାର ନିକଟରେ ଜୋଗିଥିଲେ । ଏହି ସମୟରେ ଓଡ଼ି ୦୧ ଏ ୫୨୪୮ ନମ୍ବର ବିଶିଷ୍ଟ ଏକ ପିକଅପ୍ ଭ୍ୟାନ୍‌କୁ ବନବିଭାଗ ଅଟକାଇବାକୁ ଉଦ୍ୟମ କରିବାରୁ ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।ପରେ ବନବିଭାଗର କର୍ମଚାରୀମାନେ ଗାଡ଼ିକୁ ଯାଞ୍ଚ କରିବାରୁ ସେଥିରେ ବିପୁଳ ପରିମାଣର ସାଳକାଠ ବୋଝେଇ ହୋଇଥିବା ଦେଖିବାକୁ ପାଇଥିଲେ। ଗାଡ଼ିରୁ ମୋଟ ୭୭.୯୩ ସିଫ୍ଟ ସାଳକାଠ ଜବତ କରାଯାଇଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଡିଏଫ୍‌ଓ ଅଜୟ କୁମାର ସାହୁ, ବନାଞ୍ଚଳ ଅଧିକାରୀ ଅଜୟ କୁମାର ଦାସ, ବନପାଳ ଗୌତମ ମହାନ୍ତ, ହରିଶ ଚନ୍ଦ୍ର ବେହେରା ଏବଂ ବନରକ୍ଷୀ ସନତ ମହାନ୍ତ, ଗଦାଧର ମହାନ୍ତଙ୍କ ସମେତ ବନବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

## ପତ୍ରାପାଲିରେ ତିନି ଦିନିଆ ଭବ୍ୟ ଏକତା ମହୋତ୍ସବ ଉଦ୍‌ଯାପିତ

**ସମ୍ବଲପୁର, :** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଲୁଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପତ୍ରାପାଲି ଗ୍ରାମରେ ଏକତା ଦିବସ ଉପଲକ୍ଷେ ଆୟୋଜିତ ତିନି ଦିନିଆ ଭବ୍ୟ ସାଂସ୍କୃତିକ ମହୋତ୍ସବ ବେଶ୍ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଗତ ଅକ୍ଟୋବର ୧୨ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଉତ୍ସବ ସମଗ୍ର ଅଞ୍ଚଳରେ ଏକ ନିଆରା ଉତ୍ସବମୁଖର ପରିବେଶ ସୃଷ୍ଟି କରିଥିଲା। ଗ୍ରାମରେ ଭାଇଚାରା, ସଦ୍‌ଭାବନା ତଥା ଏକତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲା ରଙ୍ଗାରଙ୍ଗ ସାଂସ୍କୃତିକ ସନ୍ଧ୍ୟା ଏବଂ ନୃତ୍ୟ ପ୍ରତିଯୋଗିତା। ଏଥିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାର ତଥା ପ୍ରତିଯୋଗୀମାନେ ନିଜର ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ଏହା ସହିତ ନାଟ୍ୟାନୁଷ୍ଠାନ 'ଶ୍ରୀ ଲକ୍ଷ୍ମୀ ଅପେରା' ଦ୍ୱାରା ତିନି ଦିନ ଧରି ମଞ୍ଚସ୍ଥ ହୋଇଥିବା ନାଟକଗୁଡ଼ିକ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା। ଅଭିନେତା ଓ ଅଭିନେତ୍ରୀମାନଙ୍କ ଜୀବନ୍ତ ଅଭିନୟ ଏବଂ ହୃଦୟସ୍ପର୍ଶୀ ସଂଳାପ ରାତି ତମାମ ହଜାର ହଜାର ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲା। ଏହି ବିରାଟ କାର୍ଯ୍ୟକ୍ରମକୁ ସଫଳ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ କରିବା ପଛରେ ଆୟୋଜକ କମିଟି ସଦସ୍ୟଙ୍କ ନିରନ୍ତର ପରିଶ୍ରମ ଓ ସହଯୋଗ ପ୍ରଶଂସନୀୟ ଥିଲା। ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବାରେ ମନୋଜ କୁମାର ସାହା, ରମେଶ ପଟେଲ, ସିଲାସ କାଣ୍ଡୁଲିନା, ସବିତା ଝାଙ୍କର, ଅଶ୍ରାନ୍ତି କେରକେଟା, ପ୍ରେମଶିଳା ବୁଡ, ସଞ୍ଜୟ ସିଂ, ସବିତା ରାୟ, ସନ୍ତିମାନି ବାଡ଼ିଙ୍ଗ, ଅଜିତ୍ ବାବୁ, ମାରୀୟମ ସମାଦ, ହାଲାଙ୍ଗ ଲମ୍ବା, ସୁଲେମାନ ସମଦ ଏବଂ ହାରମାନି ସିଂ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉତ୍ସବରେ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏବଂ ବିପୁଳ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆନନ୍ଦ ଉପଭୋଗ କରିବା ସହ ଆୟୋଜକମାନଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ।

## ରେଙ୍ଗାଲିରେ ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

### ୧୨ଟି କ୍ଲଷ୍ଟରର ୪୦୦ ଛାତ୍ରଛାତ୍ରୀ ଦେଖାଇଲେ ପ୍ରତିଭା



**ସମ୍ବଲପୁର,:**ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ଲକ୍ଷ୍ୟରେ ସମ୍ବଲପୁର ଜିଲ୍ଲାର ରେଙ୍ଗାଲିରେ ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ଶପ୍ତଶ୍ରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୨ଟି କ୍ଲଷ୍ଟରରୁ ପ୍ରାୟ ୪୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ଅଧିବେଶନରେ ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ମୁଖ୍ୟ ଅତିଥି, ଡ. ଗୌରୀଦାସ ପ୍ରଧାନ ମୁଖ୍ୟବକ୍ତା ଏବଂ ଆଦିତ୍ୟ ବିର୍ଲାର ସିଏସ୍‌ଆର ମୁଖ୍ୟ ରବି ନିବାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି ଏବଂ ସମ୍ବଲପୁରର ଏଡିଇଓଶ ସତ୍ୟବ୍ରତ ସାହୁ, ରେଙ୍ଗାଲିର ଏବିଡିଓ ମୋନିକା ବୋହିଦାର, ଆଦିତ୍ୟ ବିର୍ଲାର ମନୋରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସମସ୍ତ ସିଆରସିସି ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସକ୍ରିୟ ସହଯୋଗ ରହିଥିଲା।

## ତୁଳସୀକ୍ଷେତ୍ରରେ ହବିଷ୍ୟାଳୀ ଉତ୍ସବ- ୨୦୨୬ ପାଇଁ ପ୍ରସ୍ତୁତି

**କେନ୍ଦ୍ରାପଡ଼ା:**କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଗତ ୯ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଥିବା ତୁଳସୀକ୍ଷେତ୍ର ହବିଷ୍ୟାଳୀ ଉତ୍ସବର ଚଳିତବର୍ଷ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଉତ୍ସବ ପରିଚାଳନା, ସ୍ୱେଚ୍ଛାସେବୀଙ୍କ ଭୂମିକା, ପରିମଳ, ସ୍ୱାସ୍ଥ୍ୟସେବା ଓ ସତ୍‌ସଙ୍ଗ ପରିଚାଳନା ପ୍ରଭୃତି ଉପରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ମାନ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହବିଷ୍ୟାଳୀ ପରିଚାଳନା କମିଟି ଆବାହକ ଦ୍ରୌପଦୀ ରାଉତ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ସମାଜସେବୀ ରାଜକିଶୋର ସାହୁ, ରମଣୀରଞ୍ଜନ ରାଉତରାୟ, ସୁଶାନ୍ତ ସ୍ୱାଇଁ, କ୍ଷୀରୋଦ ନାଥ, ସରୋଜକାନ୍ତ ଜେନା, ମନୋରଞ୍ଜନ ତ୍ରିପାଠୀ, ଶୁକାନ୍ତ କୁମାର ସାହୁ, ଶ୍ରୀଧର ମହାନ୍ତି, ପଙ୍କଜିନୀ ସାମଲ, କରୁଣାକର ଦାସ, ଭାରତୀ ସେନାପତି, ମାନିନୀ ସେନାପତି, ମମତାମୟୀ ସାମଲ, ଗୌତମ ସାହୁ, ଶୁଭେନ୍ଦୁ କୁମାର ବାରିକ, ଦେବାଶିଷ ସାହୁ, ଲଳିତ ସାହୁ, ଦିବାକର ସାହୁ, ହିତେଶ ସ୍ୱରୂପ ସେନାପତି, ବିକାଶ ଚନ୍ଦ୍ର ସ୍ୱାଇଁ, ଆଲୋକ ସେନାପତି, ନିରୁପମା ରାଉତ, ପ୍ରଜ୍ଞା ପ୍ରଗଲ୍‌ଭା ଚୟନୀ, ସନ୍ତୋଷ ପଣ୍ଡା, ଶୁଭାଂଶୁ ଦାସ, ବଳଦେବ ସେନା ଓ ଧର୍ମରକ୍ଷା ସେନାର ସଭ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଚ୍ଚିକାନ୍ତ ନାଥ ସଭା ପରିଚାଳନା କରିଥିବା ବେଳେ ଶେଷରେ ବ୍ରହ୍ମଚାରୀ ନୃସିଂହନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଖତଖାଉଛି ନବନିର୍ମିତ ସରାକାରୀ ଆୟୁର୍ବେଦିକ ଡାକ୍ତରଖାନା କୋଠା

**ରେଙ୍ଗାଲି:**ସରକାର ଗ୍ରାମାଞ୍ଚଳ ରେ ସ୍ୱାସ୍ଥ୍ୟସେବା ର ଭିତ୍ତିଭୂମିର ବିକାଶ ପାଇଁ ଅଗ୍ରାଧିକାର ଦିଆଯାଉଛି ବୋଲି କହୁଛନ୍ତି । ଏଥିପାଇଁ ଯୋଜନା ପ୍ରଣୟନ କରାଯାଇ ଅଜସ୍ର ଅର୍ଥ ମଞ୍ଜୁର ହେଉଥିବା ଗଣମାଧ୍ୟମ ର ପୃଷ୍ଠା ମଣ୍ଡନ କରୁଛି । କିନ୍ତୁ ବିଡମ୍ବନାର ର ବିଷୟ ଯେ ସମ୍ବଲପୁର ଜିଲ୍ଲା ରେଙ୍ଗାଲିବ୍ଲକ କତରବଗା ଗ୍ରାମ ରେ ନବନିର୍ମିତ ସରକାରୀ ଆୟୁର୍ବେଦିକ ଡାକ୍ତରଖାନା କୋଠା ରେ ବିଦ୍ୟୁତିକରଣ ଓ ଜଳଯୋଗାଣ ସଂଯୋଗ ବ୍ୟବସ୍ଥା ନାହିଁ ବୋଲି ୨ବର୍ଷ ହେଲା ଲକ୍ଷାଧିକ ଟଙ୍କା ର ସରକାରୀ ସମ୍ପତ୍ତି ଅକାରଣ ରେ ଖତଖାଉଛି । ଅନୁସନ୍ଧାନ ରୁ ପ୍ରକାଶ ଯେ କତରବଗା ସରକାରୀ ଆୟୁର୍ବେଦିକ ଡାକ୍ତରଖାନାର ନୂତନ କୋଠା ନିର୍ମାଣ ସକାଶେ ମାତ୍ର ୩୦ଲକ୍ଷ ଟଙ୍କା ମଞ୍ଜୁର ହୋଇ ୨୦୨୪ ମସିହାରେ କାମ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହୋଇ ଥିଲା । ଆଶ୍ଚର୍ଯ୍ୟର ବିଷୟ ଯେ ମଞ୍ଜୁର ହୋଇ ଥିବା ସରକାରୀ ଅନୁଦାନ ରେ ବିଦ୍ୟୁତିକରଣ ଓ ପାନିୟଜଳ ଯୋଗାଣ ସଂଯୋଗ କରିବାକୁ ଅର୍ଥ ମଞ୍ଜୁର କରାଯାଇ ନଥିଲା । ବିଜୁଳି ଓ ପାଣି ସଂଯୋଗ ନଥିବା ରୁ ଆୟୁର୍ବେଦିକ ବିଭାଗ ନବ ନିର୍ମିତ କୋଠା ଆର୍.ଡି ବିଭାଗ ଠାରୁ ହସ୍ତାନ୍ତର କରିନେବାକୁ ମନା କରିଥିବାର ଜଣାପଡିଛି । ବିଦ୍ୟୁତ ଓ ପାଣି ସଂଯୋଗ ବ୍ୟତୀତ ଡାକ୍ତରଖାନା ର ପାଚେରୀ ନିର୍ମାଣ ମଧ୍ୟ ଅସମ୍ପୂର୍ଣ୍ଣ ହୋଇ ପଡି ରହିଛି ।ସରକାରଙ୍କ ଏଭଳି ଖାମଖିଆଲି ଅପରିଣାମଦର୍ଶୀ ପଦକ୍ଷେପ ଯୋଗୁଁ ୩୦ଲକ୍ଷ ଟଙ୍କା ର କୋଠା ଅବ୍ୟବହୃତ ହୋଇ ଭୂତକୋଠି ଭଳି ପଡି ରହିଛି । ବିଦ୍ୟୁତ ଓ ପାଣି ଭଳି ସର୍ବନିମ୍ନ ମୌଳିକ ବ୍ୟବସ୍ଥା ସକାଶେ ଅର୍ଥ ମଞ୍ଜୁର ନକରି ଡାକ୍ତରଖାନା କୋଠା ନିର୍ମାଣ କରାଯିବା କେଉଁ ବୁଦ୍ଧିମତ୍ତା ର ପରିଚୟ ବୋଲି ସଚେତନ ନାଗରିକ ମହଲ ରେ ପ୍ରତିକ୍ରିୟା ପ୍ରକାଶ ପାଉଛି । ଗୋଟିଏ ପଟେ ନବନିର୍ମିତ କୋଠା ଖତ ଖାଉଥିବା ବେଳେ ଅନ୍ୟପଟେ ସରକାରୀ ଆୟୁର୍ବେଦିକ ଡାକ୍ତରଖାନା ଏକ ଅପନ୍ତରା କୋଠା ରେ ଚାଲିଛି। କତରବଗାର ସରକାରୀ ଆୟୁର୍ବେଦିକ ଡାକ୍ତରଖାନା ବ୍ଲକ ର ଏକମାତ୍ର ଆୟୁର୍ବେଦିକ ଡାକ୍ତରଖାନା ଅଟେ । ଏହି ପରିପ୍ରେକ୍ଷୀ ରେ ଜନସାଧାରଣ ଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟି ରୁ ନବନିର୍ମିତ କୋଠା ରେ ଶୀଘ୍ର ବିଦ୍ୟୁତ ଓ ପାନୀୟଜଳ ଜଳଯୋଗାଣ ବ୍ୟବସ୍ଥା କରାଯାଇ ନୂତନ କୋଠା କୁ କାର୍ଯ୍ୟକ୍ଷମ କରିବାକୁ ଦାବୀ ହେଉଛି ।

## ହିନ୍ଦୁ ଧର୍ମ ଛାଡ଼ି ଇସଲାମ ଗ୍ରହଣ କଲେ ମିଳିବନି ସଂରକ୍ଷଣ : ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୧୫।୧୦:** ଧର୍ମ ପରିବର୍ତ୍ତନ କରିବା ପରେ ମଧ୍ୟ ସଂରକ୍ଷଣ ଦାବି କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ବଡ଼ ସୁପ୍ରିମ ଝଟ୍କା ଲାଗିଛି । ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇ ସ୍ପଷ୍ଟ କରିଛନ୍ତି ଯେ, ଧର୍ମ ପରିବର୍ତ୍ତନ କଲାମାତ୍ରେ ସଂରକ୍ଷଣର ଅଧିକାର ଶେଷ ହୋଇଯାଏ । ହିନ୍ଦୁ ଧର୍ମ ଛାଡ଼ି ଇସଲାମ ଗ୍ରହଣ କରିଥିବା ବ୍ୟକ୍ତିମାନେ ସଂରକ୍ଷଣର ସୁବିଧା ପାଇପାରିବେ ନାହିଁ । ଏହି ରାୟ ଜରିଆରେ ସୁପ୍ରିମକୋର୍ଟ ମାଡ୍ରାସ ହାଇକୋର୍ଟଙ୍କ ସେହି ପୂର୍ବ ନିଷ୍ପତ୍ତିକୁ କାଏମ୍ ରଖିଛନ୍ତି, ଯେଉଁଥିରେ ତାମିଲନାଡୁ ସରକାରଙ୍କ ଏକ ଆଦେଶକୁ ରଦ୍ଦ କରାଯାଇଥିଲା । ସରକାରଙ୍କ ସେହି ବିବାଦୀୟ ଆଦେଶରେ ବ୍ୟବସ୍ଥା ଥିଲା ଯେ, ପଛୁଆ ବର୍ଗ (BC), ଅତି ପଛୁଆ ବର୍ଗ (MBC) ଏବଂ ଅନୁସୂଚିତ ଜାତିର ଲୋକମାନେ ଇସଲାମ ଧର୍ମ ଗ୍ରହଣ କଲା ପରେ ମଧ୍ୟ 'ପଛୁଆ ବର୍ଗ ମୁସଲିମ୍' ଭାବେ ଗ୍ରହଣୀୟ ହେବେ । ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଏବଂ ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି । କୋର୍ଟ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ହିନ୍ଦୁ ସାମାଜିକ ବ୍ୟବସ୍ଥା ଛାଡ଼ି ଅନ୍ୟ କୌଣସି ଅଣ-ହିନ୍ଦୁ ସାମାଜିକ ବ୍ୟବସ୍ଥାକୁ ଚାଲିଯାଆନ୍ତି, ସେ କେବଳ ଧର୍ମ ପରିବର୍ତ୍ତନ ପୂର୍ବର ସାମାଜିକ ପଛୁଆପଣକୁ ଆଧାର କରି ସମ୍ବିଧାନର ଅନୁଚ୍ଛେଦ ୧୬(୪) ଅଧୀନରେ ମିଳୁଥିବା ସ୍ୱତନ୍ତ୍ର ସୁବିଧାଗୁଡ଼ିକର ଦାବି କରିପାରିବେ ନାହିଁ । ପୂର୍ବ ସାମାଜିକ ବ୍ୟବସ୍ଥାରେ ଅନୁଭୂତ ପଛୁଆପଣ ନୂତନ ଧର୍ମରେ ମଧ୍ୟ ସ୍ୱତଃ ପ୍ରଯୁଜ୍ୟ ହୋଇନଥାଏ । ସୁପ୍ରିମକୋର୍ଟ ସମ୍ବିଧାନ (ଅନୁସୂଚିତ ଜାତି) ଆଦେଶ, ୧୯୫୦ର ପାରାଗ୍ରାଫ୍ ୩ ଅନୁସାରେ, ଯେଉଁମାନେ ହିନ୍ଦୁ, ବୌଦ୍ଧ କିମ୍ବା ଶିଖ୍ ନୁହଁନ୍ତି, ସେମାନଙ୍କୁ ଅନୁସୂଚିତ ଜାତି (SC) ର ମାନ୍ୟତା ଦିଆଯାଇପାରିବ ନାହିଁ। ଯଦି କୌଣସି ବ୍ୟକ୍ତି ଏପରି ଏକ ଧର୍ମ ଗ୍ରହଣ କରନ୍ତି, ଯାହାର ଉଲ୍ଲେଖ ଏହି ଆଦେଶରେ ନାହିଁ, ତେବେ ସେମାନେ ନିଜର ପୂର୍ବ ଜାତି ସହିତ ଜଡ଼ିତ ଅନୁସୂଚିତ ଜାତିର ମାନ୍ୟତା ଏବଂ ସେହି ଆଧାରରେ ମିଳୁଥିବା ସଂରକ୍ଷଣ ସୁବିଧାକୁ ହରାଇ ବସନ୍ତି ।

### ସରକାରଙ୍କୁ ସିଜେପିର ସାଂଘାତିକ ଅଭିଯୋଗ

# ନିର୍ବାଚନ କମିଶନରଙ୍କୁ ସୁରକ୍ଷା ଦେଉଛନ୍ତି ସରକାର

### ଜ୍ଞାନେଶଙ୍କ ପାଇଁ ଦେଶବାସୀଙ୍କ ସହ ଯୁଦ୍ଧ

**ନୂଆଦିଲ୍ଲୀ,୧୫।୧୦:** କକ୍ରୋଚ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଗୁରୁବାର ସାଂଘାତିକ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ସରକାରୀ ଉତ୍ସ ବ୍ୟବହାର କରି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସୁରକ୍ଷା କରୁଛନ୍ତି। ବିଭିନ୍ନ ସଂଗଠନ ଓ ବିରୋଧୀ ଦଳଗୁଡ଼ିକ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଥିବାରୁ ସେମାନଙ୍କୁ ସରକାର ଟାର୍ଗେଟ କରୁଥିବା ମଧ୍ୟ ସେ ଦାବି କରିଛନ୍ତି। ଦିଲ୍ଲୀରେ ଛାତ୍ର ନେତ୍ରୀ ନେହା ବୋରା, ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ଅଭିନେତା ପ୍ରକାଶ ରାଜଙ୍କ ସହ ମିଶି ମିଳିତ ସାମ୍ବାଦିକ ସମ୍ମିଳନୀ କରୁଥିବା ଦୀପକେ ସିଧାସଳଖ ବିରୋଧୀ ଦଳର ନେତା ଓ ବିକ୍ଷୋଭକାରୀଙ୍କୁ ପୁଲିସ୍ କରୁଥିବା ଅଟକ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, "ବିଭିନ୍ନ ସଂଗଠନ ଓ ଦିଲ୍ଲୀ ଯୁବଗୋଷ୍ଠୀ ରାସ୍ତାରେ ଲଢୁଛନ୍ତି। ସେମାନଙ୍କୁ ରାସ୍ତାରେ ଘୋଷଡ଼ା ଯାଉଛି। ନେହା, ଆୟେଶା, ବିଲାଜ, ଈଶାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିରୋଧୀ ଦଳର ସାଂସଦ ମଧ୍ୟ ଏଥିରୁ ବର୍ତ୍ତି ନାହାନ୍ତି। ଏସବୁ କାହା ପାଇଁ? କେବଳ ଜ୍ଞାନେଶ କୁମାରଙ୍କୁ ରକ୍ଷା କରିବା ପାଇଁ ଏସବୁ ହେଉଛି।" ସରକାର ନିଜ ଦେଶର ଲୋକଙ୍କ ବିରୋଧରେ ଯୁଦ୍ଧ ଆରମ୍ଭ କରିଛନ୍ତି ଓ କାହିଁକି ଜଣେ ସିଇସିଙ୍କୁ ସୁରକ୍ଷା ପାଇଁ ଏତେ ସବୁ ପଦକ୍ଷେପ ନିଆଯାଉଛି ବୋଲି ଦୀପକେ ପ୍ରଶ୍ନ କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ସମ୍ପର୍କରେ ସେ କହିଛନ୍ତି ଯେ ଏନଡିଏ ଓ ଇଣ୍ଡିଆ ବ୍ଲକ ମଧ୍ୟରେ ପାର୍ଥକ୍ୟ କେବଳ ୨% ରହିଥିଲା। ଏପରି ସ୍ଥିତିରେ ନିର୍ବାଚନ କମିଶନ ବିଜେପିକୁ ସହଯୋଗ କରିଥିବା କାହିଁକି ଲୋକେ ସନ୍ଦେହ ନ କରିବେ? ନିର୍ବାଚନ କମିଶନ ୧୩ କୋଟି ଭୋଟରଙ୍କ ନାଁ ଏସଆଇଆର ବେଳେ ହଟାଇ ଦେଇଛନ୍ତି। ନିର୍ବାଚନ କମିଶନ ଯେଉଁମାନଙ୍କୁ ମୃତକ କହି ତାଲିକାରୁ ହଟାଇ ଦେଇଥିଲେ, ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଅଭିଜିତ ଦୀପକେ ଭେଟିଥିବା ଦାବି କରିଛନ୍ତି। ସିଇସିଙ୍କ କାର୍ଯ୍ୟକୁ ନେଇ ଗୋଟିଏ ରିପୋର୍ଟ ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ମୋଦି ସିଧାସଳଖ ଜ୍ଞାନେଶ କୁମାରଙ୍କ ସୁରକ୍ଷାରେ ଲାଗି ପଡ଼ିଥିବା କହିଛନ୍ତି। ସରକାରଙ୍କ ଗୋଟିଏ ଦେଶ, "ଗୋଟିଏ ନିର୍ବାଚନ ଯୋଜନାକୁ ମଧ୍ୟ ଦୀପକେ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏହା ଗୋଟିଏ ସ୍ଲୋଗାନ। ବାସ୍ତବରେ ସରକାର ବାସ୍ତବ ଏଜେଣ୍ଡା ହେଉଛି ଗୋଟିଏ ଦେଶ, ଗୋଟିଏ ପାର୍ଟି। ଆପଣ କହୁଛନ୍ତି ଯେ ତ୍ରିରଙ୍ଗା ଉଡ଼ାଇବା ଆଇନର ଉଲ୍ଲଙ୍ଘନ। କାହା ପାଇଁ? କ'ଣ ଜ୍ଞାନେଶ କୁମାରଙ୍କ ପାଇଁ? ନରେନ୍ଦ୍ର ମୋଦିଙ୍କୁ ଜ୍ଞାନେଶ କୁମାର କ'ଣ ଦେଇଛନ୍ତି? ଆପଣ ଦିଲ୍ଲୀକୁ ରୋକି ଦେଉଛନ୍ତି। ଟ୍ରେନ ଠାରୁ ଆରମ୍ଭ କରି ମେଟ୍ରୋକୁ ବନ୍ଦ କରୁଛନ୍ତି। ଦିଲ୍ଲୀକୁ ଭାରତ-ପାକିସ୍ତାନ ସୀମାନ୍ତ ଭଳି ଦେଖୁଛନ୍ତି। ଆପଣ ଦିଲ୍ଲୀକୁ ବିଭିନ୍ନ ସ୍ଥାନରୁ ସୁରକ୍ଷାକର୍ମୀ ଆଣୁଛନ୍ତି। ଛାତ୍ର ସଂଗଠନ ଠାରୁ ଆରମ୍ଭ କରି, ବିରୋଧୀ ଦଳର ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀମାନଙ୍କୁ ରାସ୍ତାରେ ଘୋଷାଡୁଛନ୍ତି। ଏସବୁ ଜଣେ ଜ୍ଞାନେଶ କୁମାରଙ୍କ ପାଇଁ? କାହିଁକି ନରେନ୍ଦ୍ର ମୋଦିଙ୍କ ପାଇଁ ଜ୍ଞାନେଶ କୁମାର ଏତେ ଗୁରୁତ୍ୱପୂର୍ଣ୍ଣ ଏପରି ସ୍ଥିତିରେ ନରେନ୍ଦ୍ର ମୋଦିଙ୍କୁ ନିର୍ବାଚନରେ ଜ୍ଞାନେଶ କୁମାର ସାହାଯ୍ୟ କରିଛନ୍ତି ବୋଲି ଆମେ କାହିଁକି ବିଶ୍ୱାସ କରିବୁ ନାହିଁ? ଯଦି ଜ୍ଞାନେଶ କୁମାର ନିର୍ବାଚନ ଜିତିବାରେ ମୋଦିଙ୍କୁ ସହଯୋଗ କରି ନାହାନ୍ତି, ତା'ହେଲେ ମୋଦି କାହିଁକି ଜ୍ଞାନେଶ କୁମାରଙ୍କୁ ଏତେ ସୁରକ୍ଷା ଦେଉଛନ୍ତି?"



### ମହିଳା ରିପୋର୍ଟରଙ୍କୁ ମାଡ଼ ଘଟଣା

## ସାମ୍ବାଦିକଙ୍କୁ କେମିତି ଜାଣିବୁ : କେନ୍ଦ୍ର

ବିକ୍ଷୋଭ ବେଳେ ମହିଳା ସାମ୍ବାଦିକଙ୍କୁ ମାଡ଼ ମରାଯିବା ଘଟଣାରେ ସୁପ୍ରିମକୋର୍ଟଙ୍କ ତାଗିଦରେ ହଡ଼ବଡ଼େଇ ଯାଇଥିବା କେନ୍ଦ୍ର ସରକାର ଏବେ ଅଜବ ଯୁକ୍ତି ରଖିଛନ୍ତି। ବିଭିନ୍ନ ବିକ୍ଷୋଭକୁ କ୍ୟାମେରାରେ କଏଦ କରୁଥିବା ସୋଶାଲ ମିଡିଆ କଣ୍ଟେଣ୍ଟ କ୍ରିଏଟର ଓ ସାମ୍ବାଦିକମାନଙ୍କୁ କେମିତି ଚିହ୍ନଟ କରାଯିବ ବୋଲି ସରକାର ଓଲଟା ସୁପ୍ରିମକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟା ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ଟେକ୍ନୋଲୋଜିର ଏହି ଯୁଗରେ ଯାହା ହାତରେ ଗୋଟିଏ ମୋବାଇଲ ଫୋନ ରହିଛି, ସେ ସାମ୍ବାଦିକ ବନି ଯାଉଛନ୍ତି। କିଏ ରିଲ୍ ମେକର ଓ କିଏ ସାମ୍ବାଦିକ ସରକାର କେମିତି ଜାଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ତଥାପି ଦିଲ୍ଲୀରେ ଜ୍ଞାନେଶ କୁମାର ବିରୋଧୀ ବିକ୍ଷୋଭ ବେଳେ ମହିଳା ସାମ୍ବାଦିକ ଆଣିଥିବା ଦୁର୍ବ୍ୟବହାରକୁ ସୁପ୍ରିମକୋର୍ଟ ଅତ୍ୟନ୍ତ ସମ୍ବେଦନଶୀଳ କହିବା ସହ ଯାଞ୍ଚ ପାଇଁ କମିଟି ଗଠନ କରିବାର ସଙ୍କେତ ଦେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଦିଲ୍ଲୀରେ ହେଉଥିବା ବିକ୍ଷୋଭର ରିପୋର୍ଟିଂ କରୁଥିବା ମହିଳା ସାମ୍ବାଦିକଙ୍କୁ ଦିଲ୍ଲୀ ପୁଲିସ୍ ଯୌନ ନିର୍ଯାତନା ଦେବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ମହିଳା ସାମ୍ବାଦିକଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଗୋଟିଏ ଆବେଦନ ଇନ୍ଦିରା ଜୈସିଂହ ସୁପ୍ରିମକୋର୍ଟରେ କରିଛନ୍ତି। ଏହାର ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମେହଟା ଏପରି କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠଙ୍କୁ ମେହଟା କହିଛନ୍ତି ଯେ "ମାଇକ ଧରି ସେଠାରେ ଅନେକ ଲୋକ ବୁଲୁଛନ୍ତି।

### ଭାରତ ସରକାରଙ୍କ ତୀବ୍ର ପ୍ରତିକ୍ରିୟା

## ଆମେରିକାରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଷଡ଼ଯନ୍ତ୍ର




**ନୂଆଦିଲ୍ଲୀ,୧୫।୧୦:** ଆମେରିକାର ଇଲିନୋଇସ ରାଜ୍ୟରେ ଏକ ହିନ୍ଦୁ ମନ୍ଦିରକୁ ଟାର୍ଗେଟ୍ କରି ବଡ଼ ସ୍ତରରେ ଗୁଳିକାଣ୍ଡର ଏକ ସମ୍ଭାବ୍ୟ ଷଡ଼ଯନ୍ତ୍ରକୁ, ପୁଲିସ ସଠିକ୍ ସମୟରେ ବିଫଳ କରିଛି । ଉକ୍ତ ଘଟଣା ପରେ ଭାରତ ସରକାର ତୀବ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହି ଷଡ଼ଯନ୍ତ୍ରର ହିନ୍ଦୁ ବିରୋଧୀ ଓ ଜାତିଭେଦ ପୂର୍ଣ୍ଣ ସ୍ୱଭାବ ଖୁବ୍ ଚିନ୍ତାଜନକ । ବୈଦେଶିକ ମନ୍ତ୍ରଣାଳୟ ଆମେରିକାରୁ ଭାରତୀୟ ସଂପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦୃଢ ପଦକ୍ଷେପ ଉଠାଇବାକୁ ଦାବି କରିଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର କହିଛନ୍ତି ଯେ, ଇଲିନୋଇସର ଅରୋରା ଅଞ୍ଚଳରେ ହିନ୍ଦୁ ମନ୍ଦିରକୁ ଟାର୍ଗେଟ୍ କରିବାର ଖବରରେ ଭାରତ ବହୁତ ଚିନ୍ତିତ । ସେ କହିଛନ୍ତି ଯେ, ଏହି କଥିତ ଷଡ଼ଯନ୍ତ୍ରର ହିନ୍ଦୁ-ବିରୋଧୀ ଓ ଜାତିଭେଦ ପୂର୍ଣ୍ଣ ସ୍ୱଭାବ ବିଶେଷକରି ଚିନ୍ତାଜନକ । ଏଥିରେ ଭାରତୀୟ ବଂଶୋଦ୍ଭବ ଲୋକଙ୍କ ବିରୋଧରେ ହିଂସାର କଥା କୁହାଯାଇଛି ।

ଜୟସ୍ୱାଲ ଜଣାଇଛନ୍ତି ଯେ, ଆମେରିକାର ପୁଲିସ ଏବଂ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି, ତାଙ୍କୁ ହେପାଜତରେ (କଷ୍ଟଡିରେ) ରଖା ଯାଇଛି ଏବଂ ତାଙ୍କ ବିରୋଧରେ ଅଭିଯୋଗ ମଧ୍ୟ ଦାଖଲ କରାଯାଇଛି । ମନ୍ତ୍ରଣାଳୟ କହିଛି ଯେ, ଏହି ଘଟଣା ଆମେରିକାରେ ବଢୁଥିବା ଜାତିଭେଦପୂର୍ଣ୍ଣ ଶତ୍ରୁତା ଓ ଭାରତ ବିରୋଧୀ ନେଇ ବଢୁଥିବା ଘୃଣାର ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ଭାରତୀୟ ସଂପ୍ରଦାୟର ସୁରକ୍ଷା ପାଇଁ ଅଧିକ ସତର୍କତା ଅବଲମ୍ବନ କରିବା, ଘୃଣା ପ୍ରେରିତ ହିଂସା ପ୍ରତି କଠୋରତା ଦେଖାଇବା ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଭାରତ ଆଶା ପ୍ରକାଶ କରିଛି ଯେ, ଆମେରିକୀୟ ଅଧିକାରୀମାନେ ଏହି ମାମଲାର ପୂର୍ଣ୍ଣାଙ୍ଗ ତଦନ୍ତ କରିବେ, ଦୋଷୀମାନଙ୍କୁ ଦଣ୍ଡ ଦେବେ ଏବଂ ଏଭଳି ଘଟଣାଗୁଡ଼ିକୁ ରୋକିବା ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରିବେ। ପୂରା ଘଟଣାଟି ଏହା ଯେ, ପ୍ୟାଲେଟାଇନ୍ ସହରର ଜଣେ ୧୯ ବର୍ଷ ବୟସ୍କ ଯୁବକ ଆଲେକଜେଣ୍ଡ୍ରୋସ୍ ପାପୋରାକିସଙ୍କ ଉପରେ, ଅରୋରା ଅଞ୍ଚଳର ସବୁଠାରୁ ବଡ଼ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣର ଯୋଜନା କରିଥିବା ଅଭିଯୋଗ ରହିଛି। ସେ ଏକ 'ଟାକୋ ବେଲ୍'ରେ କାମ କରୁଥିଲେ ଏବଂ ନିଜ ସହକର୍ମୀମାନଙ୍କ ଆଗରେ ନିଜକୁ ଜଣେ ଶ୍ୱେତବର୍ଣ୍ଣ ସୁପ୍ରିମେସିଷ୍ଟ (ଶ୍ୱେତବର୍ଣ୍ଣ ଶ୍ରେଷ୍ଠତାବାଦୀ) ଏବଂ ନବ-ନାଜି ବୋଲି ପରିଚୟ ଦେଉଥିଲେ ।

### ସିଜେପି ଆନ୍ଦୋଳନ ପୂର୍ବରୁ ଲଗାଇଥିଲେ କଟକଣା

## ସୁପ୍ରିମକୋର୍ଟରେ କ୍ଷମା ମାଗିଲେ କେନ୍ଦ୍ର ସରକାର



**ନୂଆଦିଲ୍ଲୀ,୧୫।୧୦:** ସବୁ ଜାଣି ଅଜଣା ଭଳି ଅଭିନୟ କରୁଥିଲେ। ଅକ୍ଟୋବର ୯ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ବେଖାତିର କଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କକ୍ରୋଚ ଜନତା ପାର୍ଟିର ଅକ୍ଟୋବର ୧୦ ଆନ୍ଦୋଳନ ପୂର୍ବରୁ ଦିଲ୍ଲୀକୁ ଅଭେଦ୍ୟ ଦୁର୍ଗରେ ପରିଣତ କରିଦେଇଥିଲେ। ଏକଥା ସୁପ୍ରିମକୋର୍ଟ ଜାଣିବା ପରେ ଅଦାଲତ ଅବମାନନା ନୋଟିସ ପଠାଇଥିଲେ। ବାସ୍ ନୋଟିସ୍ ପାଇବା ପରେ ଆଜି ସୁପ୍ରିମକୋର୍ଟରେ ନିଃସର୍ତ୍ତ କ୍ଷମା ମାଗିଛନ୍ତି କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ନିକଟରେ କେନ୍ଦ୍ର ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ଗୋବିନ୍ଦ ମୋହନ ଏପରି କ୍ଷମା ମାଗିଛନ୍ତି। କୋର୍ଟଙ୍କ ଅକ୍ଟୋବର ୯ ନିର୍ଦ୍ଦେଶକୁ ଜାଣିଶୁଣି ଅଣଦେଖା କରାଯାଇ ନଥିବା ସେ ସଫେଇ ଦେଇଛନ୍ତି। ଏଥିସହ ଅଦାଲତ ଅବମାନନା ନୋଟିସ ପ୍ରତ୍ୟାହାର କରିବାକୁ ନିବେଦନ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ଅକ୍ଟୋବର ୧୦ରେ ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନ କରିବାକୁ ଘୋଷଣା କରିଥିଲା। ଏହାକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ଦିଲ୍ଲୀ ପୋଲିସ୍ ଦିନକ ପୂର୍ବରୁ ଜାତୀୟ ରାଜଧାନୀକୁ ସୁରକ୍ଷା ବଳୟରେ ଢାଙ୍କି ଦେଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ୩୦ ହଜାରରୁ ଅଧିକ ସୁରକ୍ଷାକର୍ମୀ ମୁତୟନ ହୋଇଥିଲେ। ଏହାବାଦ ଇଣ୍ଟରନେଟ ଠାରୁ ଆରମ୍ଭ କରି ମେଟ୍ରୋ ଷ୍ଟେସନକୁ ବନ୍ଦ କରି ଦିଆଯାଇଥିଲା। ଏପରି କଟକଣା ବିରୋଧରେ ସୁପ୍ରିମକୋର୍ଟ ଅକ୍ଟୋବର ୯ରେ ପ୍ରଶ୍ନ ଉଠାଇବା ସହ ଦିଲ୍ଲୀରେ ସବୁ କିଛି ସ୍ୱାଭାବିକ କରିବାକୁ କହିଥିଲେ। ତଥାପି ସିଜେପି ବଡ଼ ଆନ୍ଦୋଳନ ଆଶଙ୍କାରେ ଦିଲ୍ଲୀ ପୁଲିସ୍ କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କଟକଣା ହଟାଇ ନଥିଲା। ବାସ୍ ଏହାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ ଦିଲ୍ଲୀ ଓ କେନ୍ଦ୍ର ସରକାରଙ୍କୁ ପଠାଇଥିଲେ ଅଦାଲତ ଅବମାନନା ନୋଟିସ। ଏହି ନୋଟିସ ପରେ ଗୃହ ସଚିବ ଗୋବିନ୍ଦ ମୋହନ କ୍ଷମା ମାଗିଛନ୍ତି।

## ରାଜପାଲ ଯାଦବଙ୍କୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୫।୧୦:** ଚେକ ବାଉନ୍ସ ମାମଲାରେ ଫସିଥିବା ବଲିଉଡ ଅଭିନେତା ରାଜପାଲ ଯାଦବଙ୍କୁ ଆଶ୍ୱସ୍ତି। ତାଙ୍କୁ କାନାଡା ଯିବାକୁ ଅନୁମତି ଦେଇଛନ୍ତି ସୁପ୍ରିମକୋର୍ଟ। ଗୋଟିଏ ଫିଲ୍ମ ଶୁଟିଂ ପାଇଁ ରାଜପାଲ ଏବେ ନିଜ ପାସପୋର୍ଟ ତଳ କୋର୍ଟରୁ ହାସଲ କରିବା ସହ କାନାଡା ଯାଇ ପାରିବେ। କିନ୍ତୁ ପାସପୋର୍ଟ ରିଲିଜ୍ ବେଳେ ନିମ୍ନ ଅଦାଲତ ଜାରି କରିବାକୁ ଥିବା ସମସ୍ତ ସର୍ତ୍ତକୁ ସେ ପାଳନ କରିବାକୁ ବାଧ ବୋଲି ସର୍ବୋଚ୍ଚ ଅଦଲତ କରିଛନ୍ତି। ଶୁଣାଣି ସମୟରେ ରାଜପାଲ ଓ ତାଙ୍କୁ ଋଣ ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଚାଲିଥିବା ଆର୍ଥିକ ବିବାଦ କଥା ମଧ୍ୟ ଉଠାଇଥିଲେ। ୨ କୋଟି ଟଙ୍କା ରେଜିଷ୍ଟ୍ରାରଙ୍କ ନିକଟରେ ଜମା ହୋଇଥିବାରୁ ଦୁଇ ପକ୍ଷ ମଧ୍ୟସ୍ଥିଙ୍କ ଜରିଆରେ ବିବାଦର ସମାଧାନ କରିପାରିବେ। ସମାଧାନ ପାଇଁ ସୁପ୍ରିମକୋର୍ଟ ଜଣେ ମଧ୍ୟସ୍ଥିଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି। ଲାଇଭ ଲ'ର ରିପୋର୍ଟ ଅନୁସାରେ, ଶୁଣାଣି ବେଳେ ରାଜପାଲଙ୍କ ଓକିଲ ବିକ୍ରାନ୍ତ ଯାଦବ କୋର୍ଟଙ୍କୁ ପାସପୋର୍ଟ ରିଲିଜ ପାଇଁ ଅନୁରୋଧ କରିଥିଲେ। ପ୍ରଫେସନାଲ ପ୍ରତିଶ୍ରୁତି ଯୋଗୁ ରାଜପାଲଙ୍କୁ ବିଦେଶ ଯାତ୍ରା କରିବାକୁ ପଡ଼ିବ। ତେଣୁ ଏଥିପାଇଁ ପାସପୋର୍ଟ ଜରୁରୀ। ଏହା ଶୁଣିବା ପରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଆର୍ଥିକ ବିବାଦ ଏବେ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ସମାଧାନ ହେବା ପାଇଁ ଯୋଗ୍ୟ। ଉଭୟ ପକ୍ଷ ମଧ୍ୟସ୍ଥିଙ୍କ ସହ ଯୋଗାଯୋଗ କରନ୍ତୁ ଓ ଏହାକୁ ଆଗକୁ ବଢ଼ାଇବାକୁ ତାରିଖ ଧାର୍ଯ୍ୟ କରନ୍ତୁ।

### ପାଠ ପଢ଼ା ସମୟରେ ଭୁଶୁଡ଼ି ପଡ଼ିଲା ସ୍କୁଲ ଛାତ

## ଚାଲିଗଲା ୨୮ ପିଲା ଓ ଶିକ୍ଷୟିତ୍ରୀଙ୍କ ଜୀବନ

**ନୂଆଦିଲ୍ଲୀ,୧୫।୧୦:** ସ୍କୁଲରେ ପାଠ ପଢ଼ା ଚାଲିଥିବା ବେଳେ ଘଟିଛି ବଡ଼ ଅଘଟଣ। ପିଲାମାନେ ଶ୍ରେଣୀ ଗୃହରେ ପଢୁଥିବା ବେଳେ ହଠାତ୍ ଭୁଶୁଡ଼ି ପଡ଼ିଛି ଗୋଟିଏ ଘରୋଇ ସ୍କୁଲର ଛାତ। ଏଥିରେ ୨୮ ଜଣ ପିଲା ଓ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। ସେହିପରି ଧ୍ୱଂସାବଶେଷ ତଳୁ ୧୦ରୁ ଅଧିକ ପିଲାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକ ପିଲାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ପାକିସ୍ତାନର ପେଶାୱର ଅନ୍ତର୍ଗତ ଆଫ୍ରିଦି ଆବାଦ ଅଞ୍ଚଳରେ ଏପରି ଭୟଙ୍କର ଘଟଣା ଘଟିଛି। ସ୍ଥାନୀୟ ଲେଡୀ ରିଡିଂ ହସ୍ପିଟାଲର ମୁଖପାତ୍ର ମହମ୍ମଦ ଆସିମ ମୃତ୍ୟୁସଂଖ୍ୟାକୁ ନିଶ୍ଚିତ କରିଛନ୍ତି। ତାଙ୍କ କହିବା କଥା ଯେ ମୃତକଙ୍କ ମଧ୍ୟରେ ୨୫ ଜଣ ଛାତ୍ର, ୩ ଜଣ ଛାତ୍ରୀ ଓ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ପ୍ରାଣ ହରାଇଥିବା ପିଲାମାନଙ୍କ ବୟସ ୭ରୁ ୧୩ ବର୍ଷ ମଧ୍ୟରେ ହେବ। ହସ୍ପିଟାଲ ଆସିଥିବା ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସ୍ଥିତିକୁ ଦେଖି ହସ୍ପିଟାଲରେ ଏମର୍ଜେନ୍ସି ଘୋଷଣା କରାଯାଇଛି।

## ଅଜଣା ନମ୍ବରରୁ କଲ୍ ଆସିଲେ ଦେଖାଯିବ ନମ୍ବର ସହ ଜଡ଼ିତ ନାଁ

**ନୂଆଦିଲ୍ଲୀ,୧୫।୧୦:** ମୋବାଇଲ କଲକୁ ନେଇ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି । ୧ ନଭେମ୍ବର ୨୦୨୬ରୁ ଦେଶରେ କଲିଂ ନେମ୍ ପ୍ରେଜେଣ୍ଟେସନ୍ (CNAP) ସେବା ଲାଗୁ କରିବାକୁ ଟେଲିକମ୍ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ଦୂରସଞ୍ଚାର ବିଭାଗ (DoT) । ଏହାଦ୍ୱାରା ଫୋନ୍‌କୁ କଲ୍ ଆସିବା ସମୟରେ ନମ୍ବର ସହ କଲ୍ କରୁଥିବା ବ୍ୟକ୍ତିଙ୍କ ନାଁ ମଧ୍ୟ ଦେଖାଯିବ । ବିଭାଗର ଅକ୍ଟୋବର ୧୩ ତାରିଖର ସର୍କୁଲାର ଅନୁଯାୟୀ, ସମସ୍ତ ସର୍ଭିସ୍ ଏରିଆରେ ଏହି ସେବା ଲାଗୁ କରିବାକୁ କୁହାଯାଇଛି। CNAP ବ୍ୟବସ୍ଥାରେ କଲ୍ ରିସିଭ୍ କରୁଥିବା ବ୍ୟକ୍ତିଙ୍କ ମୋବାଇଲ୍ ସ୍କ୍ରିନ୍‌ରେ ଦୁଇଟି ସୂଚନା ଦେଖାଯିବ। ପ୍ରଥମଟି ହେଉଛି କଲ୍ କରୁଥିବା ମୋବାଇଲ୍ ନମ୍ବର ଏବଂ ଦ୍ୱିତୀୟଟି ହେଉଛି ସେହି ନମ୍ବର ସହ ଜଡ଼ିତ ନାଁ। ଯଦି କଲ୍ କରୁଥିବା ବ୍ୟକ୍ତିଙ୍କ ନମ୍ବର ଆପଣଙ୍କ ଫୋନ୍‌ର କଣ୍ଟାକ୍ଟ ଲିଷ୍ଟରେ ସେଭ୍ ହୋଇଥାଏ, ତେବେ ସେଭ୍ ହୋଇଥିବା ନାଁ ଦେଖାଯିବ। କିନ୍ତୁ ନମ୍ବର ସେଭ୍ ହୋଇନଥିଲେ, ଘରୋଇ କଲ୍ କ୍ଷେତ୍ରରେ ଟେଲିକମ୍ ଅପରେଟରଙ୍କ ଗ୍ରାହକ ରେକର୍ଡରେ ଥିବା ନାଁ ପ୍ରଦର୍ଶିତ ହେବ। ଅନ୍ତର୍ଜାତୀୟ କଲ୍ ଆସିଲେ ଅଜଣା ନମ୍ବର ସହ 'International Call' ଲେଖା ଦେଖାଯିବ।

### ମଣିପୁରରେବିଏସଏଫ୍ କ୍ୟାମ୍ପରେ ଖାଦ୍ୟରେ ବିଷକ୍ରିୟା ପାଇଁ ଆତଙ୍କ

## ୭୫ ଜଣ ଯବାନଙ୍କ ସମେତ ଅନ୍ୟ ୩ ସାଧାରଣ ନାଗରିକ ହସ୍ପିଟାଲରେ ଭର୍ତ୍ତି

**ନୂଆଦିଲ୍ଲୀ,୧୫।୧୦:** ଗୁରୁବାର ଦିନ ମଣିପୁରର ରାଜଧାନୀ ଇମ୍ଫାଲରେ ୭୦ ଜଣ ସୀମା ସୁରକ୍ଷା ବଳ (BSF) କର୍ମଚାରୀ ଏବଂ ଅନ୍ୟ ୩ ଜଣଙ୍କୁ ଖାଦ୍ୟ ବିଷାକ୍ତତାର ସନ୍ଦେହ ଯୋଗୁଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏମାନଙ୍କ ପାଖରେ ବାନ୍ତି କରିବା ଲକ୍ଷଣ ଦେଖାଯିବା ପରେ ସମସ୍ତଙ୍କୁ ଆଞ୍ଚଳିକ ଚିକିତ୍ସା ପ୍ରତିଷ୍ଠାନ (RIMS) ରେ ଭର୍ତ୍ତି କରାଯାଇଛି । ଅଧିକାରୀଙ୍କ ଅନୁଯାୟୀ, ଗୁରୁବାର ଦିନ ପ୍ରାୟ ୧ ଟା ସମୟରେ ବିଏସଏଫ କର୍ମଚାରୀ ଏବଂ ତିନି ଜଣ ସାଧାରଣ ନାଗରିକଙ୍କୁ ହସ୍ପିଟାଲକୁ ଅଣାଯାଇଥିଲା । ଖବର ଅନୁଯାୟୀ, ଜଳଖିଆ ଖାଇବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା ଏବଂ ସେମାନେ ବାନ୍ତି ଏବଂ ମୁଣ୍ଡବୁଲା ଅନୁଭବ କରିବାକୁ ଲାଗିଲେ ।RIMS ର ଜଣେ ଅଧିକାରୀ କହିଛନ୍ତି ଯେ ସମସ୍ତ ରୋଗୀଙ୍କୁ ତୁରନ୍ତ ଜରୁରୀକାଳୀନ ବିଭାଗରେ ଚିକିତ୍ସା କରାଯାଇଥିଲା । ବର୍ତ୍ତମାନ, ସେମାନଙ୍କ ଅବସ୍ଥା ସ୍ଥିର ଅଛି । ପ୍ରାଥମିକ ଭାବରେ ସେମାନଙ୍କ ଅସୁସ୍ଥତା ସନ୍ଦେହଜନକ ଖାଦ୍ୟ ବିଷାକ୍ତତା ଯୋଗୁଁ ହୋଇଥିବା ଅନୁମାନ କରାଯାଉଛି । ମଣିପୁରରେ ସୁରକ୍ଷା ବାହିନୀ ଚାନ୍ଦା ଆଦାୟ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗରେ ନିଷିଦ୍ଧ ସଂଗଠନ ସହିତ ଜଡିତ ଦୁଇଜଣ ଉଗ୍ରବାଦୀଙ୍କୁ ଗିରଫ କରିଛି, ପୋଲିସ ବୁଧବାର ଦିନ ଏହା କହିଛି। ପୋଲିସ ବିବୃତ୍ତି ଅନୁଯାୟୀ, ମଙ୍ଗଳବାର ଦିନ ରାଜ୍ୟ ପୋଲିସ କମାଣ୍ଡୋଙ୍କ ଏକ ଦଳ ଇମ୍ଫାଲ ପଶ୍ଚିମ ଜିଲ୍ଲାର ସିଂଜାମେଇ ଅଞ୍ଚଳରେ ଏକ ଅଭିଯାନ ଚଳାଇଥିଲେ ଏବଂ କାଙ୍ଗଲେଇପାକ୍ (PREPAK) ର ନିଷିଦ୍ଧ ପିପୁଲ୍ସ ରିଭୋଲ୍ୟୁସନାରୀ ପାର୍ଟିର ୩୯ ବର୍ଷୀୟ ସକ୍ରିୟ ସଦସ୍ୟ ଆହୋଙ୍ଗଶାଙ୍ଗବାମ୍ ପିଙ୍କୁମଣି ସିଂହଙ୍କୁ ଗିରଫ କରିଥିଲେ।

### ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା

## କେହି ବି ନ୍ୟାୟପାଳିକାକୁ ଡରାଇ କିମ୍ବା ଧମକାଇ ପାରିବେନି



**ନୂଆଦିଲ୍ଲୀ,୧୫।୧୦:** ଏସଆଇରକୁ ନେଇ ବିରୋଧିଙ୍କ ଚାଲିଛି ଆନ୍ଦୋଳନ। ଏହାକୁ ନେଇ ଇଣ୍ଡି ମେଣ୍ଟ ସହ ଅନ୍ୟ ଦଳ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଛି। ଏହାକୁ ନେଇ ନିକଟରେ ରାହୁଲ ଗାନ୍ଧୀ ଏବଂ ବିରୋଧି ଦଳ ନେତାମାନେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାର କରିଥିଲେ। ଏବେ ଏହାକୁ ନେଇ ରାହୁଲ ଗାନ୍ଧୀଙ୍କୁ କଡା ଭର୍ତ୍ସନା କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ପ୍ରଧାନ ବିଚାରପତି ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ଏଭଳି ନୁହେଁ ସେ ବାସ୍ତବିକତା କ'ଣ ତାହା ଜାଣିନାହାନ୍ତି। ସେ କହିଛନ୍ତି, କେହି ବି ନ୍ୟାୟପାଳିକାକୁ ଡରାଇ କିମ୍ବା ଧମକାଇ ପାରିବେନି।'ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ଆମେ କୌଣସି ଉଚ୍ଚ ମହଲାରେ ବସିଥିବା ବ୍ୟକ୍ତି ନୁହେଁ। ଆମକୁ ଜଣା ଅଛି ବାହାରେ କ'ଣ ବୟାନ ଦେଉଛନ୍ତି ଆଉ କୋର୍ଟରେ କ'ଣ କହୁଛନ୍ତି। ଆମକୁ ସବୁ ଜଣାଅଛି। ଚିଫ୍ ଜଷ୍ଟିସ୍ ରାହୁଲ ଗାନ୍ଧୀଙ୍କ ପକ୍ଷରୁ କୋର୍ଟରେ ହାଜର ହୋଇଥିବା ଓକିଲ କପିଲ ସିବଲ୍ କହିଛନ୍ତି, ନୋଟିସ୍ ଜାରି କରିବାର ଅର୍ଥ ଏହା ନୁହେଁ ଯେ, ଆମେ କୌଣସି ଜିନିଷକୁ ନିନ୍ଦା କରୁଛୁ। କିନ୍ତୁ ଏହା ପୂର୍ବରୁ ଏକ ଆପତ୍ତି ରହିଛି। ଆମେ ପରବର୍ତ୍ତୀ ଶୁଣାଣିର ତାରିଖ ଉପରେ ଆବେଦନକାରୀଙ୍କ ଭିତରୁ ଜଣଙ୍କୁ ତାଙ୍କ ବ୍ୟବହାର ବିଷୟରେ ପଚାରିବାକୁ ଚାହିଁବୁ।' ଉଲ୍ଲେଖନୀୟ ଯେ, ରାହୁଲ ଗାନ୍ଧୀ ଓ ବିରୋଧି ଦଳଙ୍କର ଅନ୍ୟ ନେତାମାନେ ୧୨ ଅକ୍ଟୋବରରେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାର କରିଥିଲେ। ସେ ନିର୍ବାଚନ କମିଶନ୍‌ଙ୍କ ଦ୍ୱାରା ଚଳାଯାଇଥିବା ଏସଆଇଆର ପକ୍ରିୟାକୁ ଚ୍ୟାଲେଞ୍ଜ ଦେଇ ନିଜର ଆବେଦନପତ୍ର ପ୍ରଦାନ କରିଥିଲେ। ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରାଯାଇଥିଲା। ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ମଧ୍ୟ ନୋଟିସ୍ ଜାରି କରିଛନ୍ତି।

### ପାକିସ୍ତାନକୁ ରାଜନାଥଙ୍କ କଡ଼ା ଚେତାବନୀ

## ଭାରତୀୟଙ୍କୁ ଦୁର୍ବଳତା ବୋଲି ଭୁଲ୍‌ରେ ବି ଭାବନ୍ତୁନି

**ନୂଆଦିଲ୍ଲୀ, ୧୫।୧୦:** 'ଟାଇମ୍ସ ନେଟ୍‌ୱର୍କ'ର 'ନ୍ୟାସନାଲ ଡିଫେନ୍ସ କନକ୍ଲେଭ-୨୦୨୬'କୁ ସମ୍ବୋଧନ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ଭାରତ ସର୍ବଦା ଶାନ୍ତିର ପକ୍ଷଧାରୀ ରହିଛି, କିନ୍ତୁ ଏହାକୁ ଆମର ଦୁର୍ବଳତା ବୋଲି ଭୁଲ୍‌ରେ ବି ଭାବନ୍ତୁନି । ଶାନ୍ତି ବଜାୟ ରଖିବା ପାଇଁ ଶକ୍ତି ଏବଂ ସାମର୍ଥ୍ୟ ଉଭୟର ଆବଶ୍ୟକତା ରହିଛି । 'ଅପରେସନ ସିନ୍ଦୂର'ର ଉଲ୍ଲେଖ କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଏହି ସଂଘର୍ଷ ସମୟରେ ଭାରତୀୟ ସେନା ନିଜର ପରାକ୍ରମର ପରିଚୟ ଦେଇଛି । ପହଲଗାମ ଆକ୍ରମଣ ପରେ ଆମ ସେନା ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଦେଇଥିଲା । ପୂର୍ବରୁ ଆତଙ୍କବାଦୀ ଆକ୍ରମଣ ହେଲେ ପୂର୍ବ ସରକାରଗୁଡ଼ିକ ବିଶ୍ୱ ଦରବାରରେ କାନ୍ଦୁଥିଲେ, କିନ୍ତୁ ଆମେ ବର୍ତ୍ତମାନ କାନ୍ଦୁନାହୁଁ ବରଂ ଆତଙ୍କବାଦର ମୂଳପୋ କରୁଛୁ । ବର୍ତ୍ତମାନର ଯୁଦ୍ଧ କୌଶଳ ବଦଳି ଯାଇଛି ଏବଂ ଆମକୁ ହାଇପର ୱାର ଫେୟାରର ପ୍ରତ୍ୟେକ ରୂପ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ରାଜନାଥ ସିଂହ ମତବ୍ୟକ୍ତ କରିଛନ୍ତି । 'ଅପରେସନ ସିନ୍ଦୂର' ସମୟରେ ଆକାଶ, ଆକାଶ ତୀର ଏବଂ ବ୍ରହ୍ମୋସ ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୋଇଛି । ଏହାର ସଫଳତା ଭାରତୀୟ ଶିଳ୍ପଗୁଡ଼ିକ ଉପରେ ଥିବା ଆସ୍ଥାର ଏକ ପ୍ରମାଣ ।

# ପରାଜୟ ସମୀକ୍ଷା : ବୋଲରଙ୍କୁ ସମର୍ଥନ




ହାଇଦ୍ରାବାଦ,୧୫।୧୦(ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ଚତୁର୍ଥ ଟ୍ୱେଣ୍ଟି-୨୦ରେ ଭାରତ ୨୪ ରନ୍‌ରେ ହାରିବା ପରେ ୱିକେଟ୍‌କିପର ବ୍ୟାଟର୍ ସଞ୍ଜୁ ସାମ୍‌ସନ୍ ବୋଲରମାନଙ୍କୁ ସମର୍ଥନ କରିଛନ୍ତି। ପରାଜୟର ମୁଖ୍ୟ ଟର୍ଣ୍ଣିଂ ପଏଣ୍ଟ ହେଉଛି ତିଳକ ବର୍ମାଙ୍କ ଆଉଟ୍ ବୋଲିଂ ସେ ମ୍ୟାଚ୍ ପର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ସାଇ ହୋପଙ୍କ (୫୦ ବଲ୍‌ରୁ ୧୦୨*) ଶତକ ବଳରେ ୨୪୭/୩ କରିଥିଲା।

ଜବାବରେ ଭାରତ ଭଲ ଆରମ୍ଭ କରିଥିଲେ ମଧ୍ୟ କେମୋ ପଲ୍‌ଙ୍କ ୫ ୱିକେଟ୍ ସଫଳ ଯୋଗୁଁ ୧୯.୩ ଓଭରରେ ୨୨୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ଟ୍ୱେଣ୍ଟି-୨୦ ଶୃଙ୍ଖଳା ୨-୨ ସାମନ ସ୍ଥିତିରେ ରହିଛି। ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ୍ ଶନିବାର ବେଙ୍ଗାଲୁରୁରେ ଖେଳାଯିବ। ସାମ୍‌ସନ୍ କହିଛନ୍ତି, ଯଶ୍‌ପ୍ରୀତ ବୁମ୍‌ରାଙ୍କ ବିକଳ୍ପ ବୋଲର ଆମ ପାଖରେ ନାହାନ୍ତି। ଏମିତି ବୋଲର ଗୋଟିଏ ପିଢ଼ିରେ ଜଣେ ହିଁ ଥା'ନ୍ତି।

ସଂପ୍ରତି ଅର୍ଶଦୀପ ସିଂହ ଭଲ କରି ଆସୁଛନ୍ତି, ପ୍ରିନ୍ସ ଯାଦବଙ୍କ ପ୍ରଦର୍ଶନ ଗତ କିଛି ମ୍ୟାଚ୍‌ରେ ଆଶାଜନକ ରହିଛି। ଆମ ପାଖରେ ପ୍ରତିଭା ଅଛନ୍ତି। ଅଧିକ ମ୍ୟାଚ୍ ମିଳିଲେ ଆହୁରି ଭଲ କରିପାରିବେ। ହୋପ୍ ବିଆ ଖେଳିଲେ। ସେ ପ୍ରତ୍ୟେକ ମ୍ୟାଚ୍‌ରେ ଭଲ କରୁଛନ୍ତି। ତାଙ୍କୁ ଅଟକାଇବାକୁ ଆମର ରଣନୀତି ଜାରି ରହିଛି। ହାଇଦ୍ରାବାଦ ପିଚ୍‌ରେ ରନ୍ ବର୍ଷା ହେବ ବୋଲି ଆମେ ଜାଣିଥିଲୁ। ତାହା ମଧ୍ୟ ହେଲା।

ଆମର ଜିତିବାର ବି ଆଶା ଥିଲା। କେମୋ ପଲ ମୋତେ ଓ ଈଶାନଙ୍କୁ ଆଉଟ୍ କରିବା ପରେ ଇଣ୍ଡିଜ୍ ହାତକୁ ମ୍ୟାଚ୍ ଯାଇଥିଲା। ତିଳକ ବର୍ମା ଓ ନୀତୀଶ କୁମାର ରେଡ୍ଡୀ ପୁଣି ଭାରତକୁ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇଥିଲେ। ହେଲେ ଭାରତ ବିଜୟ ଦିଗରେ ଥିଲା ବେଳେ ତିଳକ ବର୍ମା ୨୫ ବଲ୍‌ରୁ ୪୩ ରନ୍‌ରେ ଆଉଟ୍ ହେବା ଦଳ ପାଇଁ ବଡ ଟର୍ଣ୍ଣିଂ ପଏଣ୍ଟ ହୋଇଥିଲା''।

ଶ୍ରେୟସ ଆୟର କହିଛନ୍ତି ଯେ ଭାରତୀୟ ବୋଲରମାନେ ସଠିକ୍ ଲାଇନ ଏବଂ ଲେନ୍ଥ ଖୋଜି ପାରିଲେ ନାହିଁ। ୨୫୦ ରନର ଟାର୍ଗେଟର ସମ୍ମୁଖୀନ ହେଲେ ଦଳକୁ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଖେଳିବାକୁ ପଡିବ। ସଞ୍ଜୁ ସାମସନ, ତିଳକ ବର୍ମା ଏବଂ ନୀତିଶ କୁମାର ରେଡ୍ଡୀ ଇନିଂସକୁ ସ୍ଥିର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଦଳ ନିୟମିତ ବ୍ୟବଧାନରେ ୱିକେଟ ହରାଇ ଚାଲିଥିଲା।

ମ୍ୟାଚ୍ ପରବର୍ତ୍ତୀ କାର୍ଯ୍ୟକ୍ରମ ସମୟରେ ଭାରତୀୟ ଅଧିନାୟକ ଶ୍ରେୟସ ଆୟର କହିଥିଲେ, ବୋଲିଂ ପରାଜୟର ମୂଳଦୁଆ ପକାଇଥିଲା। ମୁଁ ଭାବୁଛି ଆମେ ଲାଇନ ଏବଂ ଲେନ୍ଥକୁ ସଠିକ୍ ଭାବରେ ବ୍ୟବହାର କରିନଥିଲୁ। ଯେତେବେଳେ ଆପଣ ୨୫୦ ରନର ଟାର୍ଗେଟର ସମ୍ମୁଖୀନ ହେଉଛନ୍ତି, ଆପଣଙ୍କୁ ଏକ ନିର୍ଦ୍ଦିଷ୍ଟ ଉପାୟରେ ଖେଳିବାକୁ ପଡିବ। କିନ୍ତୁ ଦୁର୍ଭାଗ୍ୟବଶତଃ, ଆମେ ଆମର ବୋଲିଂ ଯୋଜନା କାର୍ଯ୍ୟକାରୀ କରିପାରି ନଥିଲୁ।

ହାଇଦ୍ରାବାଦରେ ଭାରତୀୟ ବୋଲରମାନେ ସମ୍ପୂର୍ଣ୍ଣ ଭାବରେ ପରାସ୍ତ ହୋଇଥିଲେ। ଯିଏ ବୋଲିଂ କରିବାକୁ ଆସିଥିଲେ ତାଙ୍କୁ ଲଗାତାର ଚୌକା ଏବଂ ଛକା ଲାଗିଥିଲା। ମୟଙ୍କ ଯାଦବ ଏବଂ ଅର୍ଶଦୀପ ସିଂହ ମିଳିତ ଭାବରେ ଆଠ ଓଭରରେ ୧୦୪ ରନ୍ ଦେଇଥିଲେ। ନମନ ଧୀର କେବଳ ଗୋଟିଏ ଓଭର ବୋଲିଂ କରିଥିଲେ ଏବଂ ୧୯ ରନ ଦେଇଥିଲେ। ପ୍ରିନ୍ସ ଯାଦବ, ଅକ୍ଷର ପଟେଲ ଏବଂ ନୀତିଶ କୁମାର ରେଡ୍ଡୀ ମଧ୍ୟ ବହୁତ ମହଙ୍ଗା ପ୍ରମାଣିତ ହୋଇଥିଲେ। ଝଷକ୍ସରଙ୍ଗବସ୍ମ ଓଙ୍ଗରକ୍ସ ଝସ୍ମବସ୍ମର-ଙ୍କରଭସ୍ମ: ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ବଡ଼ ବୟାନ ଦେଲେ ଶ୍ରେୟସ ଆୟର । ଭାରତ ୯ମ ଓଭରରେ ୧୦୦ ରନ୍‌ର ଅଙ୍କ ଅତିକ୍ରମ କରିଥିଲା। ୧୭ ଓଭରରେ ୨୦୦ ରନ୍ ହୋଇଥିଲା, ଯେଉଁଥିରେ ତିଳକ ବର୍ମା ଏବଂ ନୀତିଶ କୁମାର ରେଡ୍ଡୀଙ୍କ ଭଳି ଦୁଇ ପ୍ରତିଷ୍ଠିତ ବ୍ୟାଟ୍ସମ୍ୟାନ ଥିଲେ। ଭାରତକୁ ଶେଷ ୧୮ ବଲ୍‌ରେ ୪୮ ରନ୍ ଆବଶ୍ୟକ ଥିଲା। ଶାମର ସ୍ପ୍ରିଙ୍ଗରଙ୍କ ୧୮ତମ ଓଭର ସବୁକିଛି ବଦଳାଇ ଦେଇଥିଲା। ମାତ୍ର ୫ ରନ୍ ଦେଇଥିଲା। ତା'ପରେ ଚାପ ବଢ଼ିଥିଲା, ଯାହା ଫଳରେ ୧୯ତମ ଓଭରରେ ତିନୋଟି ୱିକେଟ ହରାଇବାକୁ ପଡିଲା- ନୀତିଶ ରେଡ୍ଡି, ଅକ୍ଷର ପଟେଲ ଏବଂ ପ୍ରିନ୍ସ ଯାଦବ। ଏଠାରେ ଭାରତୀୟ ବ୍ୟାଟିଂ ଧସେଇ ପତନ ଘଟିଥିଲା। ଏହି ଦୁଇଟି ଓଭର ସମଗ୍ର ଖେଳକୁ ଓଲଟାଇ ଦେଇଥିଲା।

## ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ନେଇ ବଢୁଛି ଉତ୍କଣ୍ଠା

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ଭାରତୀୟ ଦଳର ପରବର୍ତ୍ତୀ ମୁଖ୍ୟ ଚୟନକର୍ତ୍ତା କିଏ ହେବ ଏହା ସବୁଠୁ ବଡ ପ୍ରଶ୍ନ ହୋଇ ରହିଛି। ଅଜିତ ଅଗରକରଙ୍କ କାର୍ଯ୍ୟକାଳ ସରିବା ପରେ ଏହି ପଦ ଖାଲି ପଡିଛି। ଏଥିପାଇଁ ଆବେଦନ ପ୍ରକ୍ରିୟା ବି ବୁଧବାର ପୂରା ହୋଇ ସାରିଛି। ଏହା ମଧ୍ୟରେ ଅନୁମାନ କରାଯାଉଥିଲା ଯେ, ପାର୍ଥିବ ପଟେଲ ପରବର୍ତ୍ତୀ ମୁଖ୍ୟ ଚୟନକର୍ତ୍ତା ହୋଇ ପାରନ୍ତି। ମାତ୍ର ପାର୍ଥିବ ଚୟନ କମିଟିରେ ସାମିଲ୍ ହେବା ପାଇଁ ଆବେଦନ ହିଁ କରି ନାହାନ୍ତି। ଏମିତିରେ ବର୍ତ୍ତମାନ ପ୍ରଜ୍ଞାନ ଓଝା ଅନ୍ତରୀଣ ମୁଖ୍ୟ ଚୟନକର୍ତ୍ତା ପଦରେ ରହି ପାରନ୍ତି।

ଚୟନ କମିଟିରେ ୱେଷ୍ଟ ଜୋନରୁ ପଦ ଖାଲି ପଡିଥିଲା। ଆବେଦନ ପାଇଁ ବିସିସିଆଇ ଅକ୍ଟୋବର ୧୪ ପର୍ଯ୍ୟନ୍ତ ଡେଡଲାଇନ ଦେଇଥିଲା, ଯାହା ଏବେ ପୂରା ହୋଇ ସାରିଛି। ତେଣୁ ଏବେ ମୁଖ୍ୟ ଚୟନକର୍ତ୍ତା ପାଇଁ ବିସିସିଆଇ କେଉଁ ପଦକ୍ଷେପ ନେଉଛି ତାହା ଉପରେ ସଭିଙ୍କ ନଜର ରହିଛି। କାରଣ ଦିନିକିଆ ବିଶ୍ୱକପକୁ ବର୍ଷରୁ କମ ସମୟ ବାକି ରହିଛି।

ସମସ୍ତେ ଆଶା କରିଥିଲେ ଯେ, ପାର୍ଥିବ ପଟେଲ୍ ଚୟନ କମିଟି ପାଇଁ ଆବେଦନ କରିବେ। ହେଲେ ସେମିତି କିଛି ହୋଇ ନାହିଁ। ଫଳରେ ଏବେ ଚୟନ କମିଟିରେ ଭିଭିଏସ ଲକ୍ଷ୍ମଣଙ୍କ ଭୂମିକା ଅଧିକ ରହିପାରେ। ପୁଣି ଯେ ପର୍ଯ୍ୟନ୍ତ ଚୟନ କମିଟିରେ ପଞ୍ଚମ ପଦ ନିଯୁକ୍ତି ନ ହୋଇଛି, ସେ ପର୍ଯ୍ୟନ୍ତ ପ୍ରଜ୍ଞାନ ଓଝା ଅନ୍ତରୀଣ ମୁଖ୍ୟ ଚୟନକର୍ତ୍ତା ଭାବେ କାମ କରି ପାରନ୍ତି।

ବିସିସିଆଇ ସୂତ୍ର ମୁତାବକ, ଯଦି ଏବେ ଟିମ ଇଣ୍ଡିଆକୁ ନୂଆ ମୁଖ୍ୟ ଚୟନକର୍ତ୍ତା ମିଳେ ତେବେ ତାଙ୍କର ବିଚାର ବର୍ତ୍ତମାନ ଚୟନକର୍ତ୍ତାଙ୍କଠୁ ଭିନ୍ନ ରହିପାରେ। ଅନ୍ୟପଟେ ଭିଭିଏସ ଲକ୍ଷ୍ମଣଙ୍କ ବଢୁଥିବା ପ୍ରଭାବ କାରଣରୁ ବିସିସିଆଇ କାର୍ଯ୍ୟକୁ ସେହି ଢଙ୍ଗରେ ଚଳାଇ ପାରନ୍ତି, ଯେମିତି ଏବେ ଚାଲୁଛି।

## ଆଜିଠୁ ମନ୍ଧାନାଙ୍କ ଅଧିନାୟକ କ୍ୟାରିଅର ଆରମ୍ଭ

ରାୟପୁର,୧୫।୧୦:ଜିମ୍ବାୱେ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାରୁ ଭାରତର ନୂଆ ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଯୁଗ ଆରମ୍ଭ ହେବ। ଉଭୟ ଦେଶ ମଧ୍ୟରେ ପ୍ରଥମ ଥର ଖେଳାଯାଉଥିବା ଏହି ଦ୍ୱିପାକ୍ଷିକ ଶୃଙ୍ଖଳାର ଶୁକ୍ରବାରଠୁ ରାୟପୁରରେ ଖେଳାଯିବ। ଏସୀୟ ସ୍ତରରେ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତକୁ ଅନ୍ତର୍ଜାତୀୟ କ୍ରିକେଟ୍ (ଟ୍ୱେଣ୍ଟି-୨୦)ରେ ଆହୁରି ଆଗକୁ ବିବାର ରହିଛି। ଏସୀୟ କ୍ରୀଡାରେ ବିଜେତା ହୋଇଥିଲେ ମଧ୍ୟ ଲଗାତାର ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରୁ ବିଦାୟ ନେବା ଦଳର ଦୁର୍ବଳତାକୁ ପଦାରେ ପକାଇଛି। ଅଷ୍ଟ୍ରେଲିଆ ଭଳି ଦୃଢ଼ ଦଳକୁ ଚ୍ୟାଲେଞ୍ଜ ଦେବାକୁ ହେଲେ ଭାରତକୁ ୩ଟି ଯାକ ବିଭାଗ ବ୍ୟାଟିଂ, ଫିଲ୍ଡିଂ ଓ ବୋଲିଂରେ ଉନ୍ନତି କରିବାକୁ ପଡିବ।

ଗତ ବର୍ଷ ନିଜ ଦେଶରେ ଆୟୋଜିତ ମହିଳା ଦିନିକିଆ ବିଶ୍ୱକପ୍ ଜିତିଥିଲା ଭାରତ। ହେଲେ ଆସନ୍ତା ବର୍ଷ ଘରୋଇ ମାଟିରେ ହେବାକୁଥିବା ପ୍ରଥମ ମହିଳା ଚାମ୍ପିଅନ୍ସ ଟ୍ରଫି ଜିତିବା ଭାରତ ପାଇଁ ଆହ୍ୱାନଭରା ହୋଇପାରେ। ବ୍ୟାଟିଂରେ ସ୍ମୃତି ଓ




ଶେଫାଳି ଭଲ ଆରମ୍ଭ ଦେଉଥିଲା ବେଳେ ମଧ୍ୟଭାଗ ବ୍ୟାଟର୍ ଏହାକୁ ବଜାୟ ରଖିବାରେ ସଂଘର୍ଷ କରୁଛନ୍ତି।ତୃତୀୟ ସ୍ଥାନ ନେଇ ଅନିଶ୍ଚିତତା ଜାରି ଥିଲା ବେଳେ ପୂର୍ବତନ ଅଧିନାୟିକା ହରମନ୍‌ପ୍ରୀତ କୌରଙ୍କ ଫର୍ମ ଚିନ୍ତା ବାଢ଼ାଉଛି। ରିଚା ଘୋଷଙ୍କୁ ସହଯୋଗ କରିବାକୁ ନିମ୍ନ କ୍ରମରେ ଭାରତକୁ ଅଧିକ ପାୱାର ହିଟର ଆବଶ୍ୟକ ରହିଛି। ଜିମ୍ବାୱେ ଶୃଙ୍ଖଳାରେ ଭାରତକୁ ଫିଲ୍ଡିଂରେ ଆହୁରି ଉନ୍ନତି କରିବାକୁ ପଡିବ। ଦ୍ରୁତ ବୋଲିଂରେ ନନ୍ଦିନୀ ଶର୍ମା ଏବଂ ସ୍ପିନ୍‌ରେ ଶ୍ରୀ ଚରଣୀ ଓ ଦୀପ୍ତି ଶର୍ମାଙ୍କୁ ନେଇ ଦଳ ଦୃଢ଼ରହିଛି।ଅନ୍ୟପକ୍ଷରେ ପ୍ରଥମ ଥର ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିବାକୁ ଭାରତ ଗସ୍ତରେ ଆସିଥିବା ଜିମ୍ବାୱେ ଗତ ମାସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳା ୧-୨ରେ ହାରିଥିଲେ ମଧ୍ୟ ଗୋଟିଏ ମ୍ୟାଚ୍ ଜିତିଛି ମନୋବଳକୁ ଦୃ ରଖିଛି। ଯୋଶେଫିନେ ଏନ୍‌କୋମୋଙ୍କ ନେତୃତ୍ୱାଧୀନ ଜିମ୍ବାୱେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ରାୟପୁରରେ ଖେଳିବା ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ୨୩ରୁ ବଡଦୋରାରେ ଖେଳିବ।

## ଫେଡେରର୍ ୧୬ ବର୍ଷ ବୟସ ଯାଏ ଶାକାହାରୀ ଥିଲେ

ନ୍ୟୁପୋର୍ଟ: ସ୍ୱିଜରଲାଣ୍ଡ ଟେନିସ୍ କିଂବଦନ୍ତି ରୋଜର ଫେଡେରର୍ ୧୬ ବର୍ଷ ବୟସ (ଯୁବାବସ୍ଥା) ପର୍ଯ୍ୟନ୍ତ ଶାକାହାରୀ ଥିଲେ। ଏହି କଥା ନିଜେ କହିଛନ୍ତି ଫେଡେରର୍। ଗତ ଅଗଷ୍ଟ ମାସରେ ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସାମିଲ ହେବ ଅବସରରେ ୨୦ ଗ୍ରାଣ୍ଡ ସ୍ଲାମ୍ ବିଜେତା ଫେଡେରର୍ ଏହି ସମ୍ମାନକୁ ଶ୍ରେଷ୍ଠ କହିବା ସହ ନିଜ ଜୀବନ କାହାଣୀ ବଖାଣିଥିଲେ। ରେକର୍ଡ ୮ ଥରର ଏହି ୱିମ୍ବଲଡନ୍ ବିଜେତା କହିଥିଲେ, ''ଖ୍ୟାତି ଅର୍ଜନ କରିବା ମୋର ମୂଳ ଲକ୍ଷ୍ୟ ନଥିଲା। ନିଜ ପସନ୍ଦ କାମକୁ ପାଉଥିବା ଲୋକଙ୍କ ସହ ଜୀବନ ବିତାଇବା ମୁଖ୍ୟ ଉଦ୍ଦେଶ୍ୟ ଥିଲା।''



ନିଜ ପସନ୍ଦର ଖାଦ୍ୟକୁ ନେଇ ସେ କହିଥିଲେ, ''ମୁଁ ପିଲା ବେଳୁ ଶାକାହାରୀ ଥିଲି। ୧୬ ବର୍ଷ ପର୍ଯ୍ୟନ୍ତ ଆମିଷ ଖାଉ ନଥିଲି। ୧୯୯୮ରେ ପ୍ରଥମ ଥର ସ୍ୱିଜରଲାଣ୍ଡ ଡେଭିସ୍ କପ୍ ଦଳରେ ସ୍ଥାନ ପାଇଥିଲି। ଏହି ସମୟରେ ସାଥୀଙ୍କ ସହ ରେଷ୍ଟୋରାଁରେ ଖାଇବା ବେଳେ ଏଥିରେ ମୋର ପରିବର୍ତ୍ତନ ହୋଇଥିଲା। ଏହି ପରିବର୍ତ୍ତନରେ ସାଥୀ ଖେଳାଳି ମାର୍କ ରୋସେଟ୍‌ଙ୍କ ଅବଦାନ ଅଧିକ ଥିଲା। ମୁଁ ରେଷ୍ଟୋରାଁ ପହଞ୍ଚି ଭାତ ଓ ସାଲାଡ ଅର୍ଡର କରିଥିଲି।

ଏହା ଦେଖି ରୋସେଟ୍ କହିଥିଲେ, 'ଏହା ଏକ ଷ୍ଟେକ୍ ରେଷ୍ଟୋରାଁ (ଆମିଷ ଭୋଜନାଳୟ), ଏଠାରେ ତୁମକୁ ଶାକାହାରୀ ଖାଦ୍ୟ ଭଲ ମିଳିବ ନାହିଁ।' ଏହା କହି ରୋସେଟ୍ ମାଂସ ଉପରେ ୧୦ ପ୍ରକାରର ଖାଦ୍ୟ ଅର୍ଡର କଲେ। ଏଥିରୁ ମୋତେ କିଛିଟା ଭଲ ଲାଗିଥିଲା ଏବଂ ମାଂସ ଖାଇବା ଏହିଠାରୁ ଆରମ୍ଭ କରିଥିଲି। ଶାକାହାରୀ ଜୀବନର ଅନ୍ତ ଘଟିଥିଲା। ମାଂସ ଖାଉଥିଲେ ମଧ୍ୟ ମାଛ ମୋତେ ଭଲ ଲାଗୁ ନଥିଲି। ମୋ ପତ୍ନୀ ମିର୍କା ମାଛର ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପରଷି ଏହାକୁ ପସନ୍ଦ ତାଲିକାରେ ଯୋଡିଥିଲେ।''

## ମୋରଡା ରେ ଜିଲ୍ଲାସ୍ତରୀୟ ହକି କ୍ରୀଡା

ମୟୁରଭଞ୍ଜ୧୫।୧୦(ଏଜେନ୍ସି): ମାରଡା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢେଇଗାଁ ଖେଳ ପଡିଆ ଠାରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ ବାଳକ ଓ ୧୪ ବର୍ଷରୁ କମ ବାଳିକା ବର୍ଗର ହକି କ୍ରୀଡା ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କ ମାର୍ଗଦର୍ଶନ ରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଲୋଚନା ମଙ୍ଗରାଜ ଙ୍କ ପୌରହିତ ରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର



ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ ରୁ ୧୨୦ ଜଣ ଉକ୍ତ ଖେଳ ରେ ଭାଗ ନେଇଥିଲେ । ୧୭ ବର୍ଷରୁ କମ ବାଳକ ମଧ୍ୟରୁ ମୋରଡା ବ୍ଲକ ଚଢେଇଗାଁ ବିଦ୍ୟାଳୟ ରୁ ୮ ଜଣ ଜାମଦା ବ୍ଲକ ରୁ ଜଣେ , ରାଇରଙ୍ଗପୁର ବ୍ଲକ ରୁ ଦୁଇ ଜଣ, ଖୁଣ୍ଟା ବ୍ଲକ ରୁ ଦୁଇ ଜଣ, ବଡ଼ସାହି ବ୍ଲକ ରୁ ଜଣେ, ବାଙ୍ଗିରିପୋଷି ରୁ ଜଣେ ଚୟନ ହୋଇଥିବା ବେଳେ ୧୪ ବର୍ଷରୁ କମ ବାଳିକା ବର୍ଗର ହକି କ୍ରୀଡା ରେ ମୋରଡା ବ୍ଲକ ଚଢେଇଗାଁ ବିଦ୍ୟାଳୟ ରୁ ୮ ଜଣ , ବାଙ୍ଗିରିପୋଷି ରୁ ଦୁଇ ଜଣ, ଖୁଣ୍ଟା ରୁ ତିନି ଜଣ, ବାରିପଦା ରୁ ଜଣେ ଓ ବଡ଼ସାହି ବ୍ଲକ ରୁ ଜଣେ ଲେଖାଏଁ ଚୟନ ହୋଇଛନ୍ତି ।କୃତି ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ମାସରେ ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ରାଜ୍ୟସ୍ତରୀୟ ହକି କ୍ରୀଡା ପ୍ରତିଯୋଗିତା ରେ ଯୋଗ ଦେବେ।

## ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍ ଫାଇନାଲରେ ଯଦୁପୁର ବ୍ଲାଷ୍ଟରର୍ସ୍

ଖୋର୍ଦ୍ଧା,୧୫।୧୦(ଏଜେନ୍ସି): ଖୋର୍ଦ୍ଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆ ରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍ ର ଆଜିର ଅଷ୍ଟମ ଦିବସ ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରେ ଗୁରୁଜଙ୍ଗ ଡେୟାରବୁଲ୍ସ ଦଳ ଯଦୁପୁର ବ୍ଲାଷ୍ଟରସ୍ କୁ ଭେଟିଥିଲା ।ଟସ୍ ରେ ବିଜୟ ଲାଭ କରି ଯଦୁପୁର ବ୍ଲାଷ୍ଟରସ୍ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା ।ପ୍ରଥମେ ବ୍ୟାଟିଂ କରି ଯଦୁପୁର ଦଳ ୨୦ ଓଭର ରେ ୯ଟି ୱିକେଟ ହରାଇ ୧୭୦ସଂଗ୍ରହ ରନ୍ କରିଥିଲା ।ଦଳ ପକ୍ଷରୁ ଜିତେନ୍ଦ୍ର ଦାସ ବିସ୍ଫୋରକ ବ୍ୟାଟିଂ କରି ୭୦ ରନ୍ କରିଥିଲେ ।ଗୁରୁଜଙ୍ଗ ଦଳ ପକ୍ଷରୁ ପ୍ରଦ୍ୟୁମ୍ନ ସାହୁ ୪ ଓଭର ରୁ ୫ ରନ ଦେଇ ୫ ଟି ୱିକେଟ ହାସଲ କରିଥିଲେ ।ଜବାବ୍ ରେ ଗୁରୁଜଙ୍ଗ




ଡେୟାରବୁଲସ୍ ଦଳ ୨୦ ଓଭରରେ ୯ଟିୱିକେଟ ହରାଇ ୧୬୮ ରନ୍ ସଂଗ୍ରହ କରି ୦୨ ରନରେ ପରାସ୍ତ ହୋଇଥିଲା ଯଦୁପୁର ପକ୍ଷରୁ ଜିତେନ୍ଦ୍ର ଦାସ ୪ ଟି ୱିକେଟ ଅକ୍ତିଆର କରିଥିଲେ। ଅଲ ରାଉଣ୍ଡ ପ୍ରଦର୍ଶନ କରିଥିବା ଜିତେନ୍ଦ୍ର ଦାସ ଙ୍କୁ ଅତିଥି ଜ୍ୟୋତି ରଞ୍ଜନ ଖାଡ଼ଙ୍ଗା ଓ ସୁଗ୍ୟାନ ଦାସ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚ୍ କୁ ଜୟନ୍ତ ମାର୍ଥା,ସୋଭାକର ପାତ୍ର ଓ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ ।ସେହିପରି ଭାଷ୍ୟକାର ଭାବରେ ଏସ.କେ କାସିମ୍,ରାଜେନ୍ଦ୍ର ବେହେରା ଓ ବୁଦ୍ଧଦେବ ମହାରଣା ଓ କ୍ୟାମେରାମ୍ୟାନ ଭାବରେ ସୁରେନ୍ଦ୍ର ଓ ପପୁ କାର୍ଯ୍ୟ ତୁଲାଇଥିଲେ। ୧୬/୧୦/୨୬ ଶୁକ୍ରବାର ମିଳନ ଯୁଥ୍ କ୍ଲବ୍ ମୁକୁନ୍ଦପ୍ରସାଦ ବନାମ ବି ଏସ ଏ ଭାଲିଆବାଡ଼ି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।

## ଆଇଟିଏଫ୍ ଏମ୍‌ଟି୨୦୦ ଟେନିସ୍

## ଅଂଶୁ, ପୂଜାଶ୍ରୀ ବିଜେତା

ଭୁବନେଶ୍ୱର: ଓଡିଶାଟେନସ୍ ସଂଘ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ୍ କମ୍ପ୍ଲେକ୍ସଠାରେ ଆୟୋଜିତ ଆଇଟିଏଫ୍ ଏମ୍‌ଟି୨୦୦ ଟେନିସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୩୦ରୁ ଅଧିକ ବୟସରେ ଓଡିଶାର ଅଂଶୁ ଭୂୟାଁ ଓ ପୂଜାଶ୍ରୀ ବରାଳ ଯଥାକ୍ରମେ ପୁରୁଷ ଓ ମହିଳା ଏକକ ବର୍ଗରେ ବିଜେତା ହୋଇଛନ୍ତି। ଅନ୍ୟ ବୟସ ବର୍ଗ ଏକକରେ ଗୋବିନ୍ଦ ବିଶ୍ୱାସ (୩୫+), ସନ୍ଦୀପ ପାୱାର (୪୦+), ଡାନିଏଲ୍ ଉସ୍ଥାଲ୍‌ଜ (୪୫+), ଅଜୟ ନିଶଙ୍କ (୫୦+), ଆୟାସାମି ଏଲାଗୁରୁଗୁ (୫୫+), ବିନୋଦ ସେଠ (୬୦+), ଅଶୋକ ରାୟ (୬୫+) ଓ ମୁର୍ଥାତି ସୁରେଶ ପେଣ୍ଡଲି (୭୦+) ବିଜେତା ହୋଇଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର



ପୁରୁଷ ଓ ମିଶ୍ରିତ ଯୁଗଳ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୩ ଇଭେଣ୍ଟରେ ୧୩୨ ଖେଳାଳି ଅଂଶ ଗ୍ରହଣ କରିଥିଲା ବେଳେ ୭ଟି କୋର୍ଟରେ ମୋଟ ୧୩୯ ମ୍ୟାଚ୍ ଖେଳାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଓଡିଶା ଟେନିସ ସଂଘ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସଞ୍ଜୀବ ପଣ୍ଡା, ଉପସଭାପତି ସତ୍ୟଜିତ ମହାନ୍ତି, ଆଇଟିଏଫ୍ ପ୍ରତିଯୋଗିତା ପର୍ଯ୍ୟବେକ୍ଷକ ତେଜଲ କୁଲକର୍ଣ୍ଣି ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ପାକିସ୍ତାନ ଖେଳାଳି ଥିବା ଦଳରେ ନାଁ ଥିବାରୁ ଧାୱନ କ୍ରୋଧିତ

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ପୂର୍ବତନ ଭାରତୀୟ ଓପନର୍ ଶିଖର ଧାୱନଙ୍କ ନାଁ ବିଶ୍ୱ ଟ୍ୱେଣ୍ଟି-୨୦ କଣ୍ଟିନେଣ୍ଟ କପ୍‌ରେ ପାକିସ୍ତାନ ଖେଳାଳିଙ୍କ ଥିବା ଦଳରେ ରହିଛି। ଏହାକୁ ନେଇ ଧାୱାନ କ୍ରୋଧିତ ହେବା ସହ ଆୟୋଜକଙ୍କ ନାଁରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଧାୱନ ଏହି ଘଟଣାକୁ ନେଇ ଆୟୋଜକଙ୍କୁ ସମାଲୋଚନା କରିବା ସହ ତାଙ୍କ ଅଂଶଗ୍ରହଣ ସମ୍ପର୍କରେ କୌଣସି ମିଥ୍ୟା ଖବର ପ୍ରଚାର ନ କରିବାକୁ ଗଣମାଧ୍ୟମ ଓ ପ୍ରଶଂସକଙ୍କୁ ଅନୁରୋଧ କରିଛନ୍ତି।

ଏକାଧିକ ପାକିସ୍ତାନୀ ଖେଳାଳିଙ୍କୁ ନେଇ ଗଠିତ ଏସିଆ ୱାରିୟର୍ସ ଦଳରୁ ଧାୱନ ଖେଳିବେ ବୋଲି ଆୟୋଜକ ପକ୍ଷରୁ ସାମାଜିକ ଗଣମାଧ୍ୟମରେ




ପୋଷ୍ଟ କରିଥିଲା।

ଏହାକୁ ନେଇ 'ଏକ୍ସ'ରେ ଧାୱନ ଲେଖିଛନ୍ତି, "ବିଶ୍ୱ ଟ୍ୱେଣ୍ଟି-୨୦ କଣ୍ଟିନେଣ୍ଟ କପ୍‌ର ଅଂଶଗ୍ରହଣକାରୀ ତାଲିକାରେ ମୋ ନାଁ ଥିବା ଦେଖିବାକୁ ପାଇଛି। ବିନା ଅନୁମତିରେ ଆୟୋଜକମାନେ ମୋ ନାଁ ବ୍ୟବହାର କରିଛନ୍ତି। ଏହା ଉପରେ ମୁଁ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବି। ଗଣମାଧ୍ୟମକୁ ଅନୁରୋଧ ଏହି ଖବର ପ୍ରସାରଣ କରନ୍ତୁନି।'' ଏସିଆ ୱାରିୟର୍ସ ଦଳରେ ଧାୱାନଙ୍କ ବାଦ୍ ପୂର୍ବତନ ଭାରତୀୟ ଖେଳାଳି ରାହୁଲ ଶର୍ମା, ଗୁରକିରଟ ସିଂହ ମାନ୍ ଓ ଅଭିମନ୍ୟୁ ମିଥୁନଙ୍କ ମଧ୍ୟ ରହିଛନ୍ତି। ଧାୱନଙ୍କ ନେତୃତ୍ୱରେ ଗଠିତ ଏହି ୨୪ ଜଣିଆ ଦଳରେ ସୋହେଲ ତନବୀର, ଇଫ୍‌ତିଖାର ଅହମ୍ମଦ ଓ ମହମ୍ମଦ ଇମ୍ରାନ ଖାନ୍‌ଙ୍କ ସମେତ ଅନେକ ପାକିସ୍ତାନୀ ଖେଳାଳି ରହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୫ରେ 'ଅପରେସନ୍ ସିନ୍ଦୁର' ସମୟରେ ପାକିସ୍ତାନକୁ ଧାୱନ ସମାଲୋଚନା କରିଥିଲେ।

## ଛକାରେ ବିଶ୍ୱ ରେକର୍ଡ କଲେ ଅଭିଷେକ

ନ୍ୟୁୟର୍କ, ୧୫।୧୦(ଏଜେନ୍ସି): ଟି୨୦ ଫର୍ମାଟରେ ଆଧିପାତ୍ୟ ଜାରି ରଖିଛନ୍ତି ଭାରତୀୟ ଦଳର ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା । ୱେଷ୍ଟ୍ ଇଣ୍ଡିଜ୍ ବିପକ୍ଷ ଚତୁର୍ଥ ଟି୨୦ରେ ସେ ଏକ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ବୁଧବାର ଅଭିଷେକ ୨୦୨୬ ବର୍ଷର ୬୯ତମ ଛକା ମାରିଥିଲେ । ଏହାସହ ସେ ଏକ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା ଲଗାଇଥିବା ବ୍ୟାଟର ହୋଇଛନ୍ତି । ଏହାଦ୍ୱାରା ଅଭିଷେକ ସୂର୍ଯ୍ୟକୁମାରଙ୍କ ୬୮ ଛକାର ରେକର୍ଡ ଭାଙ୍ଗି ଦେଇଛନ୍ତି ।୨୦୨୨ରେ ସୂର୍ଯ୍ୟ କୁମାର ଯାଦବ ୬୮ଟି ଛକା ଲଗାଇଥିଲେ । ଯାହାକୁ ଅଭିଷେକ ୬୯ଟି ଛକା ଲଗାଇ ଭାଙ୍ଗି ଦେଇଛନ୍ତି । ଚଳିତ ବର୍ଷ ଭାରତ ଆଉ ୬ଟି ଟି୨୦ ମ୍ୟାଚ୍ ଖେଳିବ । ତେଣୁ ଛକା ଲଗାଇବାରେ ସେ ଶତକ ଛୁଇଁବେ ବୋଲି ଅନୁମାନ କରାଯାଉଛି ।ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା ଲଗାଇବାରେ ନିଜେ ତୃତୀୟ ସ୍ଥାନରେ ରହିଛନ୍ତି ଅଭିଷେକ ଶର୍ମା ।ସେ ୨୦୨୫ରେ ୫୪ଟି ଛକା ଲଗାଇଥିଲେ । ଚତୁର୍ଥ ସ୍ଥାନରେ ଇଶାନ କିଷାନ ରହିଛନ୍ତି । ସେ ୨୦୨୬ରେ ୫୨ଟି ଛକା ଲଗାଇଛନ୍ତି ।ଅନ୍ୟ ଦିଗରେ ଅଭିଷେକ ଟି୨୦ ଫର୍ମାଟରେ ୨୦୦୦ ରନ୍ କ୍ଲବରେ ସାମିଲ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରୋହିତ ଶର୍ମା ୪୨୩୧, ବିରାଟ କୋହଲି ୪୧୮୮, ସୂର୍ଯ୍ୟ କୁମାର ଯାଦବ ୩୨୭୨ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ୨୨୮୮ ଏବଂ କେଏଲ ରାହୁଲ ୨୨୬୫ ରନ୍ କରି ଏହି କ୍ଲବରେ ରହିଛନ୍ତି ।

## ବାଦ୍ ପଡିବେ ବୁମରା

ନୂଆଦିଲ୍ଲୀ,୧୫।୧୦(ଏଜେନସି): ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍ ପାଇଁ ଭାରତୀୟ ଦଳର ଘୋଷଣା ସରିଥିବାବେଳେ ବର୍ତ୍ତମାନ ଦିନିକିଆ ଏବଂ ଟେଷ୍ଟ ସ୍କ୍ୱାଡ୍ ଘୋଷଣାକୁ ଅପେକ୍ଷା କରାଯାଇଛି। ରିଷଭ ପନ୍ତ, ହର୍ଷିତ ରଣା ଏବଂ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଫିଟନେସ୍ ଅପଡେଟ୍ ମିଳିବା ପରେ ଆଗାମୀ ୨-୩ ଦିନ ମଧ୍ୟରେ ଦଳ ଘୋଷଣା ହେବାର ସମ୍ଭାବନା ରହିଛି। ଏସବୁ ଭିତରେ ଦ୍ରୁତ ବୋଲର ଜସପ୍ରୀତ ବୁମରାଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି ।ଦାବି କରାଯାଉଛି ଯେ, ଜସପ୍ରୀତ ବୁମରା ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବେ ନାହିଁ। ଟିମ୍ ମ୍ୟାନେଜମେଣ୍ଟ ଚାହୁଁଛି ଯେ ସେ ଏହି ଗସ୍ତରେ କେବଳ ଲାଲ୍ ବଲ୍ (ରେଡ୍ ବଲ୍) କ୍ରିକେଟ୍ ଅର୍ଥାତ୍ ଟେଷ୍ଟ ମ୍ୟାଚ୍ ଉପରେ ଅଧିକ ଧ୍ୟାନ ଦିଅନ୍ତୁ। ରିପୋର୍ଟ ମୁତାବକ, ବୁମରା ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି, କିନ୍ତୁ ୱେଲିଂଟନରେ ନଭେମ୍ବର ୧୯ରୁ ଆରମ୍ଭ ହେବାକୁଥିବା ଟେଷ୍ଟ ସିରିଜ୍ ପୂର୍ବରୁ ସେ 'ଇଣ୍ଡିଆ ଏ' ପକ୍ଷରୁ ତୃତୀୟ ଅଭ୍ୟାସ ମ୍ୟାଚ୍ ଖେଳନ୍ତୁ ବୋଲି ମ୍ୟାନେଜମେଣ୍ଟ ଚାହୁଁଛି। ବୁମରା ବର୍ତ୍ତମାନଠାରୁ ରେଡ୍ ବଲ୍ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ଏବଂ ଶୀଘ୍ର ବିସିସିଆଇର ସେଣ୍ଟର ଅଫ୍ ଏକ୍ସେଲେନ୍ସରେ ପହଞ୍ଚିବେ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର